୩୧୨

# ଗୋପୀନାଥ ମହାନ୍ତି

୦/୩୧୨

# ଦାଦି-ବୁଢ଼ା

ଶ୍ରୀ ଗୋପୀନାଥ ମହା

ନ 0/319

ନୂତନ ମୁଦ୍ରଣ
ଅକ୍ଟୋବର, ୧୯୫୮

ମୂଲ୍ୟ ଦୁଇ ଟଙ୍କା ମାତ୍ର
ଅତିରିକ୍ତ ନାହିଁ

ପ୍ରଚ୍ଛଦପଟ ଶିଳ୍ପୀ — ଶ୍ରୀ ବିନୋଦ ରାଉତରାୟ

ମୁଦ୍ରାକର — ପ୍ରଗତି ପ୍ରେସ୍, କଟକ-୨

ପ୍ରକାଶକ — ଶ୍ରୀମତୀ ଆଦରମଣି ଦେଈ,
କଟକ-୩

ପ୍ରାପ୍ତିସ୍ଥାନ — ଶାନ୍ତିନିବାସ ବାଣୀମନ୍ଦିର
ପୁରୀଘାଟ ରୋଡ୍, କଟକ-୧

ନୂତନ ମୁଦ୍ରଣ — ତା ୧୫ । ୧୦ । ୫୮

—ଏକନିଷ୍ଠ ସାହିତ୍ୟସେବୀ

**ଶ୍ରୀ ରାଜକିଶୋର ପଟ୍ଟନାୟକଙ୍କ**

କରକମଳରେ—

ନଂ... ୦/୩୮.୨
ତା.................

# ଶ୍ରୀଯୁକ୍ତ ଗୋପୀନାଥ ମହାନ୍ତିଙ୍କର ରଚନା

**ଉପନ୍ୟାସ**

୧। ପରଜା
୨। ଅମୃତର ସନ୍ତାନ
୩। ମନ ଗହିରର ଚାଷ
୪। ହରିଜନ
୫। ଶିବ ଭାଇ
୬। ଦୁଇ ପଥ
୭। ଶରତବାବୁଙ୍କ ଗଳି
୮। ସପନ ମାଟି
୯। ରାହୁର ଛାୟା
୧୦। ଦାନାପାଣି
୧୧। ମାଟିମଟାଳ
୧୨। ମନର ନିଆଁ
୧୩। ସବୁ ମଣିଷ

**ଗଳ୍ପ**

୧୪। ଘାସଫୁଲ
୧୫। ଛାଇ-ଆଲୁଅ

**ନାଟକ**

୧୬। ମହାପୁରୁଷ

**ଅନ୍ୟାନ୍ୟ**

୧୭। କନ୍ଧ ପରଜା ସ୍ତୋତ୍ର ଓ ସଙ୍ଗୀତ
୧୮। କୁଭି-କନ୍ଧ ଭାଷାତତ୍ତ୍ୱ
୧୯। ଗଦବା ଭାଷା

# ଦାଢ଼ି-ବୁଢ଼ା

— ୧ —

ସେଠି ଦୂରର ଦିଗ୍‌ବଳୟ ସେତେ ଦୂର ନୁହେଁ, ଯୁହିଁ ଦେଖିଲେ ଏପାଖେ ତିନପା ସେପାଖେ ତିନପା ବାଟକୁ ଆଖି ବାନ୍ଧି-ହୋଇ ରହେ । ତାହାର ଭିତରେ, ଚାରିପାଖେ ଗୋଲ ହୋଇ ସୁନ୍ଦର ପାହାଡ଼ ।

ପାହାଡ଼ ଉପରେ ପାହାଡ଼ ଖଞ୍ଜା ହୋଇ ଥୁଆହୋଇଛି, ତା ଉପରକୁ ତା ଉପରକୁ ଅସଂଖ୍ୟ ବିମାନଘର, ଆଉ ମଝି ଉପତ୍ୟକାକୁ ଗଡ଼ିପଡ଼ିଛି ସାନ ବଡ଼ କେତେ ପାହାଡ଼ର ନାସି, ତାହା ଉପରେ ସବୁଜ ଜଙ୍ଗଲ ।

ମଝିରେ ସେ ସୁନ୍ଦର ଉପତ୍ୟକା, ତାହାର ଭିତରେ ରୁପାର ଦୁଧ-ଧାରପରି ଖଳଖଳ ହୋଇ ଚାଲିଛି ମୁସନ୍ ନଈ, ପାହାଡ଼ ଦଶର ଏମୁଣ୍ଡରୁ ସେମୁଣ୍ଡ ।

ମଥା ଉପରେ ରାତିର ଚାନ୍ଦୁଆ, କଳା ପାହାଡ଼ର କାନ୍ଧେ କାନ୍ଧେ ପୂରିରହିଛି ଅନ୍ଧାର ଆଉ ତାରା, ପାହାଡ଼ ତାକୁ ବାନ୍ଧିରଖି ପାରୁ ନାହିଁ । 'ଲୁଛା' ଗାଁର ଗୋଲେଇ ଦେବା ପାହାଡ଼ । ନକ୍ଷତ୍ରିଆ ରାତିର ଆକାଶ ଆହୁରି ଦୂରକୁ ଚାଲିଛି ।

ସେଇ ଅନ୍ଧାରେ ଅନ୍ଧାରେ ପାହାଡ଼ ଖୋଲର ବାଟେ ବାଟେ ଲୁଛା ଗାଁର ପାଞ୍ଚ ଜଣ ଲୋକ ଖୋଲକୁ ଗଡ଼ିଲେ । ଦୁଇ ପାଖେ ଘନ ଜଙ୍ଗଲ । ବାଘର ରାଜ୍ୟ ।

ହାତରେ ଖଣ୍ଡେ ଖଣ୍ଡେ ନିଆଁ ଗୋଜଣା ହଲେଇ ହଲେଇ ଠାସୁକୁମରା ବାଟରେ ବାଡ଼ି ଠୁକୁଠୁକୁ କରି ସେମାନେ ଚାଲିଲେ, ଗାଁର ନାଇକ ରାମ ମୁଦୁଲି, ବାରିକ ଚାଁଟେର ଡମ, ଜାନ ହରିଜାନ ଓ ଖ୍ରୀଷ୍ଟାନ୍ ସାହିର ପ୍ରାଚୀନ—ଏଲପେ ସୁନ୍ଧା ।

ଉଞ୍ଚ ପାହାଡ଼ର ଖାଲପାଖକୁ ସେମାନେ ମଥାନରୁ ଓଡ଼ିଲେ । ହଠାତ୍ ଆଖି ବାନ୍ଧି ହୋଇଗଲା । ଚାରିପାଖର ବଳା ପିନ୍ଧା ପାହାଡ଼ରେ ଖାଲି ନିଆଁର ମଉଛବ—ପାହାଡ଼ରେ ନିଆଁ—କେଡ଼େ ସୁନ୍ଦର ! ସେପାଖ ପାହାଡ଼ରେ ଜଙ୍ଗଲର ବାଙ୍କୁଲି ଗାର ପରି ନିଆଁ ଖେଳି ବୁଲୁଛି । କେଉଁଠି ପାହାଡ଼କୁ ଗୋଲେଇ କରିଛି । କେଉଁଠି ଗାର ଗାର, ଏପାଖ ସେପାଖ ! ଅନ୍ଧାରରେ ପାହାଡ଼ ମିଶିଯାଇଛି । ଆକାଶ ଆଉ ପାହାଡ଼ ହୋଇଛି ଏକା, ଖାଲି ଯେପରି ଜରଠ ଜସ୍ତୁ-ଯୁଭ ନିଆଁ ଖେଳ ଅନ୍ଧାର ଦେହରେ କିଏ ଓହଲାଇ ଦେଇଛି, କେଉଁ ଅଜଣା ଯାଦୁକର—ଖାଲି ନିଆଁର ଫୁଲ, ନିଆଁର ଜଙ୍ଗଲି ଲଟା, ନିଆଁର ଅଳଙ୍କାର – କୋଣ କୋଣ – ଆକାଶରୁ ପାତାଳ – ପୂର୍ବରୁ ପଶ୍ଚିମ – ଅନ୍ଧାରରେ ଆଲୁଅର ପ୍ରକାଶ ।

ବଣର ମଣିଷ ଚାହିଁ ଦେଖିଲେ, ଦୂରରେ, ନିକଟରେ ବଣର ନିଆଁ ଆଉ ଖେଳ ସତେ ଯେପରି ଅନ୍ଧାର ଶୂନ୍ୟରେ !

ଫଗୁଣର ଶେଷ ସେତେବେଳକୁ । କୋରାପୁଟର ପାହାଡ଼ ମାଳରେ ଫିର ଘାସ ଶୁଖିଥାଏ । କୋରାପୁଟିଆ ବୁଟାର ଗହଳ ବୁଦା ଶୁଖିଥାଏ ।

ବଣର ଲୋକେ ଥକ୍କା ହୋଇ ଚାହିଁ ଦେଖିଲେ । ସବୁଦିନେ ଦେଖନ୍ତି, ତଥାପି ଯେଉଁଦିନ ହେଲେ ଲୁଙ୍ଗି ଖାଲକୁ ଗଡ଼ିଲେ ପାହାଡ଼ ନିଆଁର ଖେଳକୁ ଅଟକି ରହି ନ ଦେଖି ତଳକୁ ପାଦ ପକାଇ ହୁଏନାହିଁ ।

ଗୃଞ୍ଜେର ଡମ୍ ବାଟପାଖର ଶୁଖିଲା ଫିଶ ଜଙ୍ଗଲର କରକୁ ଯାଇ ନିଆଁ ଫୁଙ୍କିଲା, ଜଙ୍ଗଲରେ ନିଆଁ ଲଗାଇଲା, ରାମ ମୁଦୁଲି ଏପାଖେ, ହରଜାନ ସେପାଖେ। ଭୁଚ୍ଛା ଖେଳ ପାଇଁ, ଦାଉ ଦାଉ ନିଆଁ ଜଳିଲା, ନିଆଁ ଚହଟିଲା, ପଛେ ପଛେ ନିଆଁ ଲଗାଇ ଲଗାଇ ବନ୍ଧୁ ପାଞ୍ଚୋଟି ତଳକୁ ତଳକୁ ଓହ୍ଲାଇଲେ, ପାହାଡ଼ର ଢାଲୁଏ ଢାଲୁଏ।

ଟାଁ ପାଖ ହେବାରୁ ମୁହଁରେ ହସଫୁଟିଲା, ଆଲୁଅରେ ହସ-ଜମେ। ସାତପାଞ୍ଚ ବର୍ଷର ପଡ଼ିଲା,—ଅନ୍ଧାରରେ ଭାବନା ଧରେ। କଥା ପଡ଼ିଲା ରାତିର ଏ ବଣ ନିଆଁ, ଅନ୍ଧାରରେ ଝଗଟ ବିଜୁଳି ପରି। କିପରି ହୁଏ, କିଏ ତାକୁ କରେ, କିପରି ବା ସେ ଚହଟି ଯାଏ—ଆଉ ସୁନ୍ଦର ଦିଶେ ?

ଏଣ୍ଡ୍ରଓ ପ୍ରାଚୀନ୍ ବୁଢ଼ାଲୋକ। ଖ୍ରୀଷ୍ଟାନ୍ ହୋଇ କେତେ ଦିନ ଗଲାଣି। ବାପ ମା ଶରଧାରେ ନା ଦେଇଥିଲେ କୁମୁଟି, ପୁଅ କାଳେ ସମ୍ପତ୍ତି ଅରଜ ଧନୀ ହେବ, ଠିକ୍ କୁମୁଟି ପରି। ଏଣ୍ଡ୍ରଓ ବୁଝେଇଲା, ଦେଖ, ଆମେ ଲଗେଇବାରୁ ନିଆଁ ଜଳୁଚି ନା ମନକୁ ? ତୁମେ ପରଜା ଲୋକ କହିବ ଭୂତ ଲଗେଇଛି ନିଆଁ, ଡୁମା ଲଗେଇଚ, ସବୁ ମିଛ କଥା।

ଗୃଞ୍ଜେର ଡମ୍ ପାଳ ଧରିଲା, ହଁ ମିଛ କଥା, ଡୁମା ଫୁମା ମିଛ।

ହରଜାନ କହିଲା, ଏଠି ସିନା ଆମେ ଲଗେଇଛୁଁ, ହେଇ ଯେ କୋଣ କୋଣ ନିଆଁ ଲାଗିଛି ଆକାଶର ଅଧାଅଧି, କେଉଁ ମଣିଷ ସେଠିକୁ ଯାଇଥିଲା ନିଆଁ ଲଗେଇବାକୁ ? ସେଇ ସବୁ ଆମ ପୂର୍ବ-ପୁରୁଷ ମଲା-ଲୋକଙ୍କର କାମ। ସେମାନେ ଡୁମା। ସେମାନେ ସେଠି ନିଆଁ ଲଗାନ୍ତି।

ଗୁଞ୍ଜେର ଉମ୍ କହିଲା,—ସତ କଥା, ସେହିମାନେ ନିଆଁ ଲଗାନ୍ତି । ଉମା ନାହିଁ କ'ଣ ?

ପ୍ରାଚୀନ୍ କହିଲା, ସେଠି ବନରୁ ଲୋକେ ନିଆଁ ଲଗେଇ ଆସିଥିଲେ । ଘରରେ ମଧ୍ୟ ନିଆଁ ଲାଗିଯାଉଛି । ବନରେ ଲୋକେ ଯାଇଥିଲେ ସେଠିକ ଆମେ ଯେମିତି ଏବାଟେ ଯାଉଛେଁ ।

ରାମ ନାଇକ ପ୍ରତିବାଦ କରି କହିଲା । ଯାଉଥିଲେ, ତୁମେ ଦେଖିଛ ?

ପ୍ରାଚୀନ୍ କହିଲା, ଉମା ଲଗେଇଛି ତୁମେ ଦେଖିଛ ?

ହରି ଜାନି କହିଲା, କିଏ ନିଆଁ ଲଗେଇଚି ତୁମେ ଦେଖି ନା, ଆମେ ଦେଖି ନାହୁଁ । ତୁମେ ଭାବୁଛ ଲୋକେ ଲଗେଇଛନ୍ତି, ଆମେ ଭାବୁଛୁଁ ଉମା, ତୁମେ କାହିଁକି ଠିକ୍ କହିବ, ଆମେ କହିବୁ ଭୁଲ୍ ? ତୁମର ତୁମେ ଠିକ୍—ଆମର ଆମେ ।

ଗୁଞ୍ଜେର କହିଲା, ସତ କଥା ।

ରାମ ନାଇକ କହିଲା, ଉମା ନୁହେଁ ଆଉ କିଏ ଲଗେଇଚି ? ସେଇତ ଘର କଲା, ଚାଷ କଲା, ପାହାଡ଼ ଡଂଗର ସବୁ କଲା । ନିଆଁ ଲଗେଇବାକୁ ସେଇ ଏକା, ବରଷା ମାରିବାକୁ ସେଇ ଏକା—ଏ କ'ଣ ଆଜିର କଥା, ଆମ ବାପାର ବାପାର ଅଜାର ଅଜାର କାଳର କଥା । ତୁମେ ଉମ ଲୋକେ ବୁଝିବ ନାହିଁ । ତୁମର ସାହେବକୁ ଏମନ୍ତ ଘରରେ ଏଠି ଠିଆକରି ନିଆଁ ଦେଖାଇ କରି ପଚାର ସେ କିସ କହିବ—ଉମା ନାହିଁ ? ଏତେ ଲୋକ ମରୁଛନ୍ତି ସେମାନେ କିସ୍ ହେଉଛନ୍ତି ?

ଏଲଓ କହିଲା, ଆମର ଧର୍ମରେ ଏ ସବୁ ନାହିଁ ।

ରାମ ନାଇକ କହିଲା, ତୁମର ଧରମ ବେଶୀ ବୁଢ଼ା କି ମୁଁ ବେଶୀ ବୁଢ଼ା ଯେ ଜାଣିବ । ଏ ପାହାଡ଼କୁ ଯେତିକି ମତେ ସେତିକି,

ମୁଇଁ ମଲି, ଜନମ ହେଲା ମୋର ବାପ । ମୋ ଦାଦାର ବାପ ମଲା, ତାର ଉମା ମୁଁ ଜନମ ହୋଇଛି । ମୁଁ ମରିବି, ମୋର ଉମା ପୁଣି ପୁଅ ହେବ । ଯେତେବେଳଯାକେ ମଣିଷ ନ ହୋଇ ଉମା ଥିବି, ଡଙ୍ଗରେ ଡଙ୍ଗରେ ବୁଲୁଥିବି, ନିଆଁ ଲଗାଉଥିବି, ପବନ ହୋଇ ଗିଲିଁ ଗଛର ଫୁଲ ଝାଡୁଥିବି, ମେଘ ହୋଇ ଡଙ୍ଗର ଉପରେ ଗଛ ଉପୁଜାଉଥିବି, ଅନ୍ଧାର ହୋଇ ତାରା ଫୁଟାଉଥିବି । ମୁଇଁ ଜାଣିଛି । ତୋତେ କିଛି ଜଣା ନାଇଁ ।

ଏଲିଓ କହିଲା, ଆରେ ତୁ ସେମିତି ଖାଲି କହିବୁ । ଶାସ୍ତ୍ର ପଢ଼ିବୁ ନାହିଁ । କେତେ ଗୁଡ଼ା ପୁସ୍ତକମାନ ପାଷ୍ଟର ପଢ଼ିକରି ଶୁଣାଇ ଦେଉଛି, ଦେଖିବୁ ସେଥିରେ କିସ ଲେଖାଅଛି—

ରାମ ନାଇକ ବାଧାଦେଇ କହିଲା, ଦେଖିଛି, ସେ ଦିନେ ପାଷ୍ଟର ଆଣିଥିଲା ଗୋଟେ ପୁସ୍ତକ । ସେଠା ନୂଆଠା । ଧୋବ ଦିଶୁଛି, ନୂଆ ଖଦି ପରି । ଆମର ଦିଶାରି ଘର ପୋଥି ଦେଖିବୁ, ତାଳପତ୍ରର ପୋଥି । କେତେ କଥା ସେଥିରେ ଲେଖାଅଛି । ପାଗଯୋଗ କଥା, ଭଲ ଅସାର କଥା, କଏ କାହାର ଉମା ତାର କଥା, ସେଠା ପୁରୁଣାଠା, ସେଠା ଆଗ ଏ ପାହାଡ଼ ପରି, ଏ ଅନ୍ଧାର ପରି, ଏଠା ନୂଆଠା ।

ଏଲିଓ ପ୍ରାଚୀନ କହିଲା, ହଉ ଭାଇ, ତୋର ଧରମ ତତେ, ମୋର ଧରମ ମତେ, ଏତେ କଥା କାହିଁକି ?

ଚାଁଟେର ଉମ୍ କହିଲା,— ସତ କଥା ।

ତାପରେ କିଛି ସମୟ ଚୁପ୍‌ଚାପ୍ । ଗାଁର ଆଲୁଅ ପାଖ ହେଲା । ରାତିରେ ଯେଝାଯେଝା ଦାଣ୍ଡରେ ନିଆଁ ଜାଳି ଜୁଆପିଲା ବସିଥାନ୍ତି । କେବେ ମକା, କେବେ ଛେଳି ଚମଡ଼ା ପୋଡ଼ିକରି ଖାଆନ୍ତି । ଦୂରରୁ ଆଲୁଅ ଦିଶେ । ଗାଁର ଗନ୍ଧ, ଗାଁର ଧୂଳି, ଗାଁର

ଧୂଆଁ ଜଙ୍ଗଲର ଦୂର ବାଟୋଇ ମନରେ ଆଶ୍ୱାସ ଦିଏ, ମା ବୁଢ଼ୀର କୋଡର ପଣତ ପରି ।

ଗାଁ ପାଖ ହେଲା । ହଠାତ୍ ଗଛରୁ ପତ୍ର ଝଡ଼େଇ ଭୂଇଁ କମ୍ପେଇ ବଡ଼ ବାଘ ରଡ଼ିଗୁଡ଼ିଲା । ରଡ଼ି ଉପରେ ରଡ଼ି । ଏ ପାହାଡ଼ରୁ ସେ ପାହାଡ଼ ଗୁଞ୍ଜି ଥରେଇ ରକତ ପାଣି କରି ବାଘର ହେଣ୍ଟାଳ ଘଡ଼ଘଡ଼ ହୋଇ ଗଡ଼ିଗଲା । ବାଟୋଇ ପାଞ୍ଚୋଟି ଥକ୍କା ହୋଇ ଠିଆ ହୋଇଗଲେ, ଗାଁ ଧଡ଼ର ଝଂକା ଝଡ଼ିଗଛ ତଳେ ।

ଏଲଓ କହିଲା, ଏଇ ସେ ପାହାଡ଼ ଉପରେ ଯାଉଛି— ବଡ଼ ବାଘ ।

ହରି ଜାନି କହିଲା, ବାଘ ନୁହେ, ବାଘ-ଡୁମା ।

ରାମ ନାଇକ କହିଲା, କେତେ ଲୋକଙ୍କୁ ତ ବାଘ ଧରିଧରି ଖାଉଛି, କାହାର ଏ ଡୁମା ବୋବାଉଛି କେଜାଣି ?

ଚାଁଟେର ଉମ୍ କହିଲା, ବାଘ କି ବାଘଡୁମା କି ? ଘରି ଡର ଲାଗୁଛି ଏକା ।

ବନ୍ଧୁ ପାଞ୍ଚୋଟି ପୁଣି ଆଗେଇ ଚାଲିଲେ । ଗାଁରୁ ଡାକ ଆସିଲା,—କିଏ ଯାଉଚ ?

ଘର ପାଖ ହେଲା ।

—୨—

ତହିଁ ଆରଦିନ ରାମ ନାଇକ ପଞ୍ଚାଏତ୍ ଡାକିଲା ।

ଗୋଟିଏ ଝଂକା ବରଗଛ ମୂଳରେ ଗାଁର ସଦର ଦାଣ୍ଡ । ଚାରିପାଖେ ଖାଲି ଟୋକିଆ ଗୋଜିଆ ପଥର । ଯେତେ ପୁରୁଷ ମରନ୍ତି ପ୍ରତ୍ୟେକଙ୍କ ପାଇଁ ଖାଲି ସ୍ମୃତି ରଖିବା ଉଦ୍ଦେଶ୍ୟରେ ସିଧା ହୋଇ ଖଣ୍ଡିଏ ଲେଖା ପଥର ଆଉ ଯେତେ ସ୍ତ୍ରୀ ଲୋକ ମରନ୍ତି,

ପ୍ରତି ଜଣ ପାଇଁ ଚଟା ହୋଇ ଖଣ୍ଡେ ଲେଖା ପଥର ପୋତା ହୁଏ । ମଝିରେ ଏମୁଣ୍ଡୁ ସେମୁଣ୍ଡୁ କେତେଖଣ୍ଡ ପଥର ଚଟାଣ ପଡ଼ି ରହିଥାଏ, ବସି ପଞ୍ଚାଏତ୍ କରିବାକୁ ନୋହିଲେ ରାତିବେଳେ ଗାଁ ଧାଙ୍ଗଡ଼ୀଙ୍କର ନାଚ ଦେଖିବାକୁ ।

ମଝିରେ ବସିଲା ଦଶାରି ବୁଢ଼ା । ଲନ୍ଧା ମଦ ପିଇ ଆଖି ତାର ପାଣିଚିଆ ଦିଶୁଥାଏ, ଓଠ ଫଣଫଣ । ପାଖରେ ଗୋଟିଏ ଝୁଲି ମୁଣି, ତହିଁରେ କ'ଣ ଅଛି ଦେଖିବାକୁ ପିଲାମାନେ ବାପା ମା'ଙ୍କ ପିଠିଆଡ଼ୁ ଉଙ୍କି ମାରନ୍ତି । ପାଖରେ ଖଣ୍ଡେ ତେଲଚିକଟା ତାଳ-ପତର ପୋଥି, ଆଉ ବର୍ଣ୍ଣବର୍ଣ୍ଣର ରଙ୍ଗ ମୁରୁଜ, ଭାଲିଆ ଫଳ, କାଉଁରି ହାଡ଼, ଧୂପ ସଳିତା, ଖଡ଼ି ଓ ଶବକର କାଠର ବର୍ଚ୍ଛା; ଭଲ୍ଲି ଓ ଖଣ୍ଡା । ଗାଁର ସମସ୍ତେ ଜମିଲେ । ଗମ୍ଭୀର ହୋଇ ବସି ଥାନ୍ତି । କାହାରି ତୁଣ୍ଡରେ ପଦେ କଥା ନାହିଁ ।

ରାମ ନାଇକ କଥା ଆରମ୍ଭିଲା,—କହ କହ ଦଶାରି ବୁଢ଼ା କହ । ଦଶାରି କହିଲା, ଯୋଗ ଠିକ ଅଛି, ଆଗ ଗୁରୁମାଈ ଉଠୁ ।

ଶାମ ଗୁରୁମାଈ ଥିର ହୋଇ ଉଠିପଡ଼ି ଦଶାରି ପାଖକୁ ଗଲା । ସେ ପୁରୁଷ, କିନ୍ତୁ ତାର ମୁଣ୍ଡରେ ଲମ୍ବ ବାଳ, ନାକରେ ନୋଲକ, ଦେହରେ ମାଇକିନା ପରି ଲୁଗା ପିନ୍ଧାହୋଇଛି । ଗାଁର ଲୋକେ କହନ୍ତି, ସେ ପୁରୁଷ ନୁହେଁ କି ସ୍ତ୍ରୀ ନୁହେଁ, ତେଣୁ ତାଠି ଈଶ୍ୱରକଳା ଅଛି । କାଳସି ଲାଗିବାକୁ ତାହା ଛଡ଼ା ଆଉ କେହିହେଲେ ଚଳିବ ନାହିଁ, ତେଣୁ ସେ ଗୁରୁ-ମାଈ । ପ୍ରତି ଗାଁରେ ଗୁରୁମାଈ ଅଛନ୍ତି । ଯାହାଙ୍କ ବାପ ମା ପିଲାଦିନେ ତାଙ୍କୁ କୌଣସି କାରଣରୁ ଦିଅଙ୍କୁ ପାଣିଛଡ଼େଇ ଦିଅନ୍ତି, ସେମାନେ ଗୁରୁମାଈ । ସେମାନେ ଗୋପୀଭାବାପନ୍ନ । ଅନ୍ୟବେଳେ ଯାହା ହୁଅନ୍ତୁ ପୂଜା ବେଳେ ସେମାନେ ନାରୀ ।

ଶାମ ଗୁରୁମାଈ ଦଶାରପାଖେ ଯାଇ ଠିଆହେଲା । ଦଶାଙ୍କ ମୁରୁକ ପାରିଲା, ସଳିତାରେ ନିଆଁ ଲଗାଇଲା । ଅଭିଆଡ଼ା ପିଲା ଗୋଟିଏ ନିଆଁ ଜାଳି ଦୋଟିଖୁଣ୍ଟ ବାନ୍ଧିଦେଲା । ପଞ୍ଚ ଠୁଙ୍ଗାରେ ତାକୁ ରଖି ଭାଲିଆଫଳ ବଞ୍ଚ ଜଳନ୍ତା ସଳିତାଟି ଧୂପଗୁଏଁ ଦଶାରି ଗୁରୁମାଈ ମୁଣ୍ଡରେ କଣ୍ଟୁ ସମସ୍ତ ଥୋଇ ଓଠ ଥରେଇଥରେଇ କଣ ସବୁ ମନ୍ତ୍ର ବୋଲିଲା । ଦାଣ୍ଡର ଗୋଟିଏ ପାଖରୁ ଡମବାଇଦ ବାଜି ଉଠିଲା । ଦଶାରି କାଠର ତରବାରି କାଠର ଭଲ୍ଲି ଗୁରୁମାଈ ହାତରେ ଦେଲା । ଗୁରୁମାଈକୁ କାଳିସି ଲାଗିଲା ।

ତାପରେ ଘଣ୍ଟାଏ କାଳ ଖାଲି ବାଇଦ ବାଜଣା ଆଉ ଖସିଏ ଖସିଏ ଗାଁଯାକ ଖାଲି ଗୁରୁମାଈର ନାଚ । ଗୁରୁମାଈ ସାଙ୍ଗେ ସାଙ୍ଗେ ଗାଁର କେତେ ସ୍ତ୍ରୀଲୋକ ବାଳ ମୁକୁଳା କରି ନାଚିନାଚି ଧାଉଁଥାନ୍ତି, ଛକ ଆଗରେ କୁକୁଡ଼ା ବଳି ପଡ଼ୁଥାଏ, ପାରା ବଳି ପଡ଼ୁଥାଏ । ଧୂଳି ଉଡ଼େଇ ଗୁରୁମାଈ ନାଚୁଥାଏ । ଶାମ ଗୁରୁମାଈ ଭଲ ନାଚେ । ଦେଖିଲେ ଯେତେଡ଼େ ଶ୍ରାନ୍ତି ହେଉ—ମଣିଷ ତାଟଙ୍କା ହୋଇଯିବ ।

ଗୁରୁମାଈ ଚିତ୍କାର କରି କହିଲା, କାଲି ଏତେ ରଢ଼ି ଦେଲି ରାତି ପହିଲି ଦଣ୍ଡରେ । ଆଗରୁ କେତେଥର ଏପରି ରଢ଼ି ଦେଲିଣି, ତୁମେ ଶୁଣୁ ନା, ତିନିଥର କହିଲି—ଖାଇବି, ଖାଇବି, ଖାଇବି ।

ଗାଁର ପିଲା ବୁଢ଼ା ସମସ୍ତେ ଏକପାଖିଆ ହୋଇ ଠିଆ ହୋଇଥାନ୍ତି । ସେ ମୁଣ୍ଡରେ ଦଶାରି ବୁଢ଼ା ଦୋହଲିଦୋହଲି ଲମ୍ବା ମଦ ଟିକିଏ ଟିକିଏ ପିଉଥାଏ ଗୋଟିଏ ଆଟିକାରୁ । ଗୁରୁମାଈ ମୁହଁରୁ କଥା ବାହାରୁଣୁ ନବାହାରୁଣୁ ପବନ ହାବୁକାରେ ମାଣ୍ଡିଆକ୍ଷେତ ପରି ସମସ୍ତେ ଲଇଁପଡ଼ି ହାତରେ ମୁହଁଘୋଡ଼େଇ ହାପୁ ହାପୁ କଲେ ।

ଗୁରୁମାଈ ପୁଣି କହିଲା,—ଖାଇବି, ଖାଇବି, ଖାଇବି ।

ଲୋକେ ଆହୁରି ଆଉଜି ପଡ଼ିଲେ, କ୍ରମେ ମେଞ୍ଚି ମେଞ୍ଚି ହୋଇ ଦେଉଡ଼ି'ପାଖ ଲୋକ ମୁହଁମାଡ଼ି ତଳେପଡ଼ି ବିକଳ ହୋଇ ଚିତ୍କାର କଲେ,—ହାୟ, ହାୟ, ହାୟ !

ଗୁରୁମାଈ କହିଲା, ମୁଁ ଦାନ୍ଦ-ବୁଢ଼ା । ତୁମ ସମସ୍ତଙ୍କୁ ସର୍ଜନା କରିଛି ମୁଁ, ମତେ ତୁମେ ମାନୁ ନାହଁ । ସବୁ ଗାଁରେ ଦାନ୍ଦ-ବୁଢ଼ାର ପୂଜା । ତୁମ ଗାଁରେ ନାହିଁ । ତୁମେ ମତେ କୁକୁଡ଼ା ଦେଲ ନାହିଁ, ପାରା ଦେଲ ନାହିଁ, ଛେଳି ଦେଲ ନାହିଁ, ପାଣି ଦେଲ ନାହିଁ, ଭୋକ ଶୋଷରେ ଦରମରା ହୋଇ ମୁଁ ଡୁଙ୍ଗରେ ଡୁଙ୍ଗରେ ବୁଲି ବୁଲି ମରୁଛି । ଶେଷ ତାକିଦ୍ ଦେଲି ଆଜି ତିନଦିନ ଅନେଇବି । ତା ପରେ—ଖାଇବି, ଖାଇବି, ଖାଇବି ।

ତିନଦିନ ନା ଶୁଣି ପିଣ୍ଡରେ ପ୍ରାଣ ଆଇଲା । ନର୍ଜୀବ ଡମ-ଡ଼ୋଲ ଜୀବନ ପାଇ ଚେଇଁଉଠିଲା, ଦାଣ୍ଡ କମ୍ପିଲା, ବାଜାର ତାଳେ ତାଳେ ଗାଁର ଅଘୋରଦୁଆରି ନାଚିଲେ । ବୋଦା ପଡ଼ିଲା, ପାରା, କୁକୁଡ଼ା ତଣ୍ଟି କଟା ହୋଇ ଭୂଇଁରେ ପଡ଼ି ଫଡ଼ ଫଡ଼ ହେଲେ । ପିଚ ପିଚ ରକ୍ତରେ ଦାନ୍ଦ-ବୁଢ଼ାର ମୁହଁରେ ପିଚକାରି ମରାହେଲା । ଦାନ୍ଦ ବୁଢ଼ାର ପୂଜା ହେଲା ।

ତାପରେ ଗୁରୁମାଈ ଏକା ଦଉଡ଼ାକେ ଗାଁ ଉପରକୁ ଧାଇଁଲା । ପଛେପଛେ ନାଚନାଚ ଗାଁର ଭୁଆସୁଣୀମାନେ ଧାଇଁଲେ । ମଝିରେ ଥିଲା ସାନ ମୁଣ୍ଡିଆ । ଗୁରୁମାଈ କୁଦା ମାରିମାରିକା ମୁଣ୍ଡିଆ ଉପରେ ଚଢ଼ିଗଲା । ପଛେ ପଛେ ବାଜା ଓ ନାଚ । ଏକା ଦଉଡ଼ାକେ ପାହାଡ଼ ଉପରେ ଚଢ଼ି ସବୁବା ଉପରେ ଯେଉଁ ବୁଢ଼ା ଖଜୁରି ଗଛଟି ଅଛି ଦୁଇ ହାତରେ ତାକୁ କୁଣ୍ଢେଇଧରି ଗୁରୁମାଈର ଚେଙ୍ଗା ଉଡ଼ିଗଲା । ପୂଜା ସରିଲା ।

ଦିଶାରି ବୁଢ଼ା ଖଜୁରିଗଛକୁ ଆଙ୍ଗୁଠି ଦେଖାଇ କହିଲା,—ଉତ୍ତର ମିଳିଛି । ଆଜିଠୁ ଏଠି ରହିଲା ଦାଦବୁଢ଼ା । ପୂଜା ଦିଅ, ଆଉ ଭୁଲ ନାହିଁ ।

ଡାଉଁଡାଉଁ କରି ଗାଁର ସବୁ ବାଇଦ ବାଜିଉଠିଲା । ସମସ୍ତେ ନାଚିଲେ । ଧାଂଡ଼ାମାନେ ପିଠି ମାଡ଼ିମାରି ନାଚିଲେ । ଧାଂଡ଼ୀମାନେ ଅଣ୍ଟା ଦୋହଲାଇ ନାଚିଲେ । ବୁଢ଼ାବୁଢ଼ୀ ସମସ୍ତେ ଥେଇଥେଇ ଧେଇଧେଇ ନାଚିଲେ । ଦେଢ଼ଶ ଲୋକଙ୍କର ସରଳ ହୃଦୟର ଐକ୍ୟ ବିଶ୍ୱାସରେ ଖଜୁରିଗଛରେ ଦାଦବୁଢ଼ାର ସ୍ଥାପନା ହେଲା ।

ଦିଶାରି ମନ୍ତ୍ର ପଢ଼ିଲା, ପାଞ୍ଜି ଲେଉଟାଇଲା, ସୂର୍ଯ୍ୟଙ୍କ ଆଡ଼କୁ ଅନାଇଁ ରହି ମନକୁ ମନ କ'ଣ ବକିହେଲା । ଭୂଇଁରେ ମୁଣ୍ଡିଆ ଝୁଞ୍ଚିଦେଇ ଗୋଟିଏ କଣରେ କାଠି ଖଣ୍ଡେ ପୋତି ଗୁଇକୁ ଅନାଇ ରହିଲା,—ଲାଉତୁମ୍ବାରୁ ଲନ୍ଦା ମଦ ଟୋପିଏ ପିଇଲା । ତାପରେ ହଠାତ୍ ଚିତ୍କାର କଲା—ମାର ମାର, ଗଛର ମୁଣ୍ଡି ହାଣିଦିଅ, ନୋହିଲେ ଦାଦବୁଢ଼ା ଏଠୁ ପଳେଇଯିବ ।

ଦଶ କୁରାଢ଼ି ପଡ଼ିଲା ଗଛ ଉପରେ । ଠିକ୍ ଚତାଏ ଉଚ୍ଚରେ ମୂଳରୁ ପୁରୁଟିଏ ଉଞ୍ଚ ଛାଡ଼ିଦେଇ । ଯେତିକ ରହିଲା ସେତିକ ହେଲା ଦାଦବୁଢ଼ାର ପ୍ରତୀକ । ଅଣ୍ଟାର ମୂଳରୁ ମୁଣ୍ଡଯାକେ କୋଡ଼ିଏ କି ଏକୋଇଶ ସ୍ଥାନରେ ଗ୍ରେଟ ଗ୍ରେଟ ହୋଇ ହଣା ହୋଇ ସାତ-ବେଣ୍ଟିଆ କରାହେଲା, କଟା ଧାରେ ଚୂନ ହଳଦୀ ପରି ହଣା କାଠର ଫାଙ୍କେ ଫାଙ୍କେ ଧଳା, ନାଳି, କଳା ରଙ୍ଗ ସବୁ ଗୋଳା ହେଲା, ମୁଣ୍ଡଉପରେ ଧୋବ କନା ଖଣ୍ଡେ ପଗଡ଼ି ହୋଇ ବନ୍ଧାହେଲା, ଦାଦବୁଢ଼ା ବଡ଼ ବଡ଼ ଆଖି କରି ତଳର ପଲ୍ଲୀକୁ ଅନେଇଁ ରହିଲା ଜଗୁଆଳି ମୁରବ୍ବି ପରି ।

ଗୁରିପାଖେ ପାହାଡ଼ର ଭଉଁସ୍ଥ, ମଝିରେ ଗହ୍ୱର ଖୋଲ ଓ ତାହା ଭିତରେ ଗହଳ ପଥରପୂର୍ଣ୍ଣ ସତର ବାଙ୍କର ଦାଆ-ଫାଳିଆ ମୁଗନ ନଈ । ତାହାର ମଝିରେ ନଈ କୂଳେକୂଳେ ବଡ଼ ଡିପର ଡାଲୁଏ ଡାଲୁଏ ଗାଁର ବସ୍ତି, ଡିପ ଉପରେ ସାନ ମୁଣ୍ଡିଆଟି । ତାହାର ଚନ୍ଦା ମୁଣ୍ଡ ଉପରେ ଖଜୁରି ଗଛର ଅୁଣ୍ଡା,—ଦାଦବୁଢ଼ା ।

ଦାଦ ବୋଲନ୍ତେ କୋରାପୁଟର ଜଙ୍ଗଲିଲୋକେ ବାପର ଭାଇକୁ ବୁଝନ୍ତି ନାହିଁ । ବୁଝନ୍ତି ବାପର ବାପ ଓ ତାର ବାପ । ଯେପରି ଶଶୁର କହିଲେ ବୁଝନ୍ତି ଭାରିଯାର ଭାଇ, ଆଉ ଦାଦ ସହିତ ବୁଢ଼ା ମିଶିଗଲେ ପରଜା ଓ କନ୍ଧ ଦୁଇ ଭାଷାଯାକ ମିଶିଯାଏ । କନ୍ଧ ଭାଷାରେ ବୁଢ଼ା ଅର୍ଥ ବାପର ବାପ ।

ଏପରି ଯେଉଁ ସାତବେଣ୍ଟିଆ ଦାଦବୁଢ଼ା, ସେ ମୁଁଣ୍ଡିଆ-ଉପରେ ଠିଆହୋଇ ଗୁରିପାଖକୁ ଅନାଏଁ, ଜୁକୁଜୁକୁ କାଠର ଆଖିରେ ଅନାଏଁ । ଅନାଇଁ ଅନାଇଁ ଦିନ ଯାଏ, ରାତି ଆସେ, ପାହାଡ଼ର ଖୋଲରେ ଭର୍ତ୍ତି ହୋଇଯାଏ ବସ୍ପସ୍ପର ଅନ୍ଧାରି ।

ଦାଦ-ବୁଢ଼ା ବଡ଼ ସୁଧାର ଠାକୁର । ଅର୍ତ୍ତି ବିରକ୍ତ ନହେଲେ ସେ କୋପ ହୁଏ ନାହିଁ । ସେହି ପରା ଅନାଦି ପୂର୍ବପୁରୁଷ । ତାର ସୃଷ୍ଟି, ଏ ସବୁ ତାରି ଖେଳ । ଯେ ଯାହା କହେ ଦାଦ-ବୁଢ଼ାର ବା, କାରଣ ତାର ପାଟି ଫିଟେନାହିଁ ।

ଡିପ ଉପରୁ ଗହ୍ୱରର କ୍ଷେତ ବଡ଼ ସୁନ୍ଦର ଦିଶେ, ଧାଡ଼ି ଧାଡ଼ି ବାଡ଼, ଚେକା ଚେକା କ୍ଷେତ । ଗହମର ଗାଢ଼ ସବୁଜ, ମାଣ୍ଡିଆର ନେଳି କଳା, ଧାନର ଫିକା ନେଳ । କ୍ଷେତ ପାଖେ ପରିବା ବଗିଚା, ସବୁଜ ପଟିପଟିକା ଡାଳର ଛକାଛକ ବାଡ଼ । ଭିତରେ ମକାର ଲମ୍ବ ଦାଢ଼ି ପବନରେ ଫୁରୁଫୁରୁ ଉଡ଼ୁଛି । କହ୍ନି ଛଟାଦା ଲୁନ୍ଦରୁ ଦୋହଲ ଦୋହଲି ବଢ଼ୁଛି । ଦାଦବୁଢ଼ା ବାଣିବଗିଚ୍ଚ ଜଗେ,

ଦେଖେ ତାର ପୁଅ ନାତିମାନେ ଝାଙ୍ଗର ମାଟିରୁ ଶାଉଁଳା ଫସଲ ଗୋଟେଇଉଛନ୍ତି । ପୁଣି ଦାଢ଼ି ବୁଢ଼ା ଟିକିଏ ଭୁଲେଇ ପକେଇ। କାଉପଲ ଗୋଟି ଗୋଟି କରି ମକ୍କା ଛୁଣ୍ଡେଇ ନଅନ୍ତି । କ୍ଷେତରେ ଜୋରୁ ପବଣ ।

ସବୁ ଲୀଳା ଖେଳା ତାହାର ବାଟ ଦେଇ ।

ଦିନ ଦି'ପହରେ ଗାଁର ଝିଅ ଲୁଗା ଫୋପାଡ଼ିଦେଇ ଗୁଠରେ ପଶି ମୁହାନ ନଈରେ ପାଣି ଚବର ଚବର କରନ୍ତି । ବରଗଛ ମୂଳେ ଗାଈଜଗା ଟୋକା ଗୋରୁ ଛାଡ଼ି ଦେଇ ବଇଁଶୀର ସୁର ମେଲିଦିଏ । ସଞ୍ଜ ହେଲେ ପାହାଡ଼ର କନ୍ଧ ବିକନ୍ଧରୁ ଗୋରୁ ମଇଁଷିର ଧାର ଲାଗିଯାଏ ଗଡ଼ାଣିଆ ଖାଲୁଆ ଗାଁକୁ । ଚଢ଼େଇ ପଲ ତୋଟାର ଘନଭିତରେ କେଉଁଠି ମିଶି ଯାଆନ୍ତି । ଦିନ ସରେ । ନୁଆଣିଆଁ ଚୂଲରୁ ଧୂଆଁ ଉଠେ । ଧାଂଗ୍ଡ଼ାବସା ଘରେ ଡୁଙ୍ଗୁଡୁଙ୍ଗା ବାଜେ । ନିଶା ଅନ୍ଧାରରେ ଗୀତରେ ଗୀତରେ ଟୋକାଟୋକୀଙ୍କର ଖେଳ ଲାଗେ । ଦାଢ଼ି-ବୁଢ଼ା ନିଶ୍ଚଳ ହୋଇ ଠିଆ ହୋଇ ରହିଥାଏ, — ଯେଉଁଠି ସେଇଠି ।

ପ୍ରତି ଶୁକ୍ରବାର ନନ୍ଦଗାଁ ହାଟକୁ ଛତାଛତୋଡ଼ି ଧରି ଏହି ଦାଢ଼ି-ବୁଢ଼ା ବାଟେ ମଣିଷର ସ୍ରୋତ ବୋହିଯାଏ । କଣାଳ ଡକାଳ ବେଶୀ ନୁହନ୍ତି—ଦେଖଣାହାର ବେଶୀ । ହାଟ ତାଙ୍କର ପର୍ବ । ପଇସାକର ଧୂଆଁପତ୍ର ନୋହିଲେ ଅଧଲିକର ଲୁଣ କିଣିବା ବାହାନାରେ ସେମାନେ ଆଠଦଶ କୋଶ ବାଟ ହାଟକୁ ଯାଆନ୍ତି । ଗାଁର ଅଧେ ମିଶିପେ, ଗାଁର ସବୁ ମାଇପେ । ମୁଣ୍ଡରେ କଡ଼ା-ତେଲରେ ଜୁଡ଼ା ସଜାଡ଼ି ଧୋବ ଫୁଲପେନ୍ଥା ଖୋସି ନାଲି ଲୁଗା ପିନ୍ଧିଯାଆନ୍ତି ପାହାଡ଼ୀ ଝିଅ, ପାଦ ଝୁଣ୍ଟେ ନାହିଁ । ଗୋଡ଼ ଘୋଳ ହୁଏ ନାହିଁ, ହସିହସିକା ଗୀତ ବୋଲିବୋଲି ଚାଲିଯାଆନ୍ତି,

।ହାଡ଼ର ତାଲୁଏ ତାଲୁଏ । ଯାଆନ୍ତି ପରଜା ଲୋକାଏ, ଆଉ ଉମ ଠାକାମାନେ । ଖ୍ରୀଷ୍ଟାନ୍‌ମାନେ ଧୋବ ଲୁଗା ଆଉ ଖଣ୍ଡେଖଣ୍ଡେ ।ଉଜ, ନୋହିଲେ ହରରଙ୍ଗିଲୁଗା, ଡହିଁରେ ଫାଳେ ନାଲି ଡ ।ଲେ ହଳଦିଆ, ଫାଳେ ନେଳ । ଆଉ ଚାଲନ୍ତି 'ଗଦବା' ଝିଏ, ଦହରେ କେରଂ ଝୋଟରେ ହାତବୁଣା ନାଲି କଳା ପଟିପଟିକା କରଂ ଲୁଗା, କାନରେ ଗୋଲଗୋଲ ପିତ୍ତଳ ଭାରମୋଡ଼ା ।ଲଙ୍କାର, କାନ୍ଧକୁ ବୋଲି ପଡ଼ଥାଏ, ଗୋଲ ବଜଳ ପର ମୁଣ୍ଡ- ।ଲରେ ନାଲି ପଟି, ସବୁ ଏକା ମଗ୍ଗଙ୍କେ । ସେ ପାଖର ପାହାଡ଼ ।ଡ଼ୁ ଚଢ଼ୁ ବେଲେବେଳେ ମଣିଷର ଧାର ଅଟକ ରହିଯାଏ । ।ଦବୁଢ଼ା ଆଡ଼କୁ ଆଙ୍ଗୁଠି ଦେଖେଇ କେଲକେ କହନ୍ତି ହେଇ ।ଦ-ବୁଢ଼ା । କେବେ କଦବା ଫୁଲଟାଏ ଫଳଟାଏ ଦାଣ୍ଡବୁଢ଼ାର ଗାଡ଼ତଳେ କଏ ଆଣି ରଖିଦଏ । ଦଣ୍ଡବତ ମିଳେ ପ୍ରଚୁର । ।ଦ-ବୁଢ଼ା ଲୁହିଁ ଲୁହିଁ ଦେଖେ, ହାତଗୋଡ଼ ହଲ ମଣିଷର କାର୍ଯ୍ୟ ।ଉ ତାର ଭଙ୍ଗୀ । ଭୁନ ପଡ଼ ଦେଖେ, କଷ୍ଟ କଟେ ନାହିଁ । ।ରଣ ତାର ପାଟି ନାହିଁ, ସେ ଠାକୁର ।

ଏହିପର ଦନର ଝାଙ୍ଗି ତଳେ ଚନ୍ଦାମୁଣ୍ଡରେ ପାଗ ଭତ୍ତ ।ଦବୁଢ଼ା ବୈଶାଖର ଝୋଲାମରା ଖରା ସହେ । ସକାଳେ ଜ୍ୟେଷ୍ଠର ବିଷମ ଧାର, ବେଳେବେଳେ କ୍ଷେତର ଚାଷୀ ଗୀତ ଧରେ—

ଜେଠ ହାଣୁ ମାରୁଛି
ବର୍ଷା ବୁଲି ଆସୁଛି

କାର୍ତ୍ତିକର ଶୀତଳ ପବନ ମଝେ ମଝେ ସହେ ଆଉ ନଦୀଜ ବିଚଳିତ ହୋଇ ଠିଆହୋଇ ରହେ, ଘରର ଭିସପୁଟା ଆକାଶ ଶ । ତାର ଦୁଃଖ ନାହିଁ, କଷ୍ଟ ନାହିଁ, ଅନୁଭୂତି ନାହିଁ, ହୃଦୟ

ନାହିଁ କାରଣ ସେ ଦେବତା, ଠାକୁର । ତାର ଖାଲି ଅଛି ଚୁହିଁ ଚୁହିଁ ଦେଖିବା, ଦେଖି ଦେଖି ଠିଆହେବା ।

ଦିନାକେତେ ପରେ ଦାଦ-ବୁଢ଼ାର ଠିକ୍ କଡକୁ ଲଗି ଠିଆ ହେଲ ଗୋଟାଏ ବରଗଛ ଜଇ ହୁଙ୍କା । ଦିନୁଦିନ ସେ ଏପରି ଭାବେ ବଢ଼ି ଉଠିଲା ଯେପରି ଦାଦ-ବୁଢ଼ାକୁ ମଧ ଜିଣିଯିବ । ଗାଁର ଲୋକେ ହୁଙ୍କାକୁ ଆସି ଭାଙ୍ଗି ଦେଲେ ନାହିଁ, କାରଣ ଦଶାର ପାଞ୍ଜି ଉଲଟାଇ କହିଲା ଯେ ଆପଣାର ସାଥୀ ହେବା ପାଇଁ ଦାଦବୁଢ଼ା କେଉଁ ଏକ ଠାକୁର ଉମାକୁ ଆପଣା ପାଖକୁ ଡାକ ଆଣିଛି । ତହୁଁ ଟୁଆଁ ଟୁଇଁ ପରି ଦାଦବୁଢ଼ା ଆଉ ଜଇହୁଙ୍କା ଏକାଠି ଠିଆହୋଇ ରହି ଗାଁର ଏମଣ୍ଡ଼ ସେମୁଣ୍ଡ ପର୍ଯ୍ୟନ୍ତ ଶୁଭ ଦୃଷ୍ଟି ଢାଳିଲେ । ଦାଦ-ବୁଢ଼ା ପାଖେ ମାନସିକ କରିବା ବେଳେ ହୁଙ୍କାବୁଢ଼ାଠୁଁ ଛଡ଼ାଇ ବିଭୂତି ଅନେକେ ଖାଇଲେ । ଯାହାର ଛୁଆ ହେଉ ନାହିଁ, ଯାହାର ଭାତ ହଜମ ହେଉ ନାହିଁ, ଯାହାର ରୋଗ ଭଲ ହେଉନାହିଁ,—ସେମାନେ ଏହିପରି ନିତିଦିନର ଘରକରଣା ଗଢ଼ି ଚାଲିଲା ।

—୩—

ରାମ ନାଇକର ପୁଅ ଠେଙ୍ଗାଜାନି—ବାପର ଗୋଟିଏ ପୁଅ । କେହି କେବେ ସନ୍ଦେହ କରିନାହିଁ ଯେ ବାପ ଅନ୍ତେ ସେ ଗାଁର ନାଇକ ହେବ । ରଜାଘରେ ତାର ମୁଣ୍ଡରେ ପାଗ ଦେବେ, ଅଙ୍ଗୀରେ ଲଗାଇବାକୁ ଯୋଡ଼ାଏ ବୋତାମ ଦେବେ, ଗୋଟିକ ଉପରେ ରଜାଙ୍କ ଛବି, ଆରଟିରେ ନାତିରଜାଙ୍କର । ଅମିନ୍ ବାବୁ ପ୍ରସନ୍ନ ଥିଲେ ତାର ନାଇକ କାର୍ଯ୍ୟ କେହି ଅଟକାଇବେ ନାହିଁ ।

ତେଣୁ ତାର ବଡ଼ ଖୋଜର ।

ଠେଙ୍ଗାଜାନ ଦିନବେଳେ ବାପର କୃଷି ଦେଖେ । ସଞ୍ଜ
ହେଲେ ଧାଏଁ ବସାଘରକୁ । ଚାଲିଯାଏ ଯେଉଁଠି ଗାଁର ଆଉ
ଦଶ ଅଭିଆଡ଼ା ଟୋକା ରାତିରେ ଶୁଅନ୍ତି । ଦାଣ୍ଡ ଏପାଖ ଧାଂଙ୍ଗଡ଼ା
ବସାଘର । ଦାଣ୍ଡ ସେପାଖେ ଧାଂଙ୍ଗଡ଼ୀ ବସାଘର । ସେଠି ରାତିରେ
ଧାଂଙ୍ଗଡ଼ୀମାନେ ଶୁଅନ୍ତି ।

ଧାଂଙ୍ଗଡ଼ା ବସା ଘରେ ରାତି ହେଲେ ଟୋକାମାନେ ଡୁଂଗୁ-
ଡୁଂଗା ଯନ୍ତ୍ର ଧରି ଗୀତ ବୋଲନ୍ତି । ଏ ଜିନିଷର ସନ୍ଧାନ ଏ
ଡୁଂଗୁଡୁଂଗା । ଗୋଟିଏ ଲାଉ ଖୋଳ ଉପରେ ଗୁଲ ଭିଡ଼ାହୋଇଛି,
ତାହାଁକୁ ଗୋଟିଏ ଲମ୍ବା କାଠର ଡେଙ୍ଗା, ଡେଙ୍ଗା ଉପରେ ଗୋଟିଏ
ତାର କୀଲା ପୋତାହୋଇ ଏମୁଣ୍ଡ ସେମୁଣ୍ଡକୁ ଯାଇଛି, ଲାଉ
ଉପରେ ଖଣ୍ଡେ ଖପରା ଉପରେ ତାରର ଭାର । ତାହାର ଦଉଡ଼ରେ
ଟଂ ଟଂ କଲେ ଡୁଂ ଡୁଂ ଶବ୍ଦ ହୁଏ । ଗୋଟିଏ ହାତରେ ଡୁଂ ଡୁଂ
ଓ ଆର ହାତର ମୁଦିପିନ୍ଧା ଆଙ୍ଗୁଠିରେ ଲାଉ ପିଠିରେ ଠକ୍-
ଠକ୍ କରି ତାଳ ରଖାହୁଏ ।

ସଞ୍ଜହେଲେ ଠେଂଗା ଜାନ ଡୁଂଗୁ-ଡୁଂଗା ବଜାଇ ମଶାର ଘାଉ
ଆଁକୁ ମଧ ଜିତିଯାଏ । ତାପରେ ଗୀତ ଧରେ—

ସେପାଖୁ ହରିଜାନର ଝିଅ ସାରିଆଦାନ୍ କଥା ଶୁଣି ଶୁଣି
ତାର ଉତ୍ତର ଦିଏ—

ଗୀତକୁ ଗୀତ ଲଢ଼େଇ ଲାଗେ । ତା'ର ସାଙ୍ଗ ପୁରୁଣା-
ଡିଆ ବା ପୋଡ଼ବାନ୍ଧୁ ତା ସଙ୍ଗେ ସ୍ୱର ମିଶେଇ ଦେଇ ଗୀତ
ଗାଆନ୍ତି । ସେପାଖୁ ସବୁ ଧାଂଙ୍ଗୀ ମିଶି ଯାଆନ୍ତି । ଭାବ ପ୍ରୀତିର ଢେଉ
ଙ୍ଗଲେ ଜଙ୍ଗଲେ ଖେଳିବୁଲେ ।

ରାମ ନାଇକ ପଟ୍ଟରେ ଏଣିଥରକୁ,—ହଇହୋ ପ୍ରାଚୀନ୍, ଠେଙ୍ଗା ନିମନ୍ତେ ସାରିଆଦାନ୍‌କୁ ମାଗିଲେ କଣ ମନ୍ଦ ହୁଅନ୍ତା ?

ପ୍ରାଚୀନ୍ କହେ, ଭଲ ହନ୍ତା ନାଇକ, ଭଲ ହନ୍ତା । ଗାଁରେ ତତେ ଗୁଡ଼ିଦେଲେ ଜାନ ସାଙ୍ଗରେ ସମାନ ହେବାକୁ କିଏ ଅଛୁ ? ନାଇକ, କି ତା'ର ସାଙ୍ଗରେ ବୁଲିବା ଲୋକ ଜାନ ।

ନାଇକ କହେ, ଥାଉ, ଠେଙ୍ଗାଟି ମୋର ପିଲା । ଆଉ କିଛି ଦିନ ଯାଉ । ଆପଣା ଆପେ ଠିକ୍ କରୁ ସେ ।

ଗାଁର ସବୁ ଝିଅ ଠେଙ୍ଗାଜାନକୁ ଆକ୍ରମଣ କରନ୍ତି । ନାଇକର ବୋହୂ ହେବାକୁ କିଏ ବା ନ ଗୃହେଁ ? ଠେଙ୍ଗାଜାନ ଗୀତ ଗାଇଲେ ବେଳେ ବେଳେ ସେପାଖୁ ଉପରେ ପଡ଼ି ଚମ୍ପାବଣ୍ଟ କ ସୁଆଁ ଫୁଲ କ ଆଉ କେହି ଗୀତର ଜବାବ୍ ଗାଇ ଦିଅନ୍ତି । ସାରିଆଦାନକୁ ଧରି ହସି ହସି ଗଡ଼ିଯାଆନ୍ତି । ଥଟ୍ଟାରେ ଥଟ୍ଟାରେ ଏଠ ସେଠୁ ଫୋପଡ଼ା କଟଡ଼ା କେତେ ଗୀତର ଢେଉ ଆସି ଠେଙ୍ଗା ଧିଅରେ ବାଜେ, ତହିଁରେ ସେ ଟଳମଳ ହୋଇଯାଏ, ଆପଣାକୁ ସମ୍ଭାଳି ରଖିପାରେ ନାହିଁ । ନଗୁଡିଆ ବେଳେ, ଗାଁ ଭୁଠବାଟେ କ୍ଷେତକୁ ଭାଙ୍ଗିଯିବା ବେଳେ ଠେଙ୍ଗାଜାନ ବେଳେବେଳେ ଅଟକି ରହି ଭାବେ, କାହାକୁ ସେ ପସନ୍ଦ କରିବ ? କାହାରି ମାୟା ସେ ଏଡ଼ିପାରେ ନାହିଁ, ପୁଣି, କାହାରିକୁ ଆଉ ଦଶଜଣଙ୍କ ଭିତରୁ ସେ ଅଲଗା କରିପାରେ ନାହିଁ ।

ଜହ୍ନ ରାତିରେ ଗାଁ ଦାଣ୍ଡରେ ଯେତେବେଳେ କାଠ ଗଣ୍ଡିଗ ନଆଁରେ ନାଚ ହୁଏ, ସବୁ ଝିଅ ବାହାକୁ ବାହା ଛନ୍ଦାଛନ୍ଦି, ଠେଙ୍ଗାଜାନ ଆଉ ତିନି ଜଣଙ୍କ ସଙ୍ଗେ ବାହା ଛନ୍ଦି ଠିଆହୁଏ । ତଳ ଗୃରି ଜଣ ଧାଂଡ଼ାଙ୍କ କାନ୍ଧ ଉପରେ ଠିଆହୋଇ ଆଉ ଗୃରିଜଣ ଦେଣ୍ଡିଆ ବାହାକୁ ବାହା ଛନ୍ଦି ଦିଅନ୍ତି ଓ ଏହାପର

ଅବସ୍ଥାରେ ଆଠଜଣଯାକ ନାଚନ୍ତି । ଚଳ ଲୋକଙ୍କର ବାହା ଫାଙ୍କ ଭିତରେ ଛନ୍ଦାଛନ୍ଦି ଧାଂଡ଼ୀର ଧୂଅ ସାପେଇ ସାପେଇ ନାଚନାଚକା ଗଲ ଚାଲିଯାଏ, ବାଇଦର ତାଳେ ତାଳେ । ଗାଁର କଏ କେତେ ଧାଂଡ଼ୀ ନାଚ ଗଲାବେଳେ ଠେଙ୍ଗାଜାନର ଦେହ ବାଟେ ଟିକଏ ଟିକଏ ମଠେଇ ଯାଆନ୍ତି । କଏ ବା ବେଳେବେଳେ ପିଟି ହୋଇଯାଏ । ଠେଙ୍ଗାଜାନର ମନେ ହୁଏ ନାଚ ଫାଚ ଛାଡ଼ି କାହାକୁ କାହାକୁ ସାଙ୍ଗରେ ନେଇ ଚାଲିଯାଆନ୍ତା । ଢାଢ଼ବୁଢ଼ା କୁଦ ଉପରକୁ । ତା'ର ବୟସ ଅଳ୍ପ । ଭାବନା ଭିତରେ ସ୍ୱପ୍ନ ଆସି ପହୁଞ୍ଚେ । ସେ କିଛି କରିପାରେ ନାହିଁ, କେବଳ ଗୋଟିକୁ ଭାବିଲେ ଆଉକାର ଘାଇ ମନକୁ ଘାଣ୍ଟେ । ଠେଙ୍ଗାଜାନ ଦୋଦୋପାଞ୍ଚ କରେ ।

ହଳଦୀ ଗରଗର ଚକ୍‌କଣଚାକଣ ଗରଗରିକା ମୁହଁ ହାତ, ଅଳ୍ପ ଖରାରେ ଝାଳେଇ ପଡ଼େ,—ତରଳା ଲହୁଣୀ ପରି । ସୁନ୍ଦର ଗହୀର ଆଖିର ଚାହାଣୀ । ଚକ୍‌କଣ ଜୁଡ଼ା । ଗଭାର ସରୁ ଫୁଲର ଫେନ୍ଥା । ଦେହରେ ସକାଳର ନାଲି ସୂର୍ଯ୍ୟର ରଙ୍ଗରେ ଛଣା ହେଲାପରି ଲାଲ ଲୁଗା ଟାଣ କରି ଭିଡ଼ାହୋଇଛି । ସ୍ୱାସ୍ଥ୍ୟ ଆଉ ଯୌବନର ପ୍ରାଚୁର୍ଯ୍ୟ । ହରିଣୀପରି ଗତି, କ୍ଷିପ୍ର, ଉଲ୍ଲସିତ, ସୁଠାମ ସୁନ୍ଦର ଧାଂଡ଼ୀ ।

ଠେଙ୍ଗାଜାନର ଆଖି ଆଗେ ଭାସିଯାଆନ୍ତି ଧାଂଡ଼ୀ ଫୁଲ ଲଦିଆ ଅଳସି କ୍ଷେତ ଉପରେ, ନେଳ ସାବୁଜା ମାଣ୍ଡିଆ କ୍ଷେତ ଉପରେ ଧୋବଲା ହସର ମାୟା କୁହୁଡ଼ି ଭସେଇ ଦେଇ । ତା'ର ଦେହ ଟାଙ୍କି ଉଠେ । ମନ ଧୂଆଁ ଲଆଁ ହୋଇଯାଏ । ମରମର ଗହନ ଅନୁଭୂତି ଭିତରେ ଖୁନ୍ଦଖାନ୍ଦ ହୋଇ ପଶେ କଣ୍ଟା ଆଉ ଫୁଲ । ଢାଢ଼-ବୁଢ଼ା ମାୟା କାଟି ହୋଇଛି କାଠର ସାତବେଣ୍ଟିଆ କଣ୍ଟା, ତାକୁ ବାଧେ ନାହିଁ । ହରଷ ହୁଏ ନାହିଁ । ପରାସ ଆସେ ନାହିଁ । ଠେଙ୍ଗାଜାନ ବାଉ ହୁଏ । ମନ କୁହଲେ । ଦେହ

ଜଳେ । କିନ୍ତୁ ସବୁ ବୁଝିଲେ ସୁଦ୍ଧା ସବୁଥିରୁ କାଟି ଗୋଟାଏ କିଛି ଏକୁଟିଆ ହୋଇ ଗୋପନରେ ତା'ର ମନକୁ ଛୁଇଁ ପାରେ ନାହିଁ । ତେଣୁ ସେ ହସେ, ଖେଳେ, କୁଦାମାରେ, କିନ୍ତୁ ଶେଷବେଳକୁ ବାଟ ପାଖେ ଅଟକିଯାଏ, ଆଗେଇ ପାରେ ନାହିଁ ।

ଝିଅମାନେ ତାକୁ ଥଟ୍ଟା କରନ୍ତି । ଥଟ୍ଟା କରିବାକୁ ଭଲ ପାଆନ୍ତି, କାରଣ ଟୋକାଟୋକୀ ସମ୍ବନ୍ଧ ଭିତରେ ବେଶୀ ବାଟ ସେ ଆଗେଇ ପାରିନାହିଁ, ଅଥଚ ବଳିଷ୍ଠ ତା'ର ଗଢ଼ଣ, ଲଳିତ ତା'ର ରୂପ, ଆଉ ଆଖି ଯୋଡ଼ିକ, ସତେ ଯେପରି ବଉଦ ମେଳରେ ଭାସି ଭାସି ହସି ହସି ସେ ଯାଉଛି, ଆଉ ଉପୁଜାଉଛି କେବଳ ସ୍ୱପ୍ନର ମାୟାକୁହୁକ, ଯାହାକୁ ସେ ଶାନ୍ତ କରିବାକୁ କେବେ ଚେଷ୍ଟା କରିନାହିଁ । ତେଣୁ ସେ ଅଜେୟ । ତେଣୁ ସ୍ତ୍ରୀ ପୁରୁଷର ସମ୍ବନ୍ଧମୂଳକ ଦ୍ୟୋତନା ଅନୁଯାୟୀ ତାକୁ ହିଁ ଆକ୍ରମଣ କରିବାକୁ ହେବ, ଭାଙ୍ଗିଦେବାକୁ ପଡ଼ିବ, ଆଘାତ କରିବାକୁ ପଡ଼ିବ, —ଯେ ପର୍ଯ୍ୟନ୍ତ ସେ ଭାଙ୍ଗି ନ ଯାଇଛି ।

ଠେଙ୍ଗାଜାନ ଦାଦି ଅଜା କାଳର ଗୀତ ବୋଲି ଧାଂଡ଼ୀ ବସାଘରୁ ଭାସି ଆସୁଥିବା ରଣ ଦୁନ୍ଦୁଭିର ଉତ୍ତର ଦିଏ—

"ସାରିଆଗରୁ କାଡିକାଉଡ଼ି ଶୁଣ୍ଡିଗାରୁ ହାଣ୍ଡା,
ଆଇଲୁସ୍‌ରେ ଟୋକୀ ଦୁଇ କେତେ ରସି ଭଣ୍ଡା ।"

ଯୁଦ୍ଧ-ଦୁନ୍ଦୁଭି ବଜାଇ ଡାକେ, ଆସ ଦେଖିବା କେତେ ତୁମର ଯୌବନର ବଳ । ଧାଂଡ଼ୀ ବସାଘରେ ବନ୍ଧୁମାନେ ପିଠି ଥାପୁଡ଼େଇ 'ବାହା ବାହା' କରନ୍ତି । ତେଣୁ ଗୀତର ଉତ୍ତର ମିଳେ । ପୁଣି ରାତି ଅଧରେ ଛଟପଟ ହୋଇ ଦେହ ହାତ କରୁଡ଼ି କରୁଡ଼ି ଠେଙ୍ଗାଜାନ ଶୁଏ । ଦାଣ୍ଡ ଆରପାର ଯିବାକୁ ଗୋଡ଼ ଉଠେ ନାହିଁ ।

ମୁଣ୍ଡିଆ ଉପରେ ଫଗଡ଼-ପିନ୍ଧା ଖଜୁରିଗଛର ଡାଙ୍ଗ-ବୁଢ଼ା ମଣିଷର ମରମ କଥା କେତେକେ ବୁଝେ, ଏକା ସେହି ଜାଣେ···

ସେଦିନ ଗାଁଦାଣ୍ଡରେ ସଜ ତୋଳା ମକ୍କା ପୁଞ୍ଜିଏ ନେଇ ସାରଆଦାନ୍ ଯାଉଥିଲା, ସଞ୍ଜବୁଡ଼େ । ଗାଈ ପଲକ ଅଡ଼େଇ ଅଡ଼େଇ ସେଆଡ଼୍ ଠେଙ୍ଗାଜାନି ଆସୁଥିଲା । ହାବୁଡ଼ିଲେ । ଠେଙ୍ଗା-ଜାନି ହସି ହସି କହିଲା, "କଲେ, ଦବୁକି ଗୋଟେ ?"

ସାରଆଦାନ୍ ହସି ହସି ଗୋଟିଏ ମକ୍କା ହାତରେ ବଢ଼ାଇ ଧରିଲା । ଠେଙ୍ଗା ଛୁଇଁକରି ତା'ର ହାତକୁ ଟାଣି ମୁଠାରେ ଧରି-ପକାଇ ଆସ୍ତେ ଝାଙ୍କିଦେଲା । ପୁଣି ହଠାତ୍ ଛାଡ଼ିଦେଇ ହୋ ହୋ ହୋଇ ହସି ସେଠୁ ଚାଲିଗଲା । ମକ୍କା ଆଉ ନିଆ ହେଲା ନାହିଁ ।

ପୁଣି ଆଉ ଦିନେ ସମରା ପରଜାର ଝିଅ କମ୍ପଲି ଝରଣା ଅଡ଼ଡ଼ା ବାଟେ ପାଣି ମାଠିଆଏ ଧରି ଉଠୁଥିଲା । ଖରିବେଳେ । ଠେଙ୍ଗା କାନ୍ଧରେ ବାଡ଼ି ଖଣ୍ଡିକରେ ଦୁଇତିନିଟା ଲାଉ ତୁମ୍ବା ଓହଳେଇ କ୍ଷେତକୁ ବାହାରିଲା । କମ୍ପଲର ଗୋଡ଼ ଖସିଗଲା । ସେ ଏପରି ଭାବେ ବସି ପଡ଼ିଲା ଯେପରି ମାଠିଆ ଭାଙ୍ଗିଲା ନାହିଁ, ଖାଲି ପାଣି ଢାଳିଗଲା । ଆଉ ତା'ର ଗୋଡ଼ ମକଚି ହୋଇଗଲା । ଠେଙ୍ଗା ପାଖକୁ ଚାଲିଗଲା ବେଳକୁ କମ୍ପଲି ଉଃ ଆଃ ହଉଚି । ମାଠିଆଟି ତଳେ ଗଡ଼ୁଛି । କାନ୍ଧର ବାଡ଼ି ବାହୁଙ୍ଗି ଓହ୍ଲେଇ ଦେଇ କମ୍ପଲିକୁ ଟେକି ଧରିଲା । କମ୍ପଲି ଆହା ଆହା ହୋଇ ଉଡ଼ମୋଡ଼ ହୋଇ ଏପାଖ ସେପାଖ ଲଟେଇ ପଟେଇ ହେଉଥାଏ । ଗାଡ଼୍ ଭିତରେ, କେହି କୁଆଡ଼େ ନାହିଁ । ଉଡ଼୍ଆଳ । ଗଛତଳ ଛାଇ । ଏପାଖ ସେପାଖ ଗାଡ଼୍ର ଅଡ଼ଡ଼, ତାରି ଭିତରେ ସେପାଖ କ୍ଷେତକୁ ବାଟ । ଗାଡ଼୍ ସନ୍ଧରେ ଶୋଟିକିଆ କାପ୍ରାଟିଏ ବୋବଉ-ଥାଏ । ନିସ୍ତବ୍ଧ । ଠେଙ୍ଗାଜାନି ମୁହୂର୍ତ୍ତେ କମ୍ପଲର ଝିକଲ ମୁହଁକୁ

ଅନେଇଁଲା । ଆଖିର ଗହ୍ୱର କଳାଲା । ମୁହଁ ନୁଆଁଇ ଆଣିଲା । ତାପରେ କମ୍ବଲକୁ ସଜାଡ଼ିଦେଇ ବାଟେ ବାଟେ ଚାଲିଗଲା ।

ଉତ୍ତେଜନା ଲୁଚାଇବାକୁ ଦୁଲଦାଲ୍ ଗୋଡ଼ ପକାଇ ସେ ଚାଲିଗଲା । ପିଲାଟିଦିନୁ ଗାଁର ଝିଅଙ୍କୁ ଦେଖିଛି । କେତେ ଝିଅ ତାରି ଆଗେ ନଙ୍ଗଳା । ପିଲାଦିନୁ ତାଙ୍କର ସଙ୍ଗେ ବଢ଼ିଆସିଛି । ଏବେ ଦେଖିଲେ ହଠାତ୍ ଚମକ ଲାଗେ । ମନ ଭିତରେ ସାତ ପାଞ୍ଚ କରେ । ପୁଣି ସିଧା ହୋଇ ଚାଲିଯାଏ ।

ଧାନ୍ଦବୁଢ଼ା ମୁଣ୍ଡିଆ ଉପରେ ଠିଆ ହୋଇ ରହେ ।

ରାମ ନାଇକ ନତ ଆସି ତା ଗୋଡ଼ତଳେ ମୁଣ୍ଡିଆଟିଏ ମାରି ଜଣାଣ କରେ, ଧାନ୍ଦବୁଢ଼ା, ମୋର ଠେଙ୍ଗା ନାଗି ଗୋଟିଏ ଭଲ ବୋହୂ ଦେବୁ । ଦେଖିବାକୁ ଭଲ ହୋଇଥିବ, ଷେତପାଇଟିକୁ ମଜଭୁତ ଥିବ । ପିଲା ଜନମ କରିବ ଅନର୍ଗଳ । ଆଉ ଆମ ବୁଢ଼ା-ବୁଢ଼ୀଙ୍କୁ ପଚାରିବ । ନଗ୍ଧଡିଆ ସଞ୍ଜରେ ଯେତେବେଳେ ଧାନ୍ଦ-ବୁଢ଼ା ଆଉ ହୁଙ୍କାବୁଢ଼ା ତଳେ ତଳେ ଅନ୍ଧାର ଖୁନ୍ଦ ହୋଇଯାଏ, ତଳୁ ଧାଂଡ଼ାବସାଘରୁ ଢ଼ୁଂଗ୍‌ଢ଼ୁଂଗାର ଯମକ ଅନୁପ୍ରାସ ଉପରକୁ ମଶା ଘାଉଁଘାଉଁ ପରି ଶୁଭେ । ରାମ ନାଇକ ବାରମ୍ବାର ଦଣ୍ଡବତ ହୋଇ ଖଜୁରି ଅୁଣ୍ଠାରେ ଧାନ୍ଦବୁଢ଼ା ପାଖେ ଗୁହାରି କରେ, ଅଳି କରେ । ନଜର ପାଟି ନଜେ ଶୁଣେ—ଧାନ୍ଦବୁଢ଼ା, ଗଲାବର୍ଷ ଯେମିତି ପାଞ୍ଚମୁଣ୍ଡ ଗୋରୁ ମୋର ମଲେ, ଏବର୍ଷ ଯେପରି ନ ହୁଏ ଧାନ୍ଦବୁଢ଼ା । ତତେ ପାଗ ଦେବି, କୁକୁଡ଼ା ଦେବି, ମଦ ଦେବି, ସେମିତି କରିବୁ ନାହିଁ ଧାନ୍ଦବୁଢ଼ା,— ମରିଯିବଟି ।

ବେଳେ ବେଳେ ହରିଜାନ ଆସେ, କହେ, ଧାନ୍ଦବୁଢ଼ା, ମୋର ସାରିଆଦାନ୍ ପାଇଁ ରାମ ନାଇକର ପୁଅ ଠେଙ୍ଗାକୁ ତୁ

କରିଦେ, ତତେ ଗୋଟେ ହଣ୍ଡା ପଟ୍ଟେ ମୂଜକରି ଦେବି, ଆଉ ଠିଣେ ରନ୍ଧା ମଦ୍ ।

ଦାଦିବୁଢ଼ା ପାଖେ ପୂଜା ହୁଏ ଅନର୍ଯ୍ୟାପ । ହୁଙ୍କାବୁଢ଼ା ବଟ୍ଟେ ।

ବେଳେ ବେଳେ ଦିପହରିବେଳେ ମାଳେ ଲେଖା ଫୁଲ ଘେନ ଗାଁର ଝିଏ ଆସନ୍ତି । ଦାଦିବୁଢ଼ା ଗୁରିପାଖେ ହାତ ଧରାଧରି ହୋଇ ଭଉଁରି ବୁଲି ନାଚ କରନ୍ତି, ଗୀତ ବୋଲନ୍ତି—

ଆମ୍ବୁଗାଣୁ ଜାମ୍ବୁଗାଣୁ ବଢ଼ୁ ରେ
ଖାଉଁମାସା ମାଉଁମାଲା ଗୀତୁ ରେ ।

ଦାଦିବୁଢ଼ା ପାଖକୁ ମୁହଁକୁ ଲଟେଇ ଆଣି ଚୂପ୍‌ଚୂପ୍ କାହା ନାଁ କହି ଫୁଲମାଳ ସବୁ ତାହା ବେକରେ ଲମ୍ବାଇ ଦିଅନ୍ତି୩ ହସି ହସି ଚୂମୁଟାଚୂମୁଟି ଠେଲାଠେଲି ହୋଇ ଦଳ ଭାଙ୍ଗି ଦଉଡ଼ି ଦଉଡ଼ି ପଳାନ୍ତି ।

ଦାଦିବୁଢ଼ା ପାଖେ ମାନସିକ କରି କେହି ହତାଶ ହୁଏ ନାହିଁ । ସମସ୍ତେ ଆଶା କରି ବସନ୍ତି । ଦିନେ ନା ଦିନେ ନିଶ୍ଚୟ ହେଲେ ଆଶା ଫଳିବ । ଦାଦିବୁଢ଼ା ଫାଙ୍କି ଦେବ ନାହିଁ ।

ଦାଦିବୁଢ଼ା ପାଖେ ଅନେକ କୁକୁଡ଼ା ବଳି ପଡ଼ନ୍ତି, ଅନେକ ମଦ ଢଳାହୁଏ । ଅନେକ ଫୁଲ ଶୁଖେ ।

ଅଧରାତିରେ ତିନଚାରି ଜଣ ଲୋକ ସେଠିକି ଆସନ୍ତି । ମୁହଁରେ ବିହଳ ନିଶ ଦାଢ଼ି । କାଳିଆ ଦେହରେ ଚକ୍ ଚକ୍ ଜଡ଼ାଚେଲ । ଆଣ୍ଠେ ଲେଖାଁ କଳା କଉପୁନୀ ପିନ୍ଧା । ସେମାନେ ଡମ୍ ଲୋକେ, ଚୋରେଡ଼ ଲୋକେ, ଯାହାଙ୍କୁ ଖୋଜିବା ପାଇଁ ପୁଲିସ ଜମାନ୍ ଜଙ୍ଗଲେ ଜଙ୍ଗଲେ ବୁଲୁଥାଏ ।

ସେମାନେ ମଧ୍ୟ ଦାଦବୁଢ଼ା ପାଖେ ମାନସିକ କରନ୍ତ— ଦାଦବୁଢ଼ା ! ପୁଲସ ଜମାନ୍ ଯେମିତ ଆଜ ଗାଁ ଭିତରକୁ ନ ଆସେ । ଦାଦବୁଢ଼ା, ସବ୍ ଇନସ୍‌ପେକ୍ଟର ବାବୁ ଯେମିତ ଜରକାଇଲରେ ପଡ଼ୁ । ଦାଦବୁଢ଼ା, ବାଘ ଭାଲୁକୁ ନ ଡରି ଆମେ ଆଜ ରାତ୍ତି ରାତ୍ତି ଟାଇଟିକୁ ଗ୍ଲଲୁ । ଠଗ ଯେମିତ ଆମେ ନ ପଡ଼ୁ ଆଉ ଯେମିତ କାଟୁ ମିଳୁ, ଭୁଟୁ ହାତରେ ନ ଫେରୁ । ଆମର ଭଲ୍ ଅସାର୍ ଜାଣିବାକେ ଏକା ତୁଇ, ତୋତେ ନ କହିଲେ କେ ଆମର୍ କଥା ଶୁଣିବ ?

ଲମ୍ବ ହୋଇ ଗୋଡ଼ତଳେ ପଡ଼ି ସେମାନେ ଅନ୍ଧାର ଭିତରେ ମିଶିଯାଆନ୍ତି । ହୃଦୟରେ ନୂଆ ଆଶା ଓ ସାହସ ବାନ୍ଧି ।

ନଈଘାଟରେ ତା'ର ବନ୍ଧୁ ସାରଆଫୁଲ୍‌ର ବେକରୁ ମଳ ଛଡ଼ୋଉ ଛଡ଼ୋଉ ସାରଆଦାନ୍ ଅତି ଗୋପନରେ ତା'ର କାନ ପାଖେ କହିଲା, ଆଜ ବାପା କହୁଥିଲା ମା'କୁ ଯେ ନାଇକ ଯଦି ତା'ର ପୋ ବିଷୟରେ ମତେ ମାଗିଆସିବ, ଦ'କୋଡ଼ି ଟଙ୍କା ଥୋଇ ଦେଲେ ସୁଦ୍ଧା ବାପା ନାହିଁ କରବ ନାହିଁ କୁଆଡ଼େ ।

ହସି ହସି ପାଣିରେ ମୁହଁ ମାଡ଼ଦେଲା ସାରଆଦାନ୍ ।

ସାରଆଫୁଲ କହିଲା, ମୋର ବାପା ସେମିତ ଏକା କହୁଥିଲା ମୋର ମାମୁଁକୁ ମୋ ବିଷୟରେ କାଲ, କହିଲା ନାଇକକୁ ଯାଇ କହ ।

ହସ ଭିତରେ ନଆଁ ଜାଳି ଏ ତା ମୁହଁକୁ ସେ ତା ମୁହଁକୁ ଟିକଏ ଚାହିଁଲେ । ତା'ପରେ ଉଭୟେ ଆକାଶକୁ ଅନାଇ କହିଲେ—ଏ ଲୋ ଦ'ଘଡ଼ି ବେଳ ହେଲାଣି ଆସି, କେତେବେଳ ଯାଏ ଆଉ ଗାଧୋଇବା !

ଏବେହେଁ ଉଠିପଡ଼ି ପିନ୍ଧିଲା ଲୁଗା ଏଖଣ୍ଡି ଘୋସାରି ଆଣି ବେଢ଼େଇ ହୋଇ ପଡ଼ି ଏ ଯୁଆ ବାଟରେ ସେ ତା ବାଟରେ ଘରକୁ ଚାଲିଗଲେ ।

ସେଦିନ ତାଆଣିଆ ଖରାବେଳେ ସାରିଆଦାନ୍ ଗଲା ଦାଦ-ବୁଢ଼ା ମୁଣ୍ଡିଆଆଡ଼କୁ । ମୁଣ୍ଡିଆ ଉପରୁ ସାରିଆଫୁଲ ସେତେବେଳେ ଓହ୍ଲାଉଥାଏ । ଦାନ୍ କହିଲା, କୁଆଡ଼େ ଯାଇଥିଲୁ କଲେ ?

ଫୁଲ୍ କହିଲା ଆମ ମାଈ ଘୁଷୁରିଟା ହଜିଛି ଯେ ଖୋଜିବାକୁ ଯାଇଥିଲି କାଲେ ଯୁଆଡ଼େ ଆସିଥିବ ବୋଲି । ତୁ କୁଆଡ଼େ ଯାଉଚୁ ?

ଯାଉଚି ପୋଖରୀ ବସି ଆସିବି । ଚଲେ ଖାଲି ଲୋକେ ସାଲୁବାଲୁ ହଉଛନ୍ତି ।

ଦୁଇ ସଖୀ ପରସ୍ପରକୁ ଚୁଣ୍ଡ ଫୁଲେଇ ଚାହିଁଲେ । ତାପରେ ପରସ୍ପରକୁ ପଛ ବୁଲେଇ ଦେଇ ଚାଲିଗଲେ ।

ସାରିଆଦାନ୍ ପହଞ୍ଚି ଦେଖିଲା, ଦାଦବୁଢ଼ାର ପଗଡ଼ି ଉପରେ ସଜ ଫୁଲମାଳ ଝୁଲୁଛି । ଟାଣି ଛିଣ୍ଡେଇ ଫୋପାଡ଼ି ଦେଇ ନିଜ ଅଣ୍ଟିରୁ ରଙ୍ଗ ମନ୍ଦାରର ଫୁଲମାଳ କାଢ଼ି ସେଠି ଝୁଲେଇଦେଲା । ଦାଦ-ବୁଢ଼ାକୁ ଦି'ହାତରେ କୁଣ୍ଢେଇ ଟିକଏ ଗେଲ କରି ତୁନି ତୁନି କହିଲା—ଦାଦ-ବୁଢ଼ା, ତୁ ମୋ ଫୁଲ ପିନ୍ଧିବୁ, ଆଉ କାହାରି ଫୁଲ ଛୁଇଁବୁ ନାହିଁ, ନୋହିଲେ ମୁଁ ରୁଷି ବସିବି, ପେଜ ପାଣି ଛୁଇଁବି ନାହିଁ । ବୁଝିଲୁ, ଆଉ ମୋ କଥା ତୁ ଭାଙ୍ଗିବୁ ନାହିଁ ।

ସାରିଆଦାନ୍ ଚାରିଆଡ଼କୁ ଟିକଏ ଚାହିଁ ଦେଇ ମୁହଁମାଡ଼ି ପଡ଼ିଲା ଦାଦ-ବୁଢ଼ା ଆଗରେ । ପଡ଼ି ପଡ଼ି ପଥର ଉପରେ ମୁଣ୍ଡ ବାଡ଼େଇ କୋଡ଼ିଏ ଥର ଦଣ୍ଡବତ ହେଲା । ଚାଲି ଆସିଲା ।

ସେହିଦିନୁ ଦୁଇ ସଖୀଙ୍କର ବନ୍ଧୁତା ଲାଗିଗଲା ।

ସଞ୍ଜବୁଡ଼େ ମୁଗ୍ଧାନ ନଈର ପାଣି ଚକ୍ ଚକ୍ କରି ଛଳଛଳେଇ ଆସେ । କଇସାରି ମାଛ କୂଳକୁ ଆଉଜନ୍ତି । ନଈ ମଝିରେ ବଡ଼ ବଡ଼ ପଥରର ଚଟାଣ ଆଉ ଚଉତରା । ପଥର ଫାଙ୍କରେ ମେଞ୍ଚା ମେଞ୍ଚା ବେଣାବୁଦା ଆଉ ଦଳୁଆ ଗଛ । ସ୍ଥାନେ ସ୍ଥାନେ ପୋଷେ ପୋଷେ ସରୁ ଧଳାବାଲି । ତହିଁରୁ ଗୋଟାଏ ପଥର ଉପରେ ଠେଙ୍ଗାଜାନି ଗାନ୍ଧିମାଡ଼ି ବସିଥାଏ, ଗୋଡ଼ ଲମ୍ବେଇ ଦେଇ । ହାତରେ ଖଣ୍ଡେ ବନ୍ସୀ-ଖଡ଼ା । ତହିଁରେ ଯେଉଁ ଡୋର ଲାଗିଛି ସେଥିରେ କଣ୍ଟା ପରିବର୍ତ୍ତେ ବନ୍ଧା ହୋଇଛି ଗୋଟାଏ ଜିଅନ୍ତା ମାଛ ଓ ମାଛର ଠିକ୍ ମୁଣ୍ଡପାଖେ ଗୋରୁର ଲାଞ୍ଜବାଳର ଗୋଟିଏ ଫାଶ । ତା'ର କୌପୁନି-ଅଣ୍ଟାରେ ଗୋଟିଏ ପନିକାହାଳୀ ଖୋସା ହୋଇଛି, ସେଥିରେ ଅଳ୍ପ ଟିକିଏ ଜଡ଼ାତେଲ । ଠେଙ୍ଗାଜାନି କାନରୁ କାଢ଼ି ବହଳ ପିଙ୍କା ଖଣ୍ଡିକ ଟିକିଏ ଫୁଙ୍କିଦେଇ ପୁଣି କାନରେ ଗେଞ୍ଜିଦିଏ । ତାପରେ ବନ୍ସୀ ଡୋରକୁ ପାଣିରୁ ଉଠେଇ ନେଇ ଫାଶରେ ଟିକିଏ ଜଡ଼ାତେଲ ବୋଳିଦେଇ ପୁଣି ବନ୍ସୀକୁ ପାଣିରେ ପକେଇ ଚାହିଁବସେ । କେତେବେଳେ ବଡ଼ କଇସାରି ମାଛ ଆସି ଜିଅନ୍ତା ମାଛକୁ ଭୁଷିବ ଓ ଫାଶରେ ଧରାପଡ଼ିବ ।

ଜଙ୍ଗଲରେ ଅନ୍ଧାର ପଶେ, ଠେଙ୍ଗାଜାନି ମାଛଧରାରେ ମନ ଦିଏ । ସଞ୍ଜବେଳିଆ ନଈ ଭିତରେ ପଥର ଉପରେ ବସି ପଡ଼ନ୍ତି ଧଳା ଧଳା ବଗ ଓ ମାଛରଙ୍କା । କୁରେଇ ଫୁଲର ସୁବାସରେ ପବନ ଭାରି ପାଇ ଓହଳିଯାଏ । ସୁଲୁସୁଲିଆ ପବନରେ ଉଡ଼େ ସୁନାରିଫୁଲର ଲମ୍ବ ବେଣୀ ମୁଗ୍ଧାନ ନଈର ଦ'କରରେ ।

ଠେଙ୍ଗାଜାନି ବସି ବସି ମାଛ ମାରେ ।

ପଛଆଡ଼୍କୁ ଗାଁ ଭିତରୁ ହସ ଶୁଭେ, ପାଣି ଖଳ ଖଳ ଶୁଭେ । ଚନାଏଁ ଢ଼ଗିଯାଏ ବାଙ୍କର କରପଟିଆ ।

ଠେଙ୍ଗାଜାନ୍ଦ ଫାଶରେ ଜଡ଼ାତେଲ ଦେବାକୁ ଭୁଲିଯାଏ । ଟିଙ୍କା ଲଗାଇବାକୁ ଭୁଲିଯାଏ । ଖାଲି ପାଣିକୁ ଏକା ଆଖିରେ ଅନେଇରହି ଭାବେ । କଣ ଯେ ଭାବେ ତା'ର ଅନ୍ତ ପାଏ ନାହିଁ । କେବଳ ଅନ୍ଧାରର 'ଓଜନ ଘେନି ମୁହଁର 'ଗ୍ଲାଇଟା ତା'ର ଓହଳି-ପଡ଼େ ପାଣି ଉପରେ ।

କ୍ରମେ କୁନ୍ଦ୍ରା ବୋବାଏ । ଅନ୍ଧାର ସନ୍ଧରୁ ଝିଙ୍କାରି ଝିଁ ଝିଁ ଡରେ । ବର୍ତ୍ତମାନ ଆଉ ଭବିଷ୍ୟତର ଝିଙ୍କା ଟଣାରେ ପଡ଼ି ମନଟା ଦୋହଲି ଦୋହଲି ଯେଉଁଠି ସେଇଠି ଅଟକି ରହିଯାଏ । ମଝିରେ ଖିଆ ମାରେ ଅତୀତ ଆଉ ସ୍ମୃତି । ସମାଧାନ ହୋଇପାରେ ନାହିଁ । ଟିଳତା ଭିତରେ ବାଜି ଉଠେ କରୁଣ ରାଗିଣୀ, କୁହୁଡ଼ିଆ ଆକାଶ ତଳେ ଶରବଣ ଭିତରେ ସାଇଁସାଇଁଆ ପବନପରି ।

ବାପ ଖୋଜେ ପୁଅ କାହିଁ, ଆସି ନାହିଁ । ମା ଖୋଜେ ଏତେ ବେଳ ହେଲା ଆଉ ପୁଅ ଗଲା କୁଆଡ଼େ । କେତେବେଳେ ଯାଇ ଚୌକୁମାରେ ଅଜାଡ଼ି ପେଜ ମନ୍ଦଏ ପିଇଥିଲା, ସେ କଣ ଏ ପର୍ଯ୍ୟନ୍ତ ରହିଥିବ ପେଟରେ ?

ପୁଅ ଘରକୁ ବାହୁଡ଼େ । ବାପର ଛାତି କୁଣ୍ଢେ ମୋଟ ହୋଇ ଏ । ହଁ, ଏଇ ତା'ର ପୁଅ, ବୁଢ଼ା ଦିନର ହାତଆଗ୍ରା ବାଡ଼ି, ଟେଙ୍ଗା । ଦେଖିଲେ ଶତ୍ରୁ ଶଙ୍କିଯିବ ।

ଦାଦିବୁଢ଼ା, ଚୋର ଦସ୍ୟୁ ।

ମା'ର ପାଦ ତଳେ ପଡ଼େ ନାହିଁ । ଧନ ଆଉ ରାତି କଟି-ଏ ଦୋ'ଟି ଲୋକଙ୍କର । ପୁଅର ସୁଖର ସ୍ୱପ୍ନ ଦେଖି ବେଶି, ଉ ତାଙ୍କର ଅନବରତ ଭାବନା, ପୁଅ ବଡ଼ ହେବ । ଘରକୁ

ବୋହୂ ଆସିବ । ସେ ବୁଟ୍ଟୁରୁ ବୁଟ୍ଟୁରୁ ଚାଲୁଥିବ । ମିଟିମିଟି କରି ଅନାଉଥିବ, ବୁଢ଼ା ବାପକୁ ପାଣିରେ ଗାଧୋଇଦେବ । ଶାଶୂକୁ ଘରୁ ଠେଲିଦେଇ ଆପେ ଆପେ ମାଣ୍ଡିଆ ପେଜ ରାନ୍ଧିପକେଇବ । ମୁରୁଦ ଶାଗ୍ ଧୋଇ ପକୋଇବ । ନୂଆ ବୋହୂଟି ।

ପାନ-ଘାଟରେ ଧାଙ୍ଗବୁଢ଼ା ଖମ୍ବକୁ ଚାହିଁ ଠିଆହୋଇ ରହି ପରକୁଣି ବୁଢ଼ୀ କପାଳରେ ହାତ ଯୋଡ଼ି ଜଣାଣ କରେ । ପିନ୍ଧା ଖଦି ବେଢ଼େଇ ହୋଇପଡ଼ିବାକୁ ଭୁଲିଯାଏ । ଆଉ ବୁଢ଼ା ରାମ ନାଇକ ନଡ଼ି ନଡ଼ି ରଇତମାନଙ୍କୁ ଫରମାସି ଦିଏ, ଆଜି କୁକୁଡ଼ା ବଳି ପକାଅ, ଆଜି ପାରୁଆ ପୂଜା, ଆଜି ମଦ ରାନ୍ଧ......।

ଧାଙ୍ଗ-ବୁଢ଼ା ହସିଲା ପରି ଦିଶେ ।

ବାଟେ ବାଟେ ଖିସ୍ତୁ ଅସୁଲ କରି କରି ଜାନି ଆଉ ମୁଦୁଲି—ହରିଜାନି ଆଉ ରାମ ମୁଦୁଲି ଦୁଇଜଣଯାକ ଯାଆନ୍ତି । ରାମ ନାଇକ ଠେଙ୍ଗା କଥା ଗପେ । ହରିଜାନି ଗପେ ସାରିଆଦାନ୍ କଥା । ବାରିକ୍ ଚାଁଟେର ଭମ୍ ପଛେପଛେ ଚାଲେ, ତା'ର ବାପାର ବାପାର ପୁରୁଣା ଠେଙ୍ଗା ଖଣ୍ଡି ଧରି । ବେଳେବେଳେ ନାଇକ କଥାରେ ବେଳେବେଳେ ଜାନି କଥାରେ ସା ଦିଏ, ମୁଣ୍ଡ ଟୁଙ୍ଗାରେ । ଏହିପରି ସେମାନେ ଜଙ୍ଗଲ ଭିତରେ ବଡ଼ ଗାଁର ପଲ୍ଲୀପୁଟ୍ ଗାଁ, ଗୁଡ଼ା ଗାଁମାନଙ୍କୁ ଯାଆନ୍ତି । ରିବ୍ନୁ, ନଂଗାମନ୍ ପାଖକୁ ଛେଳିଟା କୁକ୍କୁଡ଼ାଟା ଭେଟି ନେଇଯାଆନ୍ତି—ମୁନିଆ ପଥର ବାଟରେ, ଗୋଡ଼ଖସା ଖାଲ ବାଟରେ, ଗୁଣ୍ଡିଫଟା ଡିପ ବାଟରେ । ଗୋଟିଏ ଗୋଟିଏ କଥା ଗପିଗପିକା ସେମାନେ ଯାଆନ୍ତି ଆସନ୍ତି । ନାଇକ ଜାନି ମୁହଁକୁ, ଜାନି ନାଇକ ମୁହଁକୁ, ପଚାରିଲା ପଚାରିଲା ଆଖିରେ ଚାହିଁରହନ୍ତି । ଅସଲ କଥାଟି କେହି ପକାଏ ନାହିଁ । ରାମ ନାଇକ

ସାରିଆଦାନ୍‌କୁ ମାଗେ ନାହିଁ । ହରଜାନ ଖୋଲ୍‌ଟଙ୍କା କଥା ଭକାଏ ନାହିଁ, ଦିନ ଚଳିଯାଏ ।

ଗାଁର ଲୋକେ ଦାଦ୍ଦ-ବୁଢ଼ା ଆଡ଼କୁ ଅନାଇ ରହନ୍ତି । ଗାଁର ଝିଏ ଠେଙ୍ଗାଜାନ ଗୀତଆଡ଼କୁ ଅନାଇ ରହନ୍ତି । ଦାଦ୍ଦ-ବୁଢ଼ା ଅନେଇ ରହେ ଫାଙ୍କା ଆକାଶକୁ ନିଶ୍ଚଳ ନିସ୍ପନ୍ଦ ହୋଇ । କେବଳ କୌତୁକ କରେ ହୁଙ୍କାବୁଢ଼ା । ତାହା ଉପରେ ଖାଦ୍ଦମାଣକ୍ଷର ଚଳପ୍ରଚଳ ଲାଗେ । ଉଇମାନେ ଧାର କରି ଏମୁଣ୍ଡ ସେମୁଣ୍ଡ ଶୋଭାଯାତ୍ରା କରନ୍ତି । ଧାର ମୁହଁରେ ଗୋଟିକିଆ ବେଙ୍ଗ ଗୋଟିଏ ଲେଖା ଓର ପାତ୍ତି ଜିଭ ଲହ ଲହ କରନ୍ତି ପୁଞ୍ଜିପତି ସାହୁକାରପରି । ଦାଦ୍ଦ-ବୁଢ଼ାର ହଲଚଲ ନାହିଁ । ଗହଲ ଚହଲ ନାହିଁ, ସେ ସ୍ଥିର । କିନ୍ତୁ ଦୁନିଆ ସ୍ଥିର ନୁହେଁ ।

ପାଖର ଜଙ୍ଗଲରେ ସ୍ଥାନେ ସ୍ଥାନେ ପୋଡ଼ୁ ମରିହେବା-ପାଇଁ ଗାଁର ଲୋକେ ଉତ୍ସବ କରି ଛେକ ଦେଇସାରିଲେଣି, ଯେଉଁକି-ଜାଗା ସଫା ହେବ ତା'ର ସୀମା ଠିକ୍ କରିବା ପାଇଁ ଏଠି ଖଣ୍ଡେ ସେଠି ଖଣ୍ଡେ ବଡ଼ ବଡ଼ ଗଛ ହାଣି ପୋଡ଼ି ଦିଆ ହୋଇଛି । ତାହା ପରେ ଦିନେ ମହ ଉଛା ହେବ । ଏକାଥରକେ ହେଉଡ଼ଶ କୁରାଡ଼ି ପଡ଼ିବ, ଶାଳ, ପିଆଶାଳ, ଆମ, ଡମ୍ବିର ସମସ୍ତେ ଭୂଇଁରେ ପଡ଼ିବେ । ପାହାଡ଼ ମୁଣ୍ଡରେ ଚନ୍ଦା କଣ୍ଠ କାଦୁଅର ଘୋଳଦହି ତାଳି ବଣର ମଣିଷ ସେଠି ଭାତ ଗୋଟେଇବ । କି ପାଏ ଜଙ୍ଗଲକୁ ସେ ? ଜଙ୍ଗଲ ଉଜାଡ଼ି, ବାଘ ବଣର, ମଣା ଡାଆଁଶ ଅଉମାରି, ଭାତ ମୁଠାକ ତା'ର, ତା'ର ସୁଆଁ ଅଳସି ମାଣ୍ଡିଆ ଜଡ଼ା । ତାପରେ ଦିନେ ଫାରଷ୍ଟି ଆସିବ, ପୋଡ଼ୁ ଦେଖି ତାଙ୍କୁ କୋଟ୍ଘରକୁ ଡାକିନେବ । ଦାଦ୍ଦବୁଢ଼ାଆଡ଼କୁ ଅନେଇଁ ଅନେଇଁ ଦିସାରି କହିବା ଯୋଗ ପାଗ ଉଣ୍ଡି ବାଟେ ବାଟେ

ସେମାନେ ଗୁଳପିବେ । ତା ପରେ ଜୋରିମାନା ଟଙ୍କା — ଯାଉ ପଛେ, ଭାତ ମୁଠାକରୁ କଟୁ ହେଲେ ବଳବ ଧିଅର ଝୋଲ ବାବତକୁ । ସେତିକି ହେଲେ ଯଥେଷ୍ଟ, କାରଣ ପାହାଡ଼ର କଙ୍କରଠୁଁ ମାଣ୍ଡିଆପେଜ୍ ମଧକ ବେଶୀ ସୁଆଦ । ଆଉ ସଡ଼ା-ମାଣ୍ଡିଆର ପେଣ୍ଡମ୍ ଲନ୍ଧା ମଧକ ।

ଇତିହାସର ପୃଷ୍ଠା ଗଡ଼ି ଚାଲିଛି । ଦାଢ଼ିବୁଢ଼ାର ଗୋଡ଼ତଳେ ଝରଣାକୂଳରେ ବେଆଇନ ମଦ ରନ୍ଧା ଆରମ୍ଭ ହୋଇଛି । ଚୂଲ୍ଲୀ ଉପରେ ସଡ଼ା ମହୁଲର ଫାସ୍ ଭର୍ତ୍ତି ହାଣ୍ଡି । ତାହା ମୁହଁକୁ ମୁହଁ ଲାଗି ଆଉ ଗୋଟିଏ ସାନ ହାଣ୍ଡି । ସନ୍ଧିରେ ଗୋବର ନେସା ହୋଇଛି । ସେଥିରୁ ନଳୀ ଲାଗିଛି ତଳେ ଥିବା ନବୁଜ ଧରଣି ହାଣ୍ଡିରେ । ହାଣ୍ଡି ଭିତରେ ହାଣ୍ଡି ପଶି ଧରଣି ହୋଇଛି । ଦାଢ଼ି-ବୁଢ଼ାକୁ ଭୋଗ ଲଗାଇ ମଦ ତିଆରି ଚାଲିଛି । ମହୁଲ ମଦ ପିଇ ଆଖି ଢୁଲୁଢୁଲୁ । ଘରେ ଭାତ ନାହିଁ । ପେଟରେ ବେଆଇନ ରନ୍ଧା ମଦ । ମୁହଁରେ ଅନର୍ଗଳ ହସ ଆଉ ପାହାଡ଼ ଉପରେ ଖରା ନାହିଁ ଚଟା ନାହିଁ ଭୁଷ୍ ଭୁଷ୍ ଚାଷ କାମ ଲାଗିଛି ।

ଦାଢ଼ିବୁଢ଼ା ଚାହିଁ ଦେଖୁଛି । ହସିଲା ପରି ଦିଶୁଛି ।

ଏହିପରି ଦିନେ ଅଲସିଫୁଲିଆ ଦିଆଲି ମାସ ଦିପହରେ । ଠେଙ୍ଗାଜାନି ଗଡ଼ିଆସୁଥିଲା ଶିଳବେଡ଼ା ଜଙ୍ଗଲ ଉପରୁ ତଳ ଖାଲକୁ । ମୁହଁପାଖେ ପାଛେଡ଼ି ପର୍ବତ, ଯାହାକୁ ଡେଇଁଲେ ଲୁଲ୍ଲା ଖାଲର ଡାଲୁ ପଡ଼େ ।

ଶୀତଦିନର ଦି ପହରିଆ ଖରା କେଡ଼େ ଗୁଉଁ ଗୁଉଁ ଲାଗେ, ଆଉ ମନଟା ଲାଗେ ମତୁଆଲା, ଦୋହଲିଲା ପରି ।

ଖାଲଟି ସେତେ ବଡ଼ ନୁହେଁ, କିନ୍ତୁ ଚାରିପାଖେ କରମଙ୍ଗା ପରି ପାହାଡ଼ର ଧାର, ଆଁଶ-ଆଁଶିଆ । ତାହାର ମୁଣ୍ଡରୁ

ଗୋଡ଼କୁ ଜଙ୍ଗଲ ସଫା ହୋଇ ଖାଲି ଫୁଲଫୁଟା ଅଳସିକ୍ଷେତ ହଳଦୀ ଗରଗର ।

ତାଳୁ ତଳେ ଗୋଟିଏ ଅଧା ପୋତିହୋଇଥିବା ମଠୁଆ ଝରଣା । ତହିଁରେ ଫିକା ସାବୁଜା ଧାନକ୍ଷେତ । ସୁତିଏ ଉଞ୍ଚରେ ଧାନ ବଢ଼ିଛି । ମଝିରେ ବଙ୍କାଟଙ୍କା ନାଲି ହୋଇ ଖଣ୍ଡିଏ ହିଡ଼ ରାସ୍ତା—ଖଣ୍ଡିତାର ସୀମନ୍ତର ସିନ୍ଦୂରଗାର ପରି ।

ଆଖିଝଲସା ଆଉଟା ବର୍ଣ୍ଣର ନଶା ଠେଙ୍ଗାଜାନର ମଣ୍ଡକୁ ଉଠିଥାଏ, ଧାଇଁ ଧାଇଁ ସେ ଆସୁଥାଏ ।

ଝରଣା ଉପରେ ମୋହିଁ ପଡ଼ିଥିବା ପଥର ପାଖେ ସେ ଥିର ହୋଇ ଠିଆହେଲା । ତୃଷ୍ଣ ଆଖିରେ ଦେଖିଲା । ବାଣୁଆ ଯେପରି ଉଡ଼ୁଆ ନଳ ରାସ୍ତା କରେ ନିଆଁ ଲଗାଇ ନରେଖି ରୁହେଁ ଗୋଡ଼ା ଟିପିବା ପୂର୍ବରୁ ।

କେହି କୁଆଡ଼େ ନାହିଁ । ଖାଲି ଟୁଚପାଖର ଦହି ଖୁଆ ପାହାଡ଼ରେ କାର୍ତ୍ତିକର ଟାପରାଖେଳା ଖରା ଅଜାଡ଼ି ହୋଇ ପଡ଼ି ହସୁଛି, ଆଉ ଡାକୁଛି । ଠେଙ୍ଗାଜାନ ମୁହଁ ବଢ଼େଇ ରହିଲା । ତଳର ବେଡ଼ା ନଈରୁ ସେତେବେଳେ ଏଣ୍ଡ୍ରିଓ ପ୍ରାଚୀନ୍‌ର ଭାଇ ଅଲେଇକ୍‌ବରିଆର ଝିଅ ସନ୍ତୋଷ୍‌କୁମାରୀ ଧୀରେ ଧୀରେ ଉଠି-ଆସୁଛି । ବାଳ ମକୁଳା ହୋଇ ପଡ଼ିଛି । ପାଣି କେରା କେରା । ଧିଅରେ ଲୁଗା ନାହିଁ । ଠେଙ୍ଗାଜାନକୁ ଦେଖିବାକୁ ଭଲ ଲାଗିଲା । ରହିଁ ରହିଁ ସେ ଦେଖିଲା । ସନ୍ତୋଷ୍‌କୁମାରୀ ଖଣ୍ଡେ ଦୂର ଚାଲିଯାଇ ତା ଆଡ଼କୁ ମୁହଁ କରି ଠିଆହୋଇ ଦି'ହାତରେ ବାଳ ଚିପି ଚିପି ପାଣି ନିଗାଡ଼ିଦେଲା । ତା ପରେ ସାବୁଜା ଲୁଗା ଖଣ୍ଡିଏ ପିନ୍ଧିଲା । ବ୍ଲାଉଜ୍ ଖଣ୍ଡି ପିନ୍ଧି ନକୁଟି ନକୁଟି ବୋତାମ ଲଗାଇଲା । ଠେଙ୍ଗାଜାନ ଧୂଡ଼୍‌ମୁଡ଼୍ ପିଠା ଛୁତିରେ ଥିରହୋଇ ରହିଁରହିଲା । ସନ୍ତୋଷ୍-

କୁମାରୀ ବାଲ ମୁକୁଳା କରି ମଟେଇ ମଟେଇ ହେଲା । ହଠାତ୍ ଠେଙ୍ଗାଜାନକୁ ଚହ୍ନିପାରିଲା ପରି—ଏଣିକି ଆ.ସ—ଗୃହାଣୀରେ ହସି ଉଠି ତରବର ହୋଇ କାନଠା ବେକ ଉପରେ ଲମ୍ବେଇଦେଲା । ସିଧାହୋଇ ଠିଆ ହୋଇଯାଇ ପଛ ବୁଲେଇଦେଇ ଗୋଟିଏ ଗୋଟିଏ ପାହୁଣ୍ଡ ପକେଇଲା ।

ଠେଙ୍ଗାଜାନ ଆଉ ଅଟକି ରହିଲା ନାହିଁ । ପ୍ରଥମେ ତ ଭାରି ଅପ୍ରସ୍ତୁତ ଲାଗିଲା, ମୁହୂର୍ତ୍ତେ ମନଭିତରେ ଦ୍ୱନ୍ଦ୍ୱ ହେଲା ଯେ ସେ ପଛ ବୁଲିପଡ଼ି ଫେରିଯିବ ଠିକଏ, ନା ଆଗେଇ ଚାଲିବ । ତାହା ପରେ ପରେ ପୁଣି କୁତୂହଳର ଜୟ ହେଲା, ଠେଙ୍ଗାଜାନ ମାଡ଼ି ଚାଲି-ଆସିଲା ।

ଖାଲ ସେପାରି ପାହାଡ଼କୁ ଉଠିବାକୁ ପଡ଼େ ଗୋଟିଏ ଝୋଲା ବା ଗହିରିଆ ଝରଣାର ଶେଷ । ଠିକ୍ ପାହାଡ଼ ମୁଣ୍ଡରୁ ଖାଲକୁ ଗଡ଼ିପଡ଼ିଛି । ତାହାର ଅଡ଼ଡ଼ି କରେ କରେ ଘଞ୍ଚ ଲଟାର ବଣ । ଆରହାତ ପାହାଡ଼ର ଢାଲୁ ଖାଖ ହୋଇ ଉଠିଛି, ବୁଦା ବୁଦା ଜଙ୍ଗଲ । ତଳେ ଧଇଁସଇଁ ହୋଇ ଛଳ ଛଳ ପାଣିଧାରଟିଏ ଉଠିପଡ଼ି ଖାଲର ବେଢ଼ା-ନଈକୁ ଗଡ଼ିଚାଲିଛି । ନିସ୍ତବ୍ଧତା ଭିତରେ ଖୁବେ ବଡ଼ ସୁନ୍ଦର । ଅଡ଼ଡ଼ି ଉପରେ ଚଲା ବାଟ, ଉଠାଣି ବାଟ, ଛୁଇ ଭର୍ତ୍ତି, ଶୀତଳ, ଦୁଇପାଖର ବୁଦା ଓ ଲଟାର କୁଞ୍ଜ ଭିତରେ ଠିକ୍ ଗୋଟିଏ ସୁଡ଼ଙ୍ଗ ପଥ ପରି ।

ସେଇ ଛୁଇବାଟେ ଉଠିଲେ ଦୁଇଟି ଲୋକ । ଅଳ୍ପ ଆଗରେ ଅଟେଇବଟିଆର ଝିଅ ସନ୍ତୋଷକୁମାରୀ, ପଛେ ପଛେ ଠେଙ୍ଗାଜାନ । ଏତେବଡ଼ ନିସ୍ତବ୍ଧ ପ୍ରକୃତି ଭିତରେ କେବଳ ସେହି ଯୋଡ଼ାଏ ପ୍ରାଣୀ ।

ସନ୍ତୋଷ୍‌କୁମାର ଅଳସେଇ ଅଳସେଇ ବାଟ ଚାଲେ । ଫୁଲଭର୍ତ୍ତି କଣ୍ଟା ଲଟା ତା'ର ପଣତକୁ ଧରେନଏ । ଗଛର ସିଅ ତା'ର ଗୋଡ଼ ବଳାରେ ଗୁଡ଼େଇ ହୋଇଯାଏ । ପଛଆଡ଼କୁ ଚେର୍ଚ୍ଛା ହୋଇ ଭୁଲପଡ଼ ଆପଣାକୁ ହୁଗାଳୁ ହୁଗାଳୁ ନ ଜାଣିଲାପର ସେ ଲୁଗା ହୁଗୁଳା କରିପକାଏ । ଉଠୁପଡ଼ ଗୁଡ଼ ଉପରେ ଦରଫିଟା ବ୍ଲାଉଜର ବୋତାମ ନଠେଇ ନଠେଇ ଟିପିଦିଏ । କ୍ଷଣେ ଅଟକ ରହେ, ପଛେ ପଛେ ଠେଙ୍ଗାଜାନର ଜଳନ୍ତା ଶିକାରୀ ଆଖି । ସନ୍ତୋଷ୍‌କୁମାରୀ ହସିଦିଏ । ଠେଙ୍ଗାଜାନର ଗୁଡ଼ରର ଧୂର୍ତ୍ତ୍‌ମ୍ନସ୍ ଆହୁରି ଜୋର ଜୋର ବାଜେ ।

କିଛି ସମୟ ଗଲା, ସେମାନେ ପହଞ୍ଚିଲେ ସମ୍ବରଖୋଜ ଚଟାଣ ପାଖେ । ସେଠି ଚାରିପାଖେ ଗଛ ଲଟା । ବାଁ ଡାହାଣେ କାନ୍ଥ କଟାହେଲା ପରି ପାହାଡ଼ର ଅଚଟ କାନ୍ଥ । ସାମନାରେ ସରୁ ହୋଇ ଗୋଟାଟିଏ ଉଠାଣି । ଚଢ଼ି ଚଢ଼ି ଚାଲିଯାଇଛି । ତଳକୁ ଗଡ଼ାଣି । ସେହି ସ୍ଥାନଟିରେ କେବଳ ପଥର ଚଟାଣ । ସମ୍ବର-ଖୋଜର ଚିହ୍ନ ପରି ପଥରରେ ଦୁଇଟା ଗାତ ଉପରକୁ ଜଳ ଜଳ ଦିଶୁଛି । ଗୋଟିଏ କଡ଼ରେ ବଡ଼ ଉଚ ପଥର ଖଣ୍ଡେ ଆଉଜି ରହିଛି । ତା'ର ସନ୍ଧରୁ ପାଣି ଝିର ଝିର ଝରୁଛି ।

ସନ୍ତୋଷ୍‌କୁମାରୀ ସେଇ ଚଟାଣ ଉପରେ ଗୋଡ଼ ଲମ୍ବେଇ ଦେଇ ବସିପଡ଼ ଦୁଇ ହାତରେ ଗୋଡ଼ ଘଷିଦେଲା । ଠେଙ୍ଗାଜାନ କ୍ରମେ ତଳୁ ଉଠି ଆସୁଥିଲା ।

ସନ୍ତୋଷ୍‌କୁମାରୀ ସାମନାକୁ ଚାହିଁ ହସିଲା । କହିଲା, କହରେ, ସେମିତ କାହିଁକି ଚାହୁଁଛୁ ମତେ ? ଉତ୍ତରରେ 'ପଦେ କଥା ନାହିଁ । ମୁହଁରୁ ଝାଳ ଫିଟିଯାଉଛି । ଠେଙ୍ଗାଜାନ ଉଶ୍ୱାସହେଲା । ସନ୍ତୋଷ୍-

କୁମାଙ୍କ କଥା ପଦ କହିଦେଇ ହସି ହସି ପଥରରେ ଲେଟିଗଲା, ଦୋହଲ ଦୋହଲ ।

ଭୁଣ୍ଡ ନ ଖୋଲି ଠେଙ୍ଗାଜାନ ଦୁଇ ହାତରେ ତାକୁ ଉଠେଇ ନେଲା । ଗୁଣ୍ଡରେ ଗୃପି ଧରି ଫୁଲ ପରି ଟେକି ନେଇଗଲା ପାଣିଝରା ପଥର ସେପାଖକୁ—

ଉପରେ କୁହୁଡ଼ିଆ ଆକାଶ । ମୁଣ୍ଡଧୂଗ ତଳକୁ ବୋଲି ଛୁଣ୍ଡିପଡ଼ୁଛି ହଳଦିଆ ଅଳସି ଛୁଆଁଣି କରମଙ୍ଗା ପାହାଡ଼ର ସନ୍ଧ ତଳକୁ ଗମ୍ଭୀର ଖାଲକୁ, ବେଢ଼ା ନଈରେ ଯେଉଁଠି ଚକ୍‌ଚକ୍ କରୁଛି ଫିକା ଶାବୁଜା ଧାନର ବଣ ।

—୪—

ଏତେ ବଡ଼ ଦୁନଆଁରେ ସବୁ ପଡ଼ି ରହିଛି । ହୃଦୟରେ ଲକ୍ଷେ ଆକାଙ୍କ୍ଷା ଧରି ଭୋକିଲା ଆଖିରେ ଧୂ ଧୂ ବାଲି ଉପରକୁ ଅନାଇଁ ରହିରହି କେତେ ଲୋକଙ୍କର ଜୀବନ ବିତିଯାଏ, ଥାଳି ପୂରେ ନାହିଁ, ଗୃହିଁବା ହିଁ ସାର ହୁଏ । ଯେ ହାତ ବଢ଼ାଏ ସେ ଯାହା କିଛି ପାଏ । ମନର ଶୋଷ ବଢ଼ୁ ପଛେ ତା'ର ଦେହର ଭୋକ ମେଣ୍ଟେ ।

ଅନାଇଁ ରହିଲେ ଗୃହିଁ ଗୃହିଁ ସାର ହୁଏ ଖାଲି ଗୃହିଁବା । ଭାଦଭୁତା ମୁଣ୍ଡିଆ ଉପରେ ଖାଲି ଗୃହିଁ ରହେ ।

ଆଉ ଗୃହିଁ ରହନ୍ତି କେତେ ଆଶାୟୀ ଲୋକେ ତଳର ଦୁନଆଁରେ ।

କିନ୍ତୁ ସନ୍ତୋଷ କୁମାରୀ କେବଳ ଗୃହିଁ ରହେ ନାହିଁ । ସେ ଆପଣାକୁ ଏପରି ଭାବେ ପ୍ରତିଷ୍ଠା କରାଇପାରେ, ଯହିଁରେ ଭୁଲିହୁଏ ଯେ ସେ କେବଳ ଉମୁଣିଝିଅ; ଆଉ ମନେ ରହେ କେବଳ

ଗୋଟିଏ କଥା, ସେ, ସେ, ସେ ସନ୍ତୋଷ୍‌କୁମାରୀ । ଧର୍ମ ଶିଖିବାକୁ ସେ ଅନେକ ଥର କୋରାପୁଟ୍ ଯାଇଛି । ବକ୍ତୃତା ଭିତରେ ଥିବା ଏଡେ ପ୍ରକାର ମାଡ ତା'ର ସ୍ମରଣ ରହିନାହିଁ । ମନେ ରହିଛି ଗିର୍ଜାଘରର ଉଚ୍ଚ ଚୂଡ଼ା, ଯେଉଁଠି ଢଂ ଢଂ କରି ଘଣ୍ଟା ବାଜେ । ଉତ୍ସବ ହୁଏ । ଦୂରର ପାଖର ମଣିଷ ଗହଣରେ ନିଜକୁ ଡୁବାଇ ଏ ଅନୁଭୂତି ସାଆ ଧରେ, ଏକ ବହୁ, ବହୁ ଏକ । ତା'ର ମନେ ରହିଛନ୍ତି ଆଉ ଆଉ ଡମଟିଏ, ଯେଉଁମାନେ ସଫାସୁତରା ହୋଇ ଭିନ୍ନସୁର ପ୍ରକାର ରଙ୍ଗକରା ବଡ଼ ବଡ଼ ଲୁଗା ପିନ୍ଧନ୍ତି, ବ୍ଲାଉଜ ଭିଡ଼ନ୍ତି, ହସି ହସି ବୁଲିଯାଆନ୍ତି ଏପାଖ ସେପାଖ । ସେ ସଫା ସୁତୁରା ହେବାକୁ ଶିଖିଛି, ବ୍ଲାଉଜ, ଶାଢ଼ୀ ପିନ୍ଧିଶିଖିଛି । ଶିଖିଛି ଆବରଣର ବ୍ୟବହାର, ସମସ୍ତ ଅସମସ୍ତ ପାଇଁ । ବହୁତ ଶିଖିଛି । ଖାଲି ଶିଖି ନାହିଁ ସ୍ଥିର-ରହିବା । ଅନ୍ଧାର ନିଶାରେ ବଡ଼ ସହରର ଦୋକାନ ରାସ୍ତାଉପରେ ରାସ୍ତାର ମାଲବୁହା ଲରି ଅଟକି ଯିବାର ଦେଖିଛି । ଡେଙ୍ଗା ଡେଙ୍ଗା ଠେଙ୍ଗାଧରା ବାବୁଦଳ ମାଡ଼ିଆସିବାର ଦେଖିଛି, ଚଳନ୍ତା ଗାଡ଼ିରେ ରାସ୍ତାର ଅନ୍ଧାର ଦେଖିଛି, ବରଷା ଅନ୍ଧାରରେ ପାନ୍ଥଶାଳାର ଆରାମ୍ ଦେଖିଛି; କିନ୍ତୁ ଦେଖିଦେଖି ଠକିରେଇଛି, କେହି କାହା ପାଇଁ ଅଟକି ରହେନାହିଁ । ପାଣି ଗଡ଼ିଯାଏ । ଅଟକି ରହେ ଯେ ସବୁଦିନେ, ସେ କେବଳ ପଥର ।

କୋରାପୁଟ୍ ପାହାଡ଼ ଉପରର ବଣ ଜୁକୁଜୁକୁ ଧୋବଲା ସହର ତା'ର ସ୍ୱପ୍ନ ଭିତରେ ପଶିଛି ।

କିନ୍ତୁ କେବଳ ସ୍ୱପ୍ନ—ବରଷକେ ଦୁଇ ତିନି ଥର । ସବୁଦିନେ ସେଠି ରହିହୁଏ ନାହିଁ । ମନର .ଶୋଷ ଅବସ୍ଥା ବୁଝେ ନାହିଁ । ଜଙ୍ଗଲ ତା ପକ୍ଷରେ ମରୁଭୂମି ପରି, ଏଠି ଯାହା ସେଠି ତାହା, ସବୁଠି ସମାନ । ଖାଲି ନିଦୁଆ ଜଙ୍ଗଲ, ପଥର ଆଉ ଝଙ୍କ,

ମଝିରେ ମଝିରେ ପୁଳାଏ ପୁଳାଏ କ୍ଷେତ । ଏଠି ଲୋକେ ବୁଲି ବାହାରନ୍ତି ନାହିଁ । ବାହାରନ୍ତି କାଠ ହାଣି କୋଡ଼ିଲେ କ୍ଷେତ ହାଣି । ଧନଯାକ କେବଳ ପେଜ୍ ଚନ୍ଦା, କନ୍ଦା ଖୋଳା, ଶାଗ ଧୂଆ । ଗୀତରେ ନାଚରେ ପର୍‌ଜା ଧାଂଡ଼ାକୁ ପର୍‌ଜା ଧାଂଡ଼ୀ । ସେମାନେ ସମ୍ପ୍ରଦାୟ ହିସାବରେ ଡମ୍‌ମାନଙ୍କୁ ଘୃଣା କରନ୍ତି । ଡମ୍ ବା କେତେ ଘର । ଗୃହଘର ତ ମୋଟେ । ଧାଂଡ଼ା ମୋଟେ ତିନିଟା । କେନିମ୍ପୂମଣି ସେ ନଶଦାଢ଼ି କାଟେ ନାହିଁ, ମୁହଁ ଧୁଏ ନାହିଁ । ମସିକ, କିଏ ତାକୁ ଅନେଇବ । ଆଉ ସିମନ, ତାର ପେଟଟି ଫୁଲ୍‌ଫୁଲ୍ । ତା'ର କ'ଣ ରୋଗ ହୋଇଛି । ମସିକ ଅସୁନ୍ଦର, କିନ୍ତୁ ମସିକ ହିଁ କେବଳ, ତର-ତର ହୋଇ ମଲା ଗୋରୁ ପିଠିରୁ ଛାଲି କାଢ଼ିପାରେ । ଗୋରୁକୁ ମାଉଁସ କରିପାରେ । ବେପାର ବାଟ ଦେଖେ । ହଲେ ଗୋରୁର ଶିଙ୍ଗ ବାନ୍ଧେ । କିନ୍ତୁ ବଡ଼ ଅସୁନ୍ଦର ସେ, ସନ୍ତୋଷ ତାକୁ ଗୁହେ ନାହିଁ ।

ଗୀତର ନାଚରେ ସାତଟିଯାକ ଡମୁଣୀ ଧାଂଡ଼ୀ ଅଣ୍ଟାରେ ହାତ ଖୋସାଖୋସି ହୋଇ ହାତରେ କନା ଖଣ୍ଡେଖଣ୍ଡେ ଧରି ଓହୋ ହୋ ଚିତ୍କାର କରି ଡେଇଁଡେଇଁକା ପରଜା ଧାଂଡ଼ୀ ବ୍ୟୂହ ଭେଦ କରି ପରଜା ଧାଂଡ଼ାମାନଙ୍କୁ ଘେରାଉ କରି ନାଚନ୍ତି । ନାଚନାଚ ମଦ ପିଆ ହୁଏ । ମଦ ପିଇପିଇ ନାଚୁ ନାଚୁ ଆକାଶରେ ଅନ୍ଧାର ଖୁନ୍ଦ ହୋଇଯାଏ ।

ସେତେବେଳେ ଜଙ୍ଗଲ ଭୁଲି ହୁଏ ।

ଆଉ ଭୁଲି ହୁଏ ନନ୍ଦଗାଁ ହାଟରେ ବେଳେବେଳେ, ଯେତେବେଳେ ନାନା ଦେଶର ଡମ୍ ଲୋକେ ଛୁଇପରି ପାପୁଲି ଘଷାଘଷି ସମ୍ବର୍ଦ୍ଧନା କରାକରି ହୋଇ ତରତର ହୋଇ ଏପାଖ ସେପାଖ ଗୁଲିଯାଆନ୍ତି ।

କିନ୍ତୁ—ସ୍ମୃତିରେ ଖେଳିଆ ବାଜେ । ବଡ଼ ସହରରେ ହିଁ ହିଁକିଆ ଅନୁଭୂତି କୁହୁଳି ଉଠେ । ଧୂଆଁଳିଆ ସ୍ୱପ୍ନରେ ଦିଶେ ଚଉଡ଼ା ରାସ୍ତା । ସେଥିରେ ମଟର ପଛେ ମଟର ଚାଲିଛି । ଗାଡ଼ିଯାକ ଖାଲି ଧାଂଡ଼ା ଧାଂଡ଼ୀ । ହସର ଲହଡ଼ି ଗାଡ଼ି ଉଛୁଳି ଅଜାଡ଼ି ହୋଇ ପଡ଼ୁଛି । ସବୁ ହସ ଝାଡ଼ିଝୁଡ଼ି କରିନେଇ ସେମାନେ ଚାଲିଛନ୍ତି ଆସାମ୍—ଆସାମ୍ !—ନାଁରେ ମହୁଲି ମଦ ଅଛି । ସେଠି ନାହିଁ ଶିସ୍ଟୁ ସୁଧ ଝାଙ୍ଗର କଦା । ଖାଲି ଡେଙ୍ଗା ଡେଙ୍ଗା ଠେଙ୍ଗାଧରା ଅଧିକାରୀ— ଆଉ ଜାତିଜାତିକା ଶାଢ଼ୀ, ରଙ୍ଗରଙ୍ଗର ବ୍ଲାଉଜ୍—ଶୁଆଗୁଣ୍ଡିଆ, ଛପାଗୁଣ୍ଡିଆ, ବାଘଗୁଣ୍ଡିଆ—ଆଉ ପବନ ମୁଣ୍ଡତେଲ ବାସ୍ନାରେ ଓଜନ, ଆଉ ମଦ, ପିମ୍ପା ପିମ୍ପା······

ଉଦାସ ଲାଗେ, ଭାବେ କେହି ନାହିଁ, ଯାହାକୁ ହାତ ଦେଖାଇ ହସିହସି କହିଦେବ, ମୋର୍ ଅଣ୍ଡା ଏଠା, ମୋର୍ ଅଣ୍ଡା ।

ମସିକ୍—ଛିଃ—ଥୁଃ—କେଡ଼େ ଅସନା ସେ, ମୁହଁଟା ତା'ର ଗୋଟା ଲୁହିଁ ଫାଳେ । ଆଉ ଗୋରୁଚର୍ବି ନେସା ହେଇଛି ସତେକି ସବୁବେଳେ,—ଆଉ ଗୁଲଟା ମଣିଷର ଲୁହିଁ ମଇଁଷିର ।

ସନ୍ତୋଷ୍‌କୁମାରୀ ଝରଣାର ପାଣିରେ ଆପଣାର ମୁହଁ ଦେଖେ, ଆଖି ଉଜ୍ଜଳ ହୋଇଯାଏ—ପୁଣି ମନରେ ଆସେ ବିଦ୍ରୋହ । ସହରର ହିଁହିଁକିଆ ଅନୁଭୂତିକୁ ମନେ କରି, ଯାହା ଖାଲି ପୋଡ଼ି ଜାଳି ମାରେ, ଯାହା ଭିତରେ, ଆଉ ତା ଭିତରେ ଅସୁମାରି ବଣ ପର୍ବତ, ଆଉ ମସିକ, ସିମନ୍, ବେଜିଆଁ ମଣି । ସେ ଅତୃପ୍ତ, ତେଣୁ ସେ ବହୁତୋମୁଖୀ ।

ଏଇ ତା'ର ବିଶେଷତ୍ୱ, ଏଥିରେ ସେ ଦୁନିଆଁର ଯେତେ ସାହିଆଦାନ ଯେତେ ସାରିଆପୁଲ୍ ସମସ୍ତିଙ୍କଠୁଁ ପୃଥକ୍ । ଠେଙ୍ଗା

ଜାନ ଦେଖେ, ମୁହୂର୍ତ୍ତକୁ ମୁହୂର୍ତ୍ତ ସେ ନୂଆ, ଜଙ୍ଗଲ ଉପରେ ଦିନଗୋଟାକର ବେଳବେଳକର ଆଲୁଅର ରଙ୍ଗପରି ।

ସବୁବେଳେ ସେ ସଜ ।

ସେଇ ପହିଲଦିନର ଦେଖା ହେବା ପରଠାରୁ ସନ୍ତୋଷ୍‌କୁମାରୀ ଆପଣାକୁ ସମ୍ଭାଳି ନେଲା । ଆଉ ସେ ନିଜକୁ ହଜାଇ ଦିଏ ନାହିଁ । ତେଣୁ ହଜାଇ ଦେଇଛି ଆପଣାକୁ ଠେଙ୍ଗାଜାନି । ତା'ର ପାଦ ଦୁମୁଦୁମୁ ପଡ଼େ, କାନ ଠିଆ ହୋଇଯାଏ, ଆଖି ତୀକ୍ଷ୍ଣ ଭାବେ ଖୋଜି ବୁଲେ, କେତେବେଳେ ସେ ଆସିବ, କୋଉଁ ବାଟେ ?

ସନ୍ତୋଷ୍‌କୁମାରୀ ଅସି ଆସେ ନାହିଁ, ବାଟେ ବାଟେ ଗଲା-ବେଳେ ଥରେ ଅଧେ ଖାଲି ହସ । କେବେ କଦବା ଗାଡ଼ି ବାଟେ ଦେଖା, ଏତିକି, ଆଉ ବେଶୀ ନୁହେଁ ।

ତେଣୁ ଠେଙ୍ଗାଜାନି ଦିନଯାକ ତାକୁ ସ୍ୱପ୍ନ ଦେଖେ, ରାତି-ଯାକ ତାକୁ ସ୍ୱପ୍ନ ଦେଖେ, ଧାଂଙ୍ଗା ବସାଘର ବଖରେ ଲାଗେ, ଦିନରାତି ସବୁବେଳେ ତା'ର ପ୍ରଶଂସା ।

ମୁହଁ ଫିଟାଇ ପଦାରେ କହିବା ତା ପକ୍ଷରେ ଅତି ଅସମ୍ଭବ । ଏକେ ଅସ୍ୱାଭାବିକ, ତହିଁରେ ପୁଣି ତାଙ୍କ ଜାତି ଅଲଗା, ଡମ୍ ଆଉ ପର୍‌ଜା । ବାପ ଶୁଣିଲେ ଘର ଜାଳିଦେବ ମା ଶୁଣିଲେ ମୁଣ୍ଡ ପିଟିଦେବ । ସାହି ଲୋକ ପଞ୍ଚାୟତ ବସାଇ ନିଷ୍ପତ୍ତି କରି ମାଗିବେ ମଦ କୁକୁଡ଼ା ଭୋଜି ।

ପ୍ରଥମ ଅଭିଯାନ ପରେ ତାକୁ ଖାଲି ଛନ୍‌ଛନ୍ ଲାଗିଲା । କିଏ ଯେପରି କାନ ପାଖେ ଶୁଙ୍ଗୁଛି ଲଟାରେ ବୁଟାରେ । କିଏ ଯେପରି ଓର ଉଣ୍ଡିଉଣ୍ଡି ବୁଲୁଛି, ସତେ ଯେପରି ଲୋକେ ଜାଣନ୍ତି, ଖାଲି

ରହସ୍ୟ ଲଗାଇବାକୁ ଭୁନଟାନ୍ନ ଅପେକ୍ଷାକରି ବସିଛନ୍ତି । ସବୁଥିରେ ତା'ର ସନ୍ଦେହ । ମନ ଗହ୍ୱରର ତଳେତଳେ ଖବର ଖେଳି ଖାଇଖାଇ ପିଷ୍ଟି ହୁଏ । ଯେତେ ଲୁଚି ହୁଏ ସେତେ ଫୁଲେ । ସନ୍ତୋଷ୍କୁମାରର ସ୍ମୃତି ବଢ଼ିବଢ଼ି ଘୋଟିଯାଏ ତା'ର ଦିଗ୍ବଳୟ, —ଯେଣିକି ଚାହିଁଲେ ତେଣେ ଖାଲି ।

ଏତେ ଦିନକେ ଦଶଟା ଭିତରୁ ଗୋଟାଏ ଆଡ଼କୁ ମନ ତା'ର ଧାଇଁଛି । ଧାଇଁବା ହିଁ ସାର ହୁଏ । ଆଜ ଯେତେଟା ସ୍ମୃତି, ସବୁ ସତେକି ଗଡ଼ିଯାଉଥିବା ଝରଣାର ଦୁଇ କୂଳରେ ଥିବା ଫୁଲ ଗଛ, ଲମ୍ବ ବେଣୀ ଝୁଲାଇ ସୁନାସ୍ତି, ନାଲି ଝୋପାଝୋପା ଧାନ୍ଦିକ, ଧୋବଧାଉଳିଆ ପେନ୍ଥି ଫୁଲ ।

ସାରଆଦାନ୍ କୋଳି ଅଣ୍ଟିରେ ପୂରେଇ ପରସ୍ପର ଆଖିରେ ତା ଆଡ଼କୁ ଇନାଇଁ ହସେ । ଠେଙ୍ଗାଜାନି ଦଉଯାଏ ନାହିଁ, ସିଧା ହୋଇ ଚାହେଁ । ହସିହସି କୋଳିଗଛର କଣ୍ଟାଡାଳକୁ ହାତରେ ଓଟାରି ଧରି କୋଳି ଛିଣ୍ଡାଇ ସାରଆଦାନ୍ ଅଣ୍ଟିରେ ଦିଏ । ଥଟ୍ଟା କଥାର ଥଟ୍ଟା ଉତ୍ତର ଦିଏ । ତା'ର ଚକଚକ ଚୂଡ଼ା ଉପରେ ଦୃଷ୍ଟି ଭରି ଦେଇ ମନଟା ବେଳେବେଳେ ତରଳି ଆସିଲେ ବେଶୀ ତହଲ ଯାଏନାହିଁ । ସିଟି ମାରମାର ଘରକୁ ଫେରେ ।

ଧାଂଡ଼ା ବସାଘରେ ଥରିଲଥରିଲ ଗଳାରେ ଗୀତର ଉତ୍ତର ଦିଏ । ସ୍ୱର ଲୁଇଁଲୁଇଁଆ ଶୁଭେ, ବସିଯାଏ ନାହିଁ ।

କିନ୍ତୁ ହସ ମଝିରେ ଅଟକି ରହେ ବେଳେବେଳେ ଅନ୍ୟମନସ୍କ ହୋଇଯାଏ । ଶୀଘ୍ର ନିଦ ଆସେ । ପୁଣି ଶୀଘ୍ର ନିଦ ଭାଙ୍ଗି ଯାଏ । ବାହାରର ଅନ୍ଧାର ଆଲୁଅକୁ ଚାହିଁଚାହିଁ ଆଖି ଟାଣି ହୋଇହୋଇ କ୍ଲାନ୍ତ ହୋଇପଡ଼େ । ପୁଣି ବେଶୀ ନିଦ ହୁଏ । ସମସ୍ତଙ୍କଠୁଁ ଶେଷରେ ଉଠେ ।

ଆଉ ବେଳେବେଳେ, ଦାଦ୍ଧ-ବୁଢ଼ା ପାଖେ ଯାଇ ମୁଣ୍ଡିଆ-ଟିଏ ମାରେ । ତହିଁରେ ମନ ଉଶ୍ୱାସ ଲଗେ । ଗୁମ୍ ହୋଇ ବସି ପଡ଼େ ଦାଦ୍ଧ-ବୁଢ଼ା ଆଖି ଆଗରେ । ଘରଆଡ଼ ଶୁନଶାନ୍ ।

—୪—

ସେ ଦିନ ରାମ ନାଇକ ଓ ତା'ର ସ୍ତ୍ରୀ ଦୁହିଙ୍କର ଲଗିଗଲା ଝଟାପଟା । ଠେଙ୍ଗାର ବୋଉ କହିଲା, ମୋର ଗୋଟିଏ ବୋଲ ପୁଅ, ଆସି ଭେଣ୍ଡାଟିଏ ହେଲାଣି, ତା'ର ବାହାଘର ପାଇଁ ତୁମେ ମନ ଦଉନା ମୋଟେ । କ'ଣ ତୁମର ଅଭାବ ? ଝୋଲା ଟଙ୍କା ଯୋଗାଡ଼ କରିବାକୁ ଆଉ ଲୋକଙ୍କ ଘର ଖୋଜି ଯିବାକୁ ପଡ଼ିବ ନାହିଁ ତ ତାକୁ ।

ନାଇକ କହିଲା, ଝୋଲା ଦେବାକୁ ମୁଁ କ'ଣ ମନା କରିଚି କେବେ ? ପିଲାର ଇଚ୍ଛା ଯେବେ ହେବ ସିନା, ମୁଁ କ'ଣ କରିବି ?

ଠେଙ୍ଗାବୋଉ କହିଲା, ତୁମର ଘର କ'ଣ ସବୁ ପିଲା ହୋଇଛନ୍ତି ଜଗତ ଯାକ ? ତୁମେ ସିନା ମତେ ମୁହଁରେ ଲୁଗା ଦେଇ ଟେକି ନେଇ ଆସି ବାହା ହେଲ, ଉଦୁଲିଆ ବାହା । ସମସ୍ତେ କ'ଣ ସେତିକି ବେହିଆ ହୋଇ ଉଦୁଲିଆ ବାହା ହୋଇଛନ୍ତି, ନୋହିଲେ ନାହିଁ ?

ରାମ ନାଇକ କହିଲା, ସେପରି ଯଦି ଭାବୁଛ ଆଜି ତାକୁ ବାହା କର, ସେ ଯେଉଁଟି କହିବ ସେଇଟି ।

ଠେଙ୍ଗାବୋଉ କହିଲା, ହଁ ବୁଝିଚି ବୁଝିଚି, ହାତରୁ ଝୋଲା ଟଙ୍କା ସରି ଯାଉଛି କି ନା, ପୁଣି ପୁଅ ବାହାହେଲେ ରାତିରେ ମଞ୍ଚା ଉପରେ ଚଢ଼ି ତୁମର କ୍ଷେତର ପାଚି ଜଗି ବସିବ କିଏ ? ସେଥିପାଇଁ ଏତେ ଫିକର ତୁମର, ମୋର ଗୋଟିଏ ବୋଲ ପୁଅ—

ରାମ ନାଇକ ଭାରି ରାଗିଗଲା । ଜାଣେ, ତା'ର ସ୍ତ୍ରୀ ଭାରି ଅବୁଝାମଣା । ତଥାପି ତା'ର ଭଲ କଥାରେ ଟିପ୍ପଣୀ ଦେଲେ ତା'ର ହାଡ଼ ଜଳେ । ବିଶେଷତଃ ତା'ର ଆପଣାର ବିଭା କଥାକୁ ଉଲ୍ଲେଖ କଲେ । ସତ, ସେ ଉଦୁଲିଆ ବିଭା ହୋଇଥିଲା । ପୂର୍ବରୁ କନିଆଁକୁ ମଗେଇ ଦିନେ ବନ୍ଧୁ ଦୁଇ ତିନି ଜଣ ନେଇ ପହଞ୍ଚି ଅତି ପ୍ରାଚୀନ ପଦ୍ଧତି ଅନୁସାରେ କନ୍ୟା ମୁହଁରେ ଲୁଗା ଗୁଞ୍ଜି ଦେଇ ଶୂନ୍ୟେ ଶୂନ୍ୟେ ତାକୁ ଟେକିର କରି ଆଣିବାକୁ ହୁଏ । ଘରେ ଆଣି ପାଞ୍ଚ ଦଶ ଜଣଙ୍କୁ ଡାକି ପେଟେ ଭୋଜିଟିଏ ଦେଇ ବିନା ଘୁମୁଡ଼ିଆ ବିନା ଡୋଲମହୁରୀରେ ଡାଳଭାତରେ ଖାଲି ସାନ ବିଭାଟିଏ କରି ନେବାକୁ ପଡ଼େ । ତା'ପରେ ଖୋଜିଖୋଜିକା ଆସେ କନ୍ୟାର ବାପ । ପାଞ୍ଚ ସାତକୁ ବସେଇ ପଞ୍ଚାତି କରେ । ସାମାନ୍ୟ ଦୋଷ ଟଙ୍କାରେ ସବୁ ମେଣ୍ଟିଯାଏ । ସେ ଏକା କାହିଁକି, ଏପରି ବିବାହ ଅନେକ ଗରିବ ଲୋକ କରିଥାନ୍ତି । ସେଦିନୁ ବର୍ତ୍ତମାନକୁ ବହୁତ ଦିନ ଗଡ଼ିଯାଇ ହାରିଲାଣି, କିନ୍ତୁ ତା'ର ସ୍ତ୍ରୀର କ୍ଷୋଭ ଯାଇ ନାହିଁ, ସେ ଉଦୁଲିଆ ବିଭା ହୋଇଛି । ଆଉ କାଳକେ ପଦରକେ ସେହି କଥାକୁ ସେ ପଡିଆରୀ ଦେଖାଇ ଖେଣ୍ଟା ମାରେ, ଯେପରି ମରମକୁ ବାଧିବ, ସେ ଚିଡ଼ିବ ।

ସକାଳୁ ସେ କିଛି ଖାଇ ନାହିଁ, ଘରୁ ବାହାରି ଯାଇଛି । ପରଜା ପେଜ ବେଳ ଦିନ ବାର ଘଣ୍ଟା ଗଡ଼ିଗଲା । ସେ କ୍ଷେତରୁ ବାହୁଡ଼ିଲା ନାହିଁ । ନୂଆ ଜମି ଖଣ୍ଡେ ସେ ମରାମତି କରି ବାହାରି କରୁଛି, ଦୋଷଳକୁ ଠାଏ ଚଉଡ଼ା କରି ଅଡ଼ିକୁ ହାଣି । ହାଣିହାଣି ସେ ରାଗ ପାଶେରି ପକାଇଛି । କେବଳ ଉଦ୍ଦେଶ୍ୟ ରହିଲାଣି ଦରିଦ୍ରମଲା ଝରଣା ଉପରେ ଆଡ଼ରେ ଦ'ଠା ବନ୍ଧ ପକାଇଦେଲେ କମେ ପଟୁ ପଡ଼ିଯିବ । ଆଉ ବର୍ଷକୁ ହୁଏତ ସେଠି ଗୁଣ୍ଡାଏ ଉଜ୍ଜରେ

ଧାନ ହେବ । ଭାବ ଭାବ ସେ ବୁଦ୍ଧି ଖେଳଉଛି କେତେ ହାଣ୍ଡି ମଦ ରାନ୍ଧିଲେ ଟୋପିଏ ଟୋପିଏ ଦେଇ ମୂଲଆଙ୍କୁ ସେ ମଜୁରି ଖଟେଇବ । ଏମାନେ ଟଇସାଠୁଁ ମଦ ଟୋପାକ ବେଶୀ ଚହାନ୍ତି । କେତେ ଉଧାରରେ ବନ୍ଧା ପଡ଼ିବ, କେତେ ଆଶାନ୍ତରେ ଷେତ ବାହାରିବ ।

ଝୋଲି ଦୂପାଖେ ଜଙ୍ଘେ ଉଚ ବଢ଼ିଛି କୁସଡ଼ି ଶାଗ ବା ଫର୍ଣ୍ଣ ଗଛ ଜାତି ଜାତିକା । ବେଳେବେଳେ କୋଡ଼ି ମୁନରେ କନ୍ଦା ମୂଳ ମେଞ୍ଚାମେଞ୍ଚା ଉଠି ଆସୁଛି । ଭାବୁଛି ଘରକୁ ନେଇଯିବ । ମୂଳ ମିଠା ଲାଗେ ଖାଇବାକୁ । ବୁଢ଼ୀ କେଡ଼େ ସୁନ୍ଦର ମାଣ୍ଡିଆ ଫେସା ଗଣ୍ଡିଏ ପକେଇଦେଇ ଭାରି ତାରିଫ୍ ଝୋଲ କରେ ।

କିନ୍ତୁ ଝୋଲିମରା ଖରାରେ ଝାଳ ଯେତିକି ତା'ର ଫିଟି ଯାଉଛି, ସେତିକି ଭୋକ ବଢ଼ୁଛି, ସେତିକି ବଢ଼ୁଛି ବୁଢ଼ୀ ଉପରେ ତା'ର ରାଗ । ବୁଢ଼ୀଟା କିଛି ବୁଝେ ନାହିଁ । ଖାଲି କହେ ବାପ ଅନେଇ ବସିଛି, ଗୋଟିଏ ବୋଲି ପୁଅ ତା'ର ଉଦୁଲିଆ ବଡ଼ ହେଉ । ସତେକି ବାପ ତାକୁ ଶିଖଉଚି ଉଦୁଲିଆ ବଡ଼ ହେବାକୁ ।

ଗଛମୂଳରେ ବସିବସି ରାମ ନାଇକ ଟନ ଖଡ଼ଖଡ଼ ପାଣିର ସାଇଁସାଇଁ ଶୁଣିଲି । କାଠ ଖଣ୍ଡେ ରଖି ତା ଉପରେ ଶୁଖିଲି ଡାଳ ଖଣ୍ଡିକର ଅଗ ଲଗେଇ ଦହାତ ପାପୁଲିରେ ଡାଳକୁ ବଲବଲ ତା ମୁନରେ ନିଆଁ ଲଗେଇଲି । ପିକା ଟାଣିଲି । ରାଗି ରାଗି ବେଶୀବେଶୀ ଜୋରରେ ପିକା ଫୁଙ୍କିଲି, ଭାବିଲି, ନା ଅନ୍ତତ ବୁଢ଼ୀର ଗରବ ଭାଙ୍ଗିବାକୁ ନିଶ୍ଚୟ ସେ ଅତି ଶୀଘ୍ର ଠେଙ୍ଗାକୁ ବଡ଼ କରିବ । ଝୋଲି ଦେବ ତିନ ଗୁରିକୋଡ଼ି ଟଙ୍କା । ଆଉ ତିନ କୋଡ଼ି ଟଙ୍କାର ଭୋଜି ।

ରାମ ନାଇକ ଭାବିଭାବି ଏଣିକି ପ୍ରାଚୀନ ଘରଆଡ଼େ ଗୁଲିଲି । ପ୍ରାଚୀନ ତମ୍ ଲୋକ, କିନ୍ତୁ ପ୍ରାଚୀନ୍ ବୁଢ଼ିଆ । ପ୍ରାଚୀନ

ଦେଶ ବିଦେଶ ଦେଖିଛି । ସାହେବ ଦେଖିଛି । କୋର୍ଟ୍ ଘର ଦେଖିଛି । ପ୍ରାଚୀନ୍ ଡାଠ୍ ବୁଢ଼ା, ଖୁବ୍ ବୁଢ଼ା । କଥାପ୍ରସଙ୍ଗେ ପଚାରିଲେ ଧୀର ହୋଇ ଶୁଣେ । ସାଙ୍କେତିକ ବାଣୀ ବତାଏ । ବଡ଼ ବଡ଼ କଥାରେ ନାଇକ ଜୁଟେଇ ଦେଇ ପ୍ରାଚୀନଙ୍କୁ ହରାଇ ଦିଏ, କେବଳ ନଥିଲା ବେଳେ । ଲୋକ ଥିଲେ ଓଲଟି ପ୍ରାଚୀନ୍ ସାଙ୍ଗେ ତର୍କ କରେ । ପ୍ରାଚୀନ୍‌ର କଥା ହସି ଉଡ଼େଇଦିଏ, ପୁଣି ନିଜର ଦପଦପ ମିଶେଇଦେଇ ଆପେ ସେଇ କଥା ପଛେ କରେ । ସେ ଗାଁର ନାଇକ ।

ଘର ଘର ଗଲ୍ପ, ଠେଙ୍ଗା ବୋଝ କେଡ଼େ ଆଶ୍ଚର୍ଯ୍ୟ ହେଉଛି । ଆଁ କରି ଅନେଇଁ ରହିବ । ଆଉ ଦିନେ ମୁହଁ ଫିଟେଇବ ନାହିଁ । ଯେତେ ସେ ଯାହା ଖର୍ଚ୍ଚ କରନ୍ତି ସବୁ ଠେଙ୍ଗା-ବୋଝ ହସି ଉଡ଼େଇ ଦେଇଛି । ସବୁ କଥାକୁ ଉଡ଼େଇଦେଇ ବସି ତା'ର ଆପଣାର ଉଦ୍ଭଟ କଥା ପକେଇ । ସତେକି ରାମ-ନାଇକ ପଇସା ଖର୍ଚ୍ଚ କରିବାକୁ ସୁଖ ପାଏ ନାହିଁ । ଭାରି ଖଣ୍ଟିଆ ( ଚଣ୍ଡାଳ ) ସେ··· ସେ ଠେଙ୍ଗାବୋଝ ପୁଣି ଦେଖିବ, ପୁଅର ବାହାଘରକୁ ଦଶଟା ବଡ଼-ବଡ଼ର ପଇସା ସାଉଁଟିରେ, କହି ରାମଚନ୍ଦ୍ର ନାଇକ ।

ପ୍ରାଚୀନ୍ ପିଣ୍ଡାରେ ବସିବସି ଖ୍ରୀଷ୍ଟାନ ହଲ୍ ଶିଳ୍ପ ଅସୁଲ କରୁଥିଲା ଖଣ୍ଡେ କାଗଜରେ । ସେ ପ୍ରତି ଖ୍ରୀଷ୍ଟାନ୍‌ରୁ ହଳ ପିଛା ଚାରିଅଣା ଆଦାୟ କରେ । ଦିଏ ପାଷ୍ଟରକୁ ଏକାଠି କରି । ପାଷ୍ଟର ପାଦ୍ରୀ ସାହେବଙ୍କୁ ଦେଇଦିଏ । ସାହେବ ଖର୍ଚ୍ଚରେ ଲଗାଏ । ଗିର୍ଜା ଘର ନୂଆ ହେବ । ପୂଜାପାର୍ବଣରେ ଉତ୍ସବ ହେବ । କେତେ ଇସ୍କୁଲ ଅଛି । ଏତେକ ପଇସା କ'ଣ ଅଣ୍ଟିବ ? ତଥାପି,

ଗୋଟାଏ ସାହା ତ, ଧରମକାଉଆ ଲୋକେ ଧର୍ମପାଇଁ ଏତକ ଦେବାକୁ ବାଧ ।

ପ୍ରାଚୀନ୍ ଅସୁଲ୍ କରୁଥାଏ । ପାଖରେ ଛୁଡ଼ା ହୋଇ ଅଲେଇବଉଆର ଝିଅ ସନ୍ତୋଷ୍ କୁମାରୀ ଗୋଟିଏ ହାଣ୍ଡିରେ ସଢ଼ା ମାଣ୍ଡିଆ ପଲେ ଧୁଷୁଡ଼ିଙ୍କୁଆକୁ ଖୋଉଥାଏ । ନାଇକ ପହଞ୍ଚିଲା ! ସେତେବେଳେ ଦୁଇଲଠି ଉପରକୁ ସୂର୍ଯ୍ୟ ଉଠିଛୁ । ନାଇକ କହିଲା, ପ୍ରାଚୀନ୍ ! ମୁଁ ତେଙ୍ଗାକୁ ବାଣ୍ଡ ଦେବ । ପ୍ରାଚୀନ୍ କହିଲା, ସତ କଥା, ଭଲ ହେବ । ପ୍ରାଚୀନ୍ କହିଲା, କନଆଁ ଠିକ୍ କରିଛୁ ? ନାଇକ ହଠାତ୍ ଆକାଶରୁ ତଳକୁ ଖସିଲା । ସତେ ତ ! ବାଟ ଯାକ ସେ ବାଣ୍ଡଘରର ଜାକ୍‌ଜମକ କଥା ହିଁ କେବଳ ଭାବିଛି । କନଆଁ କେଉଁଠୁ ଆଣିବ ସେଠା ଭାବ ନାହିଁ । ସାଉଆ-ଦାନ୍ ମନେ ପଡ଼ିଲା, ତଥାପି ଟିକିଏ ବେପସନ୍ଦ ଲାଗିଲା, ଏଇ ଗାଁର କନଆ ତ ! କହିଲା, ପ୍ରାଚୀନ୍, କନଆଁ ତୁଇ ଠିକ୍ କର ।

ପ୍ରାଚୀନ୍ କହିଲା, ମୁଇଁ କିପାଇଁ କରିବ, ତେଙ୍ଗା ନିଜେ ଠିକ୍ କରୁନାହିଁ କାହିଁକି ?

ନାଇକ କହିଲା, ନକଲ୍ ତା'ର ଇଷ୍ଟ, ସେଥିପାଇଁ କ'ଣ ମୁଇଁ ଅନେଇ ବସିଥିବ ?

ପ୍ରାଚୀନ୍ କହିଲା, ତୋର କନଆଁ କେ ଠିକ୍ କରି ଦେଇଥିଲା, ତୋ ପାଇଁ ରେ—

ଉଭୟେ ହସି ପକେଇଲେ । ଅଳ୍ପ ଦୂରରେ ବସି ସନ୍ତୋଷ୍-କୁମାରୀ ହସି ପକେଇଲା ।

ନାଇକ କହିଲା, ନାଇଁ ପ୍ରାଚୀନ୍, ତୁ ଜାଣି ନାହୁଁ, ଆଜ ତା'ର ମା ମତେ ଯାହାଜ କହିଛି— ନାଇକ କହିଗଲା । ପ୍ରାଚୀନ୍ ଆତୁର ହସିଲା । ଶେଷରେ ପ୍ରାଚୀନ୍ କହିଲା—ସାଉଆଦାନ୍ ?

ନାଇକ ଗୁମ୍ ମାରି କହିଲା, ଯେ ଅଛୁ ଯେ, ତୋ ଜଣାଶୁଣା ଆଜ୍ଞ ଯନ୍ଦ କଏ ଥିବ ?

ପ୍ରାଚୀନ୍ କହିଲା, କପାଇଁ ଆଜ୍ଞ ବାବୁ ନଜର ଗାଁଓ ଗୁଡ଼ ଭିନ୍ ଗାଏଁ ବୁଇ ଖୋଜ ଯିବୁ—, ପୁଣି ଟିକଏ ଭାବି କହିଲା, ଆଚ୍ଛା ସେ କଥା ଭାବିବା ।

ସନ୍ତୋଷ୍କୁମାରୀ ବସିବସି ଆଖି ମିଟିମିଟି କଲା । ବଡ଼ ଘୁଷୁରି ମୁହଁ ମାଡ଼ିଦେଇ ସବୁତକ ଖାଇପିଇ ଦେଲେ, ଛୁଆଙ୍କୁ ଘଉଡ଼ି ଦେଇ । ସନ୍ତୋଷ୍କୁମାରୀ ତେଣିକି ନଘା ଦେଇ ପାରିଲା ନାହିଁ ।

ନାଇକ ଗଲା ଦିଶାରି ପାଖକୁ । ଠେଙ୍ଗାବୋଜ ତାକୁ ଆଜ ଜଗେଇଛି । ଆଜ ସବୁ ସେ ନଷ୍ଟିଭି କରି ସାରି ତେବେ ଘରକୁ ଫେରିବ ।

—ଦିଶାରି, ଠେଙ୍ଗାର ବଖ ଦେବ ।

—ଦେ, ଦେ, ନାଇକ, ଦେ, ଦେ ।

—ପାଗଯୋଗ ବୁଇ ଦେଲେ ସିନା ?

—ହଁ ଦେବ, ନାଇଁ ବୋଲବ ନାହିଁ । ଦିଶାରି ମୁଣ୍ଡ ଟିଙ୍ଗାରିଲା । ପାଗର ଦିନ ହେଲେ ସିନା,—ଏବେ ତ ହାଲ ମାଘ ମାସ ହୋଇଚ । ମାଘ ଯିବ, ଫାଗୁନ୍ ଯିବ, ଚଇତ ମ ସ ନ ଆସିଲେ ପର୍ଜାର ବଖ ନ ହୁଏ । ଚଇତ୍ ହେଉ ତ, ଅ ସ୍ବୁ ଦିନେ । ପାଞ୍ଜି ଦେଖିକରି ଗୁରୁମାଈ ଡାକ କରି ବଖର ଦିନ ଧରି ଦେବ । ଆଗତାହୁଁ ନ ବୁଇ ବବାର ଯୋଗାଡ଼ କର୍ । ଘର ବାନ୍ଧ ଧାନ ମାଣ୍ଡିଆ ସଙ୍ଗା—

ନାଇକ କହିଲା, ସେ ତ ହେବ, ଆଗ କନିଆଁ ଗୋଟେ ଠିକ୍ କରିଦେ ତ ଦିଶାରି ।

କନଅାଁ ! ଦିଶାରିବୁଢ଼ା ଆଶ୍ଚର୍ଯ୍ୟ ହୋଇ ଚାହିଁଲେ । କନଅାଁ ମୁଇଁ ଠିକ୍ କରିବାର କେବେ, କନଅାଁ ତ ଟୋକା ଆଗେ ଠିକ୍ କରିବ । ମୁଇଁ ଯାଗଯୋଗ ଦେବି । ତୁଇ ବିଭା କରିବୁ । ମୁଇଁ ଭୋଜି ଭାତ ଖାଇବି । ମଦ୍ ପିଇବି । ଧାଂଡ଼ା ଧାଂଡ଼ୀ ପାଇଁ ଝାଁକର ଦେବ୍ତା ଦାଦିବୁଢ଼ା ଦେବ୍ତା ପାଖେ କହିବ । ମୁଇଁ ଆଉ କସ କରିବ ? ମୁଇଁ ଜୋକ୍ରାଣ୍ଟା (ଅର୍ଥାତ୍-ବୁଢ଼ାଣ୍ଟା ) । ତୋର୍ ଧାଂଡ଼ା ନମତେ ମୁଇଁ କସ୍ କନଅାଁ ଠିକ୍ କରିବ—

ଦିଶାରିବୁଢ଼ା ଆଶ୍ଚର୍ଯ୍ୟ ହୋଇଗଲା । ଏ ଟୋକାଟୋକୀ ସମ୍ବନ୍ଧ କଥାରେ ତା'ର ଅଧିକାର ନାହିଁ । ତା'ର ଅଧିକାର ଠାକୁର ଦେବତା ଉପରେ । ନାଇକର ଏ ଆଶ୍ଚର୍ଯ୍ୟ ପ୍ରସ୍ତାବ ଶୁଣି ତା'ର ବିସ୍ମୟର ସୀମା ରହିଲା ନାହିଁ । ସେ ଗମ୍ଭୀର ଲୋକ । ବେଶୀ କହେ ନାହିଁ । ତା'ର ମୂକ ଠାକୁର ତାକୁ ମୂକ କରିଦେଇଛି । କିନ୍ତୁ ବଡ଼ ଅସଙ୍ଗତ ଏ ପ୍ରସ୍ତାବ । ଆଉ ବଡ଼ ଅସମ୍ଭବ, କାରଣ ପାହାଡ଼ୀ ଜାତିର ଇତିହାସରେ ଧାଂଡ଼ା ଛଡ଼ା ଆଉ କିଏ ପୁଣି ଧାଂଡ଼ୀ ଠିକ୍ କରିବ । ଦିନେ କାଳେ ଶୁଣାଗୁଣା ନାହିଁ ।

ଭାବିଲା, ନାଇକ ଥଟ୍ଟା କରୁଛି କି ତାକୁ ।

ଥଟ୍ଟା ତାକୁ ଭଲଲାଗେ ନାହିଁ । ସବୁବେଳେ ସେ କାମର କଥା ବୁଝେ । ନବଜ ନକଲର ଦିନ ତା'ର ବହୁଦିନୁଁ ଚାଲି ଯାଇଛି । ସେ ଆଜିକୁ ଚାଳିଶ ପଚାଶ ବର୍ଷର କଥା ନହେବ । ଟଙ୍କା ଅଭାବରୁ ଆପଣାର ବିବାହ ଲାଗି ଝୋଲାଟଙ୍କା ସେ ଯୋଗାଡ଼ କରି ନ ପାରି ଶେଷରେ ଶଶୁର ଘରେ ଚାରି ବର୍ଷ ଗୋତି ଖଟିଲା, ଦି'କୋଡ଼ି ଟଙ୍କା ଲାଗି—କନଅାଁ ନାଁ ଥିଲା ମଙ୍ଗଳୀ । ବର୍ଷେକ ଭିତରେ ତିନିଚାରି ଷାଠିଏ ଦିନ ମଙ୍ଗଳି ସାଙ୍ଗେ ଦେଖା ହୋଇଥିଲେ ସୁଦ୍ଧା

କୌଳିକ ପ୍ରଥାକୁ ମୁଣ୍ଡରେ ବୋହି ଟଙ୍କା ଶୁଝିବାର ସ୍ଥିର ବର୍ଷ ନ ଶୁଝିବା ପର୍ଯ୍ୟନ୍ତ କେବେ ସେମାନେ ଆଉ ଆଖିରେ ଚାହିଁ ନାହାନ୍ତି ପରସ୍ପରକୁ । ସେତେବେଳେ ଯେଉଁଘରେ କଣ୍ଡା ଆଇନ୍ ଥିଲା । ସେହିଘର ଆଣ୍ଠୁ ଟାଣି ଥିଲା । ଅଣ୍ଠାରେ କୋର୍ ଥିଲା ।

ତାପରେ କମ୍‌ଲ ଆସିଥିଲା । ପାଞ୍ଚଟା ବର୍ଷ ମୋଟେ । ତିନ ବର୍ଷର ପୁଅ ଝାଲଆକୁ ଛାଡ଼ିଦେଇ କମ୍‌ଲ ଜ୍ୱରବେଗରେ ପଡ଼ି ପଡ଼ି ଶେଷରେ ଛାଡ଼ି ଚାଲିଗଲା । ଝାଲଆକୁ କୁଣ୍ଢେଇଧରି ପୁଣି ଗଲା ଦଶଟା ବର୍ଷ । ପୁଣି ସେଥର, ଏଇ ଶୀତଦିନେ ଅରେ ବଡ଼ବାଢ଼ା ତାକୁ ଉଟାଇ ନେଇଗଲା ।

ତାପରେ ବୁଢ଼ା ଦଶାରୁ କେବେଁ ହସି ନାହିଁ ।

ଗହଳ ଆଗିପତା ଝଡ଼ୁଆଳରୁ କାଟଣିଇ କାଢେଇ ଝଶାଇ ନାଇକକୁ ଅନେଇଲା—

—ମୁଇଁ କସ୍ କନଆଁ ଠିକ୍ କରିଦେବି ରେ ନାଇକ ?—

—ନାଇଁରେ, ତୋର ଇଷ୍ଟ ( ଅର୍ଥାତ୍ ଇଚ୍ଛା ) ତୋର ଖୁସି ମୁଇଁ ନ'ପାରଲି ( ପାରିଲି ନାହିଁ ) । ଯୋଗ ଯାଗ ଦେଖି ଯେଉଁଠି ହେଲେ କନଆଁ ଠିକ୍ କରିଦେ—

—ପୋ'କୁ ପଚାର୍, ଯାକେ କହିବ ତାକେ ମାଗ୍ !

—ପୋ କହିବ ମୋକେ କାଣ୍ ଜଣା—ଆଉ ସେ ?

—ଦଶାରେ ଗମ୍ଭୀର ହୋଇ କହିଲା—ପଚାରି ଦେଖ୍ ।

ନାଇକ ଭାବିଲା; ବାହାଘର ଯେତେବେଳେ, ନିଶ୍ଚୟ ଗୋଟାଏ କନ୍ୟା ଠିକ୍ କରି ଯିବ । କଣ ମନ କରି ଦାଢ଼ି-ବୁଢ଼ା ପାଖକୁ ଗଲା । ଭୂଇଁରେ ପଡ଼ି ଦଣ୍ଡବତ ହୋଇ କହିଲା ଦାଢ଼ି-ବୁଢ଼ା, ମୋର ପୋ ପାଇଁ କନଆଁ ଗୋଟେ ଠୁ କରି ଦେ— ।

ତଳେ ବସ୍ତି, ଉପରେ ମୁଣ୍ଡିଆ, ଗୁଇଁଗୁଇଁଆ ଖସରେ ସବୁ ନିର୍ଜୀବ ଦିଶୁଛି । କଠୋର ଦିଶୁଛି ଗୁହପାଖର ନେଳ ପାହାଡ଼ର ବେଢ଼ । ସାତବେଣ୍ଟିଆ ଖଜୁରି ଥୁଣ୍ଟା ଆଗରେ ଲମ୍ବ ହୋଇ ଶୋଇ ରହି ରାମଚନ୍ଦ୍ର ନାଇକ ମନେ ମନେ ଶାନ୍ତି ପାଇଲା ।

ଦାଦି-ବୁଢ଼ାକୁ ସେ କହୁଛି ।

ଘରକୁ ଫେରିଲା, କିନ୍ତୁ କାହାକୁ ବୋହୂ କରିବ ଠିକଣା ହେଲା ନାହିଁ । ଠେଙ୍ଗାକୁ ଯେତେ ଥର ସେ ବା ତା'ର ବୋଉ ପଚାରୁଛି, ଠେଙ୍ଗା ଉତ୍ତର ଦେଇଛି ଯେ ସେ ଜାଣେ ନାହିଁ, ସେ କହି ପାରିନାହିଁ ବା ସେ ଭଲକରି ବୁଝି ଦେଖିନାହିଁ । ଏହାପରେ ଗୋଟାଏ କଥା, ସାରିଆଦାନ୍ କଥା ତା'ର ମନରେ ଆଇଲା । ପୁଣି ଭାବିଲା ଦଶପାଞ୍ଚ ଜାଗା ଦେଖିଥିବା ଭଲ । ଜାନ ବେଶୀ ଖୋଲି ହାଙ୍କିପାରେ । ଆଜି ସାରିଆଦାନ୍ ଗାଁର ଝିଅ, କାଲେ କିଏ ମିଳିବେ ତାଠୁ ଭଲ ।

ସେହି ଦିନୁଁ ଠେଙ୍ଗାର ବୋହୂ ରହିବା ପାଇଁ ରାମ ନାଇକ ଆରମ୍ଭ କଲା ଗୋଟିଏ ନୂଆ ଘର, ଠିକ୍ ନିଜର ଘରକୁ ଲାଗି ।

ଘର କ୍ରମେ ବଢ଼ି ଉଠିଲା ।

ବୋହୂ ଠିକ୍ ହେଲା ନାହିଁ ।

ଗାଁରେ ଚହଳ ପଡ଼ିଗଲା, ନାଇକ ବୋହୂ ଖୋଜୁଛି । କାରଣ ଅକାରଣରେ ଦାଦି-ବୁଢ଼ା ପାଖେ ବଳି ପଡ଼ିଲା ଅନର୍ଯ୍ୟାପ, ଫୁଲ ଗଦା ହେଲା, ମଦ ତଳା ହେଲା, ଜାନ ଦାଦି-ବୁଢ଼ାକୁ ଗୋଟିଏ ନୂଆ କନା ଦେଲା, ମନ୍ତ୍ରରେ ବାନ୍ଧିବାକୁ—

ଲୋକେ ବୁଝିଲେ, ଭରସି କେହି କହିଲେ ନାହିଁ କିଛି ।

—୭—

ଠେଙ୍ଗାଜାନ ବ୍ୟସ୍ତ ହୋଇ ପଡ଼ିଲା ।

ସେହି ସନ୍ତୋଷ୍‌କୁମାରୀ, ଯେତେ ଦେଖିଲେ ସେ ସେତେ ଆଖିଦୁରଶା ହୁଏ, ଆଶା ମେଣ୍ଟେ ନାହିଁ, ସେ ସବୁଦିନେ ନୂଆ । କିନ୍ତୁ ସେ କଥା ଟଣେ ନାହିଁ, ଦୂରରୁ ଥାଇ ଚାହେଁ । ଦେଖା ହେଲେ ହସିଦେଇ ଚାଲିଯାଏ, ଠେଙ୍ଗାର ଛାତି ଦମଦମ ପଡ଼େ । କିଛି ନା କିଛି ବାହାନା ଭାବି ସେ ପଛେପଛେ ଧାଏଁ, କିନ୍ତୁ ପାଏ ନାହିଁ ।

ଧାଂଡ଼ା ବସାଘରେ ତା'ର ଆସନ୍ତା ବାହାଘର କଥା ପକେଇ ସାଙ୍ଗମାନେ ଯେତେବେଳେ ତାକୁ ଥଟ୍ଟା କରନ୍ତି, ମନେ ମନେ ତା'ର ଛାତିରେ କୁଶ ଚୁଭିଯାଏ । ଘର ଗରମ ଲାଗେ । ଧାଂଡ଼ୀ ବସାଘରର ଗୀତ ଗୋଳମାଳ ପରି ଲାଗେ । ଯଦାକୁ ସେ କୋଡ଼ିଏ ଥର ବାହାରିଆସି ପୁଣି କୋଡ଼ିଏ ଥର ଘରଭିତରେ ଯାଇ ଶୁଏ ।

ମନ ମାନେ ନାହିଁ ।

ପୁଣି କେବେକେବେ ମନ ନରମ ହୋଇ ଆସେ । ସନ୍ତୋଷ୍‌କୁମାରୀକୁ ଭୁଲି ହୁଏ । ପାନଗାଡ଼ ବାଟେ ଗଲାବେଳେ ପାଦ ଧୀରେ ଧୀରେ ପଡ଼େ । ପାଣି କୂଳରେ ସାତପାଞ୍ଚ ଭାବି ସେ ଅଟକି ଠିଆ ହୁଏ । ଦିନେ ଦୁଇ ଦିନ ଏହିପରି କଟେ । ଗୋଟାଏ ମୋହରେ । ତାପରେ କେଉଁ ଛୁଟିକରେ ସନ୍ତୋଷ୍‌କୁମାରୀକୁ ସେ ଦେଖାପାଏ । ମୁରୁକି ମୁରୁକି ହସି ଦେଇ ଆଖିକଣରେ ଅନେଇଁଅନେଇଁ ସନ୍ତୋଷ୍‌କୁମାରୀ ପଛ ବୁଲେଇଦେଇ ଚାଲିଯାଏ । ମଇଁଷିପରି ଅକାବକା ହୋଇ ଠେଙ୍ଗାଜାନ ଭୁଙ୍ଗାଟାକୁ ଶୂନ୍ୟକୁ ଅନେଇଁ ଠିଆ ହୋଇଯାଏ ।

ମନର ବିଷ କୋଉଁ ଝରଣା ଝୋଲରେ ବି ଧୋଇ ହୁଏ ନାହିଁ ।

ଉଦାସିଆ ଜହ୍ନରାତିଟା । ଧାଂଙ୍ଗା ବସାଘର ସାମ୍ନାରେ ଥିବା ଗୋଟିଏ ପଥର ଚଟାଣ ଉପରେ ଠେଙ୍ଗାଜାନ ବସିଥାଏ । ପଛପଟେ ବଡ଼ ବରଗଛ । ସାମ୍ନାକୁ ଭୂଇଁ ଢାଲୁ ହୋଇ କ୍ରମେ ତଳକୁ ଗଡ଼ିପଡ଼ିଛି । ଏଇ ଗଡ଼ାଣିରେ ତଳର ବସ୍ତି, ଢାଲୁରେ ଲୁଚିଯାଇଛି, ଖାଲି ଦିଶୁଛି ସରୁଆ ରାସ୍ତାଟି । ଡାହାଣ ପାଖେ ଦୁଇଗୁଡ଼ିଆ ଘଟ, ବାଁ ପାଖେ ଘରର ଗୁଣ୍ଡ ଓ ତା ସେ ପାଖକୁ ଖାଲଟା, ଏଠି ସେଠି ଗୋଟାଏ ଗୋଟାଏ ଗଛ ଓ ମୁଗନ୍ ନଈକୂଳର ଅନ୍ଧାର ଗଛର ଗହଳ ବାଡ଼ । ଏଠି ବସି ଦୂରର କେତେ ସୁନ୍ଦର ଦେଖି ହୁଏ, ଖାଲରେ ଅଛି, କେତେ ପାହାଡ଼ରେ ଓ ତା ସେପାଖକୁ ଲୁଚିଲା ଗାଁର ଗୋଲେଇ ଘେରା ପାହାଡ଼ ।

କୁହୁଡ଼ିଆ ଜହ୍ନରାତିରେ ଖାଲଭିତରେ ଆଲୁଅର ସମୁଦ୍ର ସୃଷ୍ଟି ହୋଇଛି । ତହିଁରେ ଭାସିଲାପରି ଏଠି ସେଠି ଝିଲମିଲିଆ ଗୁଇ, ଛୋଟ ବଡ଼ ହୋଇ ଅସଂଖ୍ୟ ।

ପାହାଡ଼ ଉପରେ ଗୋଲହୋଇ ଜହ୍ନ ଉଇଁଛି; ପାହାଡ଼ ଦେଶର ହସହସ ପରିଷ୍କାର ଜହ୍ନ ।

ଠେଙ୍ଗାଜାନ ଏକୁଟିଆ ବସିଥାଏ । ଚାରିଆଡ଼ ଶୁନ୍‌ଶାନ୍ । ପଛରୁ ଧାଂଙ୍ଗା ବସାଘରୁ ଖାଲି ଘୁଙ୍ଗୁଡ଼ି ଉଠୁଥାଏ ଗୋଟାକୁ ଗୋଟା, ହୁଁ ହାଁ ଚଢ଼େଇର କୋଚାଳ ପରି ।

ଏଠି ସେଠି ଗାଁଆଣ୍ଟିର ଗୋଡ଼ଆ ଚଟା ପଥର । ପୁରୁଷ ପୁରୁଷର ଏଇ ଗାଁର ଲୋକେ ସେହିକି ପଥର ପାଲଟି ଗଛରୁ ଛୁଇଁ ତଳେ ନଇଁ ଯାଇଛନ୍ତି ।

କେହି ଚେଇଁ ନାହାଁନ୍ତି । ସବୁ ନିସ୍ତବ୍ଧ ।

ଠେଙ୍ଗାଜାନ ସାମ୍ନାକୁ ମୁହଁକରି ବସି ଭାବୁଛି । କୋଳରେ ତା'ର ପୁରୁଣା ଲଠି ଖଣ୍ଡି ତେର୍ଚ୍ଛା ହୋଇ ପଡ଼ିରହିଛି । ତା'ର ଭାବନାର ନିଜତ୍ୱ ନାହିଁ । କେବଳ ପରିସ୍ଥିତିର ରାଗିଣୀ ତା'ର ମନକୁ ଆଶ୍ରା କରି ଆପେଆପେ ବାଜିଯାଉଛି, ଠେଙ୍ଗାଜାନ ତେଇଁ-ତେଇଁ ଶୋଇ ଶୁଣୁଛି ।

ଏଇ ଜମିଆଁ କବା ରାତିରେ ।

କିଏ କେତେ ଏହି ଦାଣ୍ଡରେ ନାଚିକୁଦି ଗଲେ । ପାଦର ଧୂଳି ଏକାଠି ହୋଇଛି । ହୃଦୟର କଥା ଏକାଠି ହୋଇଛି କି ? କନ୍ଦା ଖୋଳି ମାଣ୍ଡିଆଜାଉ ମନ୍ଦଏ ଲେଖାଁ ପିଇ କଉପୁନି ପିନ୍ଧି ମଣିଷ ଓ ପ୍ରକୃତିର ଅନାଦର ଓ ଶତ୍ରୁତା ଭିତରେ ସେମାନେ ଆପଣାର ଶ୍ରେଷ୍ଠ ଘରକରଣା ସାରିଦେଇ ଚାଲିଗଲେ । ଆଜି ଦାଣ୍ଡ ଶୁନଶାନ୍ । ତାଙ୍କର ଇତିହାସ କେହି ଲେଖି ନାହିଁ । ତାଙ୍କର ସ୍ମାରକୀ ପଥର ଦେଶର ଏଇ ଗୋଜିଆ ଚଟା ପଥର ।

କାହାର କେତେ ମନର କଥା ଅକୁହା ରହିଗଲା । କାହାର ଗୁପ୍ତ-ବେଦନା ମଣିଷ-ରୂପର କାରାଗାର ଭିତରେ ଜୀବନ ଜୀବନ ବନ୍ଦୀ ହୋଇ ରହି ଶେଷରେ ସତ୍ତା ହଜାଇଲା । କେଉଁ ଦୁଇ ହୃଦୟ ପରସ୍ପରକୁ ଚିହ୍ନି ନ ପାରି ପାଖେପାଖେ ଥାଇ ଏଣେତେଣେ ଖାଲି ଖୋଜିବୁଲିଲା । ତା'ର ଖୋଜିବା ହିଁ ସାର ହେଲା ।

ଖରାର ଝାଞ୍ଜି, ବରଷାର ହୃଦୟ-ଦୁହାଁ ଧାର, ବାଆକଟାପିର ଓଲଟପାଲଟ, ସବୁ ଅଙ୍ଗେ ନିଭେଇ ବଣର ମଣିଷ ଗୁଡ଼ି ଦେଇଗଲା ଖାଲି ଗୋଜିଆ ପଥର ଆଉ ଚଟାପଥର, ତା'ର ପ୍ରତୀକ କରି ।

ଆଜି ଏଇ ନଗ୍ନଛିଆ ଗାଁଦାଣ୍ଡରେ ସବୁ ହାତ ପିଟା ଗୋଡ଼ ପିଟାର ଯେପରି ଶେଷ ସମାଧାନ ହୋଇଯାଇଛି, ଆଜି ସବୁ ପଥର

କଣ୍ଠକ କଣ୍ଠ ଲଗିପଡ଼ୁଛି, ଶେଷ ଅବସାନର ଦିନକୁ ଚାହିଁ । ମୁହଁରେ କଥା ନାହିଁ ସତ; ହୃଦୟରେ କାନ୍ତ ଗାଣ୍ଠ ନାହିଁ, କ୍ଳେଶ ନାହିଁ, କ୍ଷୋଭ ନାହିଁ ।

ମଣିଷ ମଣିଷ ଯେବେ ହୃଦରେ ହୃଦ ଭିଡ଼ି ମିଶିପାରିଲା ନାହିଁ, ମଶିଲା ପଥର, ଗୋଡ଼ା ପଥରକୁ ଚଟାପଥର, ମିଶିବା ସମ୍ଭବ ହେଲା ପଥର ପାଲଟି ସାରିଲା ପରେ । ଯେତେବେଳେ ଗୁଣ୍ଡ ନାଚ ଉଠିବ ନାହିଁ, ରୁମ ଝାଙ୍କୁର ଉଠିବ ନାହିଁ, ଆଖି ମୁଦ ହୋଇ ଆସିବ ନାହିଁ,—ନିର୍ବାକ ନିଷ୍ଚଳ,ପଥରକୁ ପଥର । ସଂସାରଟା ପରା ଧୋବା-ଗୁଡ ପରି, ଯେଉଁଠି ନିତ ନୂଆ ଲୁଗା କଚୁଡ଼ୁଏ, ଆଜିର ଲୁଗା କାଲିକୁ ନାହିଁ, ଲୁଗାର ଅନ୍ତର କଳୁଷ କଳୁଷ,ଆଉ ବାହରର ଯେତେ ଉଡ଼ା ଧୂଳ, ଦାଗ ଆଉ କାଳି ସବୁ ସଫାହୋଇ ପାଣିରେ ମିଶି ଦୂରକୁ ଭସିଯାଏ । ସଂସାରକୁ ଆସିବା ଖାଲି ଲୁଗା ଧୋବାଗୁଡକୁ ଆସିଲା ପରି, ପିଟିହୋଇ କଚୁଡ଼ିହୋଇ ସବୁ ଯାଇ ନିଜେ ସଫା ହେବାକୁ—ପୁଣି ଆଜ ଆସି କାଲି ଚାଲିଯିବାକୁ ।

ଏଇ ନିଗୁଣ୍ଠିଆ ରାତିରେ ନିଶବଦ ନିରୋଳାରେ ସତେ ଯେପରି ଠେଙ୍ଗାଜାନ ଆଖି ଆଗରେ କଉପୁମା ପିନ୍ଧା କାଉଡ଼ି ବୁଢ଼ା, ପେଂଗ-ପରଜା ପୂର୍ବପୁରୁଷଙ୍କ ମୂର୍ତ୍ତି ଗୋଡ଼ାପଥର ଗୁଡ଼ି ଚଟାପଥର ଗୁଡ଼ି ଗୁଇପର ବାହାରି ଆସିଲେ, ଗୁପି ଗୁପିକା ଗଛର ଗୁଇରେ ହାତ ଧରାଧରି ହୋଇ ଗୀତ ବୋଲିଲେ ।

ସୁଡ଼ା ସୁଡ଼ା [ ଶୁଣ ଶୁଣ ] ସୁଡ଼ଆ ଗୋଡ଼
ଓ୍ବେନା ଓ୍ବେନା [ଶୁଣ ଶୁଣ ] ସରସା ଗୋଡ଼,
ଶୋଏ ଦିନ୍‌ପଁ ଦିନେଁ [ ଶହେ ଦିନରୁ ଦିନଟିଏ ]
ବାରୋ ମାସ୍‌ତାଁ ମାସେ [ ବାରମାସରେ ମାସଟିଏ ଆଜ ]

ଜ୍ଡ଼ଗୁଡ଼ [ ଆମେ ଦୁହେଁ ] ମିହ୍ନା ଆଗାହ୍ନା [ମିଶିଅଛୁଁ ]
ଇପର ଦାଦର ଜାଗାଡ଼ୋ [ଏହ୍ନ ପର ଆମ ପୂର୍ବ
ପୁରୁଷଙ୍କ ସ୍ଥାନ ]

ଇପର ମାମିର ଗୁମା ଡ଼ୋ [ ,, ,, ]
ମଲ ଗଲ ସାଁ ସାରେ [ ଫସାରେ ]
ଦୋବାଦୋଲ ଗୁଟ଼ରେ [ ଧୋବାଭୁଠରେ ]
ଜୁଡ଼ଗୁଡ଼ ମିହ୍ନା ଅଗାହ୍ନା ।

ସେଇ ଗୁଇଗୁଇଆ ଆଲୁଅରେ ରାତିର କମିଆଁରେ ତାହା ଆଗରେ ଫୁଟିଉଠିଲା ଗୋଟା ଠେହ୍ନଠେହ୍ନ ବଳିଷ୍ଠ ଗଢ଼ଣ ପୂର୍ବପୁରୁଷଙ୍କ ଛାଇ; ବେକରେ କଣ୍ଠି, କାନରେ ଝରା, ମୁହଁରେ ହସ—ତେଲ ଚିକ୍‌ଚିକ୍ ଜୁଡ଼ା, ଆଲୁଅ ଚିକ୍‌ଚିକ୍ ମୁହଁ, କଏ ଯେପରି ତାହାର କାନ ପାଖେ ସ୍ୱର ଲମ୍ବେଇ ଆରମ୍ଭ କରି ଦେଲା—

ଏ•••ହ୍ନଁ । [ ସା''''—ମା'''' ]
ସଲ-ନ-ଲ [ ସା ମା ପାଧାମା'''' ]

ପୁଣି ଗୀତ ଆରମ୍ଭିଲା—
ମାଁ କ ତ ଆଡ଼୍ ଜମା [ ଆମର ମାଆ ଆମକୁ ପାଳି ମଣିଷ
କଲେ ]

ମନ ପଟେକ୍

ବାବୁ କ ତ ଗୋଡ଼୍ ଜମା [ଆମର ବାପା ଆମ୍ଭୁକୁ ପାଳି
ମଣିଷ କଲେ ]
ଇପର ପୁରୁଷ ବେଡ଼ା [ ଏହ୍ନପରି ଆମେ ପୁରୁଷ ହେଲୁଁ ]
ଇପର ବେଣ୍ଡିଆ ବେଡ଼ା [ଏହ୍ନପରି ଆମେ ଭେଣ୍ଡିଆ ହେଲୁଁ ]
ଇନାକା ଦେଂ ଚମ୍ ଚମ୍ ରନାସ୍ [କାହିଁକି ତେବେ ଆମେ
ଭୁନଚାନ ରହିବା ]

ଇନାକା ଦେଂ ମାଡ୍‌ଗୁମ୍ ସ୍ନନସ୍ [ „ ]
ଆଭୁ ବଚ କେଲା କନାସ୍ [ହାତରେ ହାତ ଗୁନ୍ଥି ଖେଳ
ଖେଳିବା ଆସ ]
ଗୋଡ୍ ଜଟି ନାର୍ କନାସ୍ [ ଗୋଡ଼ ପିଟି ନାଚ କରିବା ]
ରୂପ ମିଳାଇଗଲା ।

ଅତି ଆବେଗଭରା କଣ୍ଠରେ କେଉଁ ଅନାଦି କାଳର ପୁରୁଷ କେଉଁ ଅନାଦି କାଳର ସ୍ତ୍ରୀକୁ କେଉଁଠୁ ଯେପରି ସ୍ୱର ମେଲିଦେଇ ଡୁଙ୍ଗଡୁଙ୍ଗାର ତାଳେ ତାଳେ ସମ୍ବୋଧନ କରି ଡାକିଲା, ହେ ସରସାଗୋଡ଼, ହେ ସୁଡ଼ଆଗୋଡ଼, ଭୁ ଆରେ—

ସ୍ନଏ ଦରିଆ ହୋକେ କଡ଼ା ହୋରିଆ ହୋକେ ଗୋଡ଼ଆ ଗଡ଼ାଇ ଜୋଠା ଗଡ଼ାଇଁ ଆରେ — ସ୍ନଏକବାତ୍ ପୁନୁଆକାନ ସୋର୍ଷୁପେଡ୍ରୁଆ ପୁନୁଆକାନ ଏ ସୁଡ଼ଆଗୋଡ଼ ଏ ସର୍ସା ଗୋଡ଼ ଆରେ ଆ ରେ ।

[ ସମା ମାପାଧା ମା ]

ପବର ଫାଙ୍କେ କୁହୁଡ଼ିର ଟୋପାଏ ଟୋପାଏ, ଜନ୍ହ ଆଲୁଅର କଣାରେ କଣାରେ ଯେପରି ସ୍ୱର ଚହଲିଗଲା, ଢଗ୍‌ବଲ୍‌ୟୁର ପାହାଡ଼ର ବେଣୀକୁ ବୋଲି ।

ଆରେ—

ଗୋଡ଼ଆ ଗଡ଼ାଇ ଜୋଠା ଗଡ଼ାଇ ଆରେ — —ମିଳନର ଉଦ୍‌ବୋଧନ, ହୃଦୟର ଉଚ୍ଛ୍ୱାସଭରା ଡାକ ପଥରକୁ ପଥର ଚହଟି ବୁଲିଲା, ଗୋଜା ପଥରରୁ ଚଟା ପଥର, ଚଟା ପଥରରୁ ଗୋଜା ପଥର ।

ରୂପ ପଥର ପାଲଟିଛି, ସ୍ନଗିଣୀର ଉଚ୍ଛ୍ୱାସ ମିଳାଇଯାଇଛି ସ୍ନତିର ଅନ୍ଧାର ଆଉ ଜହ୍ନରେ । ତେଣୁ ପର୍ବ ନାତି ଧାହା ପ୍ରାଣ

ପାଇ ଝରେ ପୁଣି ମଲ୍ଲ ହଜଲର ସୀମା ଅତିକ୍ରମ କରି, ଯେଉଁ ପଥର ଉପରେ ରାତିର ଅନ୍ଧାର ଆଲୁଅ ଝୁରୁ ଝୁରୁ ହୋଇ ଝରି ପଡ଼େ। ଯାଇଛି, କିନ୍ତୁ ଯାଇ ନାହିଁ। ସାଇତା ହୋଇ ରହିଛି ସାଙ୍ଗେ ଆଜ ପବନରେ, ଦୋହଲି ଦୋହଲି ମାଣ୍ଡିଆ କ୍ଷେତ ଉପରେ ଡଙ୍ଗର (ଜଙ୍ଗଲ) ଉପରେ ଭାସି ବୁଲିବାକୁ, ଅନାଦି ଅନନ୍ତ ମଣିଷର ହୃଦୟର ଭାଷା।

ଠେଙ୍ଗାଜାନିର ନିଦ ଭାଙ୍ଗିଗଲା।

ଦେଖିଲା ସେ ଏକୁଟିଆ ହୋଇ ବସିଛି, ଦେହରେ ବୋଝେ କାକର। ଗୁରିପାଖେ ଖାଲି ମଲ୍ଲ ପଥରର ସଭା।

ଉଠି ଯିବାକୁ ବସିଛି, ସାମ୍ନାର ଡାଲୁରାସ୍ତାରେ ଲୁଗା ଖସ୍-ଖସ୍ କରି କିଏ ଗୋଟିଏ ଠୋକା ତଳୁ ଉପରକୁ ମାଡ଼ି ଆସିଲା। ଠେଙ୍ଗାଜାନିର ଛାତିରେ ନିଆଁ ପଶିଗଲା। ନିଘୁଞ୍ଚିଆ ରାତିରେ, କେହି କୁଆଡ଼େ ନାହିଁ, କିଏ ଏ? ଡୁମା ନୁହେଁ ତ? ଏହିପରି ରାତିରେ ପରା ଜଙ୍ଗଲରୁ ବାହାରି ଟାଁ ଡଲେ ତଲେ ବାଘ ଡୁମା ବୁଲେ, ପଛେ ପଛେ ବାଘ। ବାଘ ଡୁମା ଏ ନୁହେଁ! କାରଣ ବାଘଡୁମା ଦେଖିବାକୁ ସାତ ଆଠ ବର୍ଷର ପୁରୁଷ ପିଲାଟିଏ ପରି, ଭୁଣ୍ଡି ଲାଲ, ମୁଣ୍ଡି ଚନ୍ଦା ଆଉ ଲାଲ, ଆଖି ହଳଦିଆ। ନାଃ, ବାଘଡୁମା ଏ କେବେ ନୁହେଁ। ତେବେ କ'ଣ ମଣିଷର ଡୁମା?

ଛାତିରେ ଛନକା ପଶିଲା। ମୁହୂର୍ତ୍ତେ ପୂର୍ବର ଅନୁଭୂତି ପୁଣି ମନକୁ ଘାଣ୍ଟି ଚକଟି ପକେଇଲା।

ଠେଙ୍ଗାଜାନି ହୃଦୟରେ ସାହସ ବାନ୍ଧି ଲମ୍ବ ଲାଠିଟି ଟାଣ ମୁଠାରେ ଧରି ଉଠି ସିଧା ଠିଆହେଲା।

ଆସିଲା ଲୋକ ଆସି ପହଞ୍ଚି ଖଣ୍ଡେ ଦୂରରୁ ଟିକ୍କା ହସଟିଏ ହସି ଭୁଣ୍ଡି ନୁଆଇଁ କଥା ଆରମ୍ଭ କଲା—

"ଡରିଲୁ କିରେ—"

ଠେଙ୍ଗାଜାନ ଅତି ବିସ୍ମିତ ହୋଇ ପାଖକୁ ଛୁଟିଗଲା, ଫୁସ୍ ଫୁସ୍ କରି କହିଲା, ତୁ ଏତେ ରାତିରେ, ସନ୍ତୋଷ୍‌କୁମାର ?

କେତେ ରାତି ତ ଆସିଛି, ଆଜି କି ନୂଆ ? କେତେ ଦୂର ବା ଆମ ଘର, ଏଇ ତ ରାସ୍ତା ବାଙ୍କରେ । ଧିନେ ଧିନେ ମନ ହୁଏ ଆସେଁ, ଭାବେ ଦେଖି ଆସିବା ଠେଙ୍ଗା କସ୍ କରୁଛି, ଚୋର କି ଗରଜି, ଚୋର ଘୁଙ୍ଗୁଡ଼ି ଶବଦ ଶୁଣି ଘରକେ ଫେରିଯାଏଁ ।

ଠେଙ୍ଗାର ଦେହ ଥରୁଥାଏ, କହିଲା ଏ ଆଉକେ ଆ— କଥା ହେବା—

ସନ୍ତୋଷ କହିଲା, "ନାଇଁ, ପୁଣି କେ ଉଠିବେ । ଆ ରାସ୍ତାଏ ରାସ୍ତାଏ ଯିବା, କେହି ନାଇଁ, ମୁଁ ଦେଖି-ଅଇଲି ।"

ସନ୍ତୋଷ୍‌କୁମାର ଆଉ କଥା ନ କହି ଯେଉଁବାଟେ ଆସିଥିଲା ସେଇ ବାଟେ ବାଟେ ଚାଲିଲା, ପଛେ ପଛେ ଠେଙ୍ଗା । ନିଶବଦ ସାଇଁ ସାଇଁ ରାତିରେ ସେମାନେ ଚାଲିଗଲେ, ଗଡ଼ାଣିଆ ରାସ୍ତାରେ ବାଟେ ବାଟେ ।

କିଛି ସମୟ ପରେ—

ଯେତେବେଳେ ଦକ୍ଷିଣର ଗୋଟିକିଆ ତରାଟି ଆକାଶରେ ଆହୁରି ତଳକୁ ତଳକୁ ବୁଡ଼ିଆସୁଥିଲା—

ଠେଙ୍ଗାଜାନ ପଚାରିଲା, କାଲି ପୁଣି—?

ସନ୍ତୋଷ୍‌କୁମାର ହସିଲା ଆଉ କହିଲା,—ଏଠିକି ଆସିବୁ, କଥା ହେବା ।

ଦୁହେଁ ଦୁଇ ବାଟରେ ଚାଲିଗଲେ ।

—୨—

ଘର ତୋଳା ଲାଗିଛି ରାମ ନାଇକର ।

ବାଉଁଶ ହଣା ହେଉଛି, ମାଟି ଚକଟା ହେଉଛି, କେତେ ଠୋକାଠୋକି ଲାଗିଛନ୍ତି କାମରେ । ତାଙ୍କର ମୂଲ, ଦୁଇପା ମାଣ୍ଡିଆ, ଠୋପାଏ ଠୋପାଏ ରନ୍ଧା ମଦ ।

ରାମ ନାଇକ ଠେଙ୍ଗାକୁ ବଟେଇ ରଖିଛି କାମ ପାଖରେ, ନିଜେ ଆଉରି ଦଳେ ଲୋକ ନେଇ ଲାଗିଛି ଖୋଲରେ ହିଡ଼ ବାନ୍ଧ କ୍ଷେତ ତିଆରି କରିବାରେ ।

ବେଳେ ବେଳେ ସେ ଭାବେ, ତା ପରି ସୁଖୀ ଜଗତରେ ନାହିଁ ।

ପିଲାଦିନେ ଥିଲା ସେ ଭାରି ଗରିବ, ଅଳ୍ପ ସମୟରେ ବାପ ମା ଛାଡ଼ିଦେଇ ଗଲେ । ତା ପରେ ସେ ବଡ଼ ହେଲା, ଜମି ଖଣ୍ଡେ ଖଣ୍ଡେ ଯୁଆଡ଼ୁ ତାଆଡ଼ୁ ଧରି ଚଷିବାକୁ ଆରମ୍ଭ କଲା । ଦେହ ମେହେନତ୍ ଦ୍ୱାରା କେତେ ଧାନ ମାଣ୍ଡିଆ ଘରେ ଭର୍ତ୍ତି କରି ଘର ପୂରେଇଲା; କ୍ରମେ ତା'ର ନିଜର ଗୋରୁଗାଈ ହେଲେ, ନିଜର ଜମି ହେଲା, ଆପଣାର ପରିଶ୍ରମରେ ଭୂମିରେ ସୁନା ଫଳେଇଲା । ଭାଗ୍ୟ ତା ପ୍ରତି ପ୍ରସନ୍ନ ।

ଦେହ ଜୋରରେ ଯେତେବେଳେ ଗାଁର ଆଉ ସମସ୍ତଙ୍କୁ ଟପି ସେ ସମ୍ପତ୍ତି ଅରଜି ନାଁ ଡାକ ହେଲା, ଠିକ୍ ସେତିକି ବେଳେ ତା'ର ଦାଦି ହରି ନାଇକ ବୁଢ଼ା ଅପୁତ୍ରିକ ଆଉ ନାଁ-ଦାର ହୋଇ ମରିଗଲା । ଅମିନ୍ ରବିନ୍ୟୁ ତାକୁ ହିଁ କଲେ ଗାଁର ନାଇକ ।

ସେହି ଦିନୁ ଏକ ପ୍ରକାର ସୁଖରେ ହିଁ ତା'ର ଚାଲିଛି ।

ତା କପାଳକୁ ଝିଅ ନାହିଁ, ଝିଅ ଥିଲେ ଯୋଗ୍ଲ ଟଙ୍କା ମଧ୍ୟ କଛି ଘରେ ପଶିଯାନ୍ତା । ନ ଥାଉ ପଛେ, ଅଛି ଠେଙ୍ଗାଜାନ, ତା'ର ବୁଢ଼ା ଦିନର ବନ୍ଧପ, ସେଇ ତା'ର ଟଙ୍କାଗଛ ।

ଏଡୁଟିଦିନୁ ଠେଙ୍ଗା ତା'ର ଗୁଣର ପରିଚୟ ଦେଇଛି । ବାପ ପରି ପରିଶ୍ରମୀ, ବାପ ପରି ସଦାଶୟ । ଆଠ ବର୍ଷରେ ଠେଙ୍ଗା ବାପର ଗୋରୁ ଜଗିଲା, ବାର ବର୍ଷରେ କ୍ଷେତରେ ଲଙ୍ଗଳ ଧରିଲା । ପନ୍ଦର ବର୍ଷରେ ବାପର ସଂସାରର ସେ ଅଧେ ।

ନିଜେ ଆଗୁସାର ହୋଇ ମୂଲିଆଙ୍କୁ କାମ କରେଇବା, ଝଡ଼ ବରଷାରେ ଗୋରୁ ଗୋଠିକା ଗୋଟି ଜଙ୍ଗଲ ସନ୍ଧିରେ ଖୋଜି ଖୋଜି ଘରକୁ ଅଡ଼େଇ ଆଣିବା, ନିଜେ ସବୁ କଥାକୁ ପିଠି ପତେଇ ଦେବା, ଏପରି ଗୁଣବନ୍ତ ପୁଅ ତା'ର ଠେଙ୍ଗା, ତା'ର ଭଲ ଅସାର ନାହିଁ, ସୁଖ ଦୁଃଖ ନାହିଁ; ବାପର ସଂସାର ଉନ୍ନତି କରିବାକୁ ସେ ଯେପରି ଗୋଟାଏ କଳଯନ୍ତ୍ର ପରି ।

ବାପ କଛି ପଚାରିଲେ ପୁଅ କହେ, ମୋର୍ କସ୍‌ରେ ଆଜ୍ଞା, ଭୁଇ ଯା ବୋଇଲେ ତା ।

ତା'ର ବଖାଘର ପାଇଁ ରାମ ନାଇକ ଘର ତୋଳୁଛି ନିଠେଇ ନିଠେଇ ; ବଳ କାମ ହଳିଆଙ୍କୁ ଛାଡ଼ିଦେଇ ନିଜେ ଆସି ଘର ଆଗରେ ପଥର ଉପରେ ବସି ପଡ଼େ, ଖୁବ ଡାକହାକ କରେ, କେତେବେଳେ ଆପେ ବାଉଁଶ କାଠ ଚିରି ପକାଏ । କେତେବେଳେ ନିଜେ ମାଟି ବୋହିନିଏ, ଆଉ କେବେକେବେ ଥିରହୋଇ ବସି କାମକୁ ଅନେଇଁ ଅନେଇଁ ପିକା ଟାଣେ ।

— ୮ —

ଝୁଡ଼ୁଝୁଡ଼ିଆ ଖରାରେ କାନ୍ଧରେ ଯୋଡ଼ପାଉଁଜ ପକେଇ କାଳିଆ କୋଟ୍ ଖଣ୍ଡେ ଲେଖାଁ ଦେହରେ ମଢ଼େଇ ଖ୍ରୀଷ୍ଟଧର୍ମର ସନ୍ଦେଶ ଧରି ଏ ଗାଁରୁ ସେ ଗାଁ ଗୁରୁମାନେ ବୁଲୁଥାନ୍ତି । ଗମ୍‌ଗମ୍ ଝାଳ ବୋହିଯାଉଥାଏ, ପାଦ ଫାଟି ପଡ଼ୁଥାଏ । କିନ୍ତୁ ଯାହାକୁ ଦେଖିଲେ ତୁଣ୍ଡରେ ତାଙ୍କର ଧର୍ମମତରେ ସଂସ୍କୃତ କଥା,—ପ୍ରଭୁ ପରମ ପିତାଙ୍କୁ ବିଶ୍ୱାସ କର, ଯେ ଆପଣାର ପ୍ରିୟ ପୁତ୍ରଙ୍କୁ ସଂସାରର ପାପ ପରିତ୍ରାଣ ନିମନ୍ତେ ପ୍ରେରଣ କରିଥିଲେ, ସର୍ବଦା ହୃଦୟରେ ତାଙ୍କୁ ଧ୍ୟାନ କର । ଖରା ହେଉ ବର୍ଷା ହେଉ କଷ୍ଟ ହେଉ ଦୁଃଖ ହେଉ ଏହିପରି ତାଙ୍କୁ ବୁଲିବାକୁ ହେବ । ସାହେବ କହିଛନ୍ତି, ନୋହିଲେ ଦରମା ମିଳିବ ନାହିଁ । ପିଣ୍ଡାପଦର ଗାଁର ଶାନ୍ତମୂର୍ତ୍ତି ସଲମନ ଗୁରୁ ଶୁଭ ବାରତା ଶୁଣାଇବାକୁ ଏ ଅଞ୍ଚଳକୁ ବାରମ୍ବାର ଆସନ୍ତି । ଚକ୍‌ଚକ୍ କପାଳରେ ଅଟଳ ଧର୍ମବିଶ୍ୱାସ ଜକଜକ ହୋଇ ଝଟକି ପଡ଼ୁଥାଏ । ପଦା ଦେଶର ଧର୍ମର ସୁସମାଚାର ପବନରେ ଉଡ଼ିଉଡ଼ି ଦାଦିବୁଢ଼ାର କାନବାଟେ ଘାଁ ଘାଁ ଚାଲିଯାଏ, ହୁଙ୍କାବୁଢ଼ା ମୁଣ୍ଡ ଟେକେ ନାହିଁ ।

ଅଧରାତିରେ ସେହି ଭାଷାରେ ସିଟିଏମ୍ ଗ୍ରେଟ୍ ଲୋକେ ଦାଦିବୁଢ଼ାକୁ ଉଦ୍‌ବୋଧନ କରନ୍ତି, ହେ ପରମପିତା ଦାଦିବୁଢ଼ା, ତୁମ୍ଭେ ବିଶ୍ୱାସ କର—ବିଶ୍ୱାସ କର । ଆମ୍ଭ ମନରେ କୌଣସି କୁଟିଳତା ନାହିଁ । ସରଳ କହିବୁଁ ସତ୍ୟ କହିବୁଁ । ଅଭାବ ନିମନ୍ତେ ସିନା ଏ ଦୁର୍ଯୋଗ ରାତିରେ କାହା ଶାଳରୁ ଗୋରୁଟିଏ, କାହା ଶୋଇବା ଘରୁ ଥାଳି ପଟେ ନେଇଆସି କୁଟୁମ୍ବ ପ୍ରତିପୋଷଣ କରିବା ନିମନ୍ତେ ଏତେ ବିପଦରେ ଆମ୍ଭେ ଧାଇଁ ଥାଇଁ; କିନ୍ତୁ ଏ ଟେଷଣ ଲୋକେ,

ଏ ସବୁଭଇନସ୍‌ପିଟି, ବିଧର୍ମୀ ସେମାନେ, ଧର୍ମରେ ବିଶ୍ୱାସ ନାହିଁ, କାହୁଁ ବୁଝିବେ ଆମ୍ଭର ଦୁଃଖ ପ୍ରଭୋ, ଏକା ତୋତେ ଜଣା ।

ସେମାନେ ମଧ୍ୟ ଧର୍ମ ପ୍ରଚାର କରନ୍ତି । ଏଲିଓ, ଜହନ, ଆଲେକଜାଣ୍ଡର, ପିଟର, ସିମନ, ଫାଉଲ, ମିକାଲ । ଏହିପରି ଯେତେ ସେମାନେ । କିନ୍ତୁ ତାଙ୍କର ଖାଲି ବିଶ୍ୱାସରେ ଚଳିବ ନାହିଁ । ଅନୁ-ତାପ କରିବାକୁ, ଦୋଷ ସ୍ୱୀକାର କରିବାକୁ ପୋଥି ଖୋଲି ସଲମନ ଗୁରୁ ଯାହା ଶିଖାଇଦେଇ ଯାଉଛନ୍ତି,କଚେରି ଅଦାଲତରେ,ସମାଜରେ ବ୍ୟାବହାରିକ ଜୀବନରେ ତା'ର ମୂଲ୍ୟ ବା କେତେ ? କଥା ଫିଟିଗଲେ କୌଣସି ଗୁରୁ କୌଣସି ପାଷ୍ଟର ରକ୍ଷାକରିବେ ନାହିଁ । ନିରାକାର ଆକାଶୀ ଦେବତା ମନୁଷ୍ୟର ପାପର ବୋଝ ବୋହିଛନ୍ତି, ଭଲ । ଏହି ସୁସମାଚାର, ଯାହାଙ୍କର କ୍ଷମା ମିଳିବ, ସବୁ ପାପର ବୋଝ ସେ ମୁଣ୍ଡାଇବେ । ଯେ ଯେପରି ଚଳୁ, ତାଙ୍କର ରକ୍ତରେ ସମସ୍ତିଙ୍କର ପାପ ସ୍ଖଳନ ହେବ । ହେନେ ନା ହେନେ ।

ସେମାନେ ନିର୍ବିକାର ହୋଇ ବାଟ କାଟି ଚାଲନ୍ତି । ଯେତେ-ବେଳେ ହୃଦୟର ଉଚ୍ଛ୍ୱାସ ପ୍ରବଳ ହୋଇପଡ଼େ, ସାକାର ଦେବତା ପ୍ରୟୋଜନ ହୁଏ, ସେତେବେଳେ ଗୁରୁ ପାଷ୍ଟରଙ୍କ ଦୃଷ୍ଟି ଏଡ଼ି ସେମାନେ ଦାଦବୁଢ଼ା ପାଖେ, ଝାଙ୍କର ଦେବତା ପାଖେ ମାନସିକ ଯାଚନ୍ତି । ବଳି ଦିଅନ୍ତି । ଦୁଇଆଡ଼ୁ ହୋଇ ସଂସାର୍‌କାର୍ଯ୍ୟ ଏକ ପ୍ରକାର ଚାଲିଯାଏ ।

ସନ୍ତୋଷ୍‌କୁମାରୀ ଏହି ବିଶ୍ୱାସରେ ବଢ଼ିବଢ଼ି ମଣିଷ ହୋଇଛି । ମଣ୍ଡଳୀ ସଭାରେ ଦେଶିଆ ଦେବାଦେବୀଙ୍କୁ ପ୍ରେତ ବୋଲି କହି, ସଇତାନ୍‌ର ଅନୁଚର ବୋଲି କହି ସମସ୍ତେ ଯେତେ ଗାଳିଦେଲେ ସୁଦ୍ଧା ଆପଣା ଆପଣା ଘରେ ନିର୍ଜନ ନିଚ୍ଛଟିଆରେ

ନିଜର ପ୍ରୟୋଜନ ଅନୁସାରେ ସେମାନେ ଚୁପ୍‌ଚାପ୍ ଉପାଧିଆ ପଡ଼ିଯାଆନ୍ତି, ମନରେ ବଳ ଆସେ ।

ସନ୍ତୋଷ୍‌କୁମାରୀ ଦାଦ୍ଦ-ବୁଢ଼ା ତ ଦାଦ୍ଦ-ବୁଢ଼ା, ହୁଙ୍କାବୁଢ଼ାକୁ ସୁଦ୍ଧା ଅମାନ୍ୟ କରେ ନାହିଁ । ରାମ ନାଇକର ପୁଅ ଠେଙ୍ଗାଜାନି ଘଟଣାର ସୁଅରେ ତାହା ଆଡ଼କୁ ଆଉଜି ଆସିଛି, ସେ ନିଜେ ଆଶ୍ରା ପାଇଛି, ଏ ତ ଭଲକଥା । କିନ୍ତୁ ଆହୁରି ଅନେକ କାମ ବାକି ଯେ ! ମନେ ମନେ ସେ କିଛି କହେ, ଦାଦ୍ଦ-ବୁଢ଼ା ତୋର ଦୟା, ତୋରି ଦୟା । ଏକୁଟିଆ ଅନ୍ଧାରର ପହିଲି ପହରେ ଦାଦ୍ଦ-ବୁଢ଼ା ମୁଣ୍ଡିଆ ଉପରକୁ ସେ ଥରେ ଥରେ ଉଠିଯାଏ । ଶୁଖିଲି ତାଳପତ୍ର ଏକାଠି କରି ଦାଦ୍ଦ-ବୁଢ଼ାଠୁ ଅଳ୍ପ ଦୂରରେ ନିଆଁ ଟିଏ କରେ । ଆପଣାର ବିଶ୍ୱାସ ଜଣେଇ ମନେ ମନେ କହିହୁଏ, ଦାଦ୍ଦ-ବୁଢ଼ା, ତୁ ଜଗୁରି ରହିଲୁ ଆଜି, ମତେ ଦୟା କରିବୁ, ମୋ କଥା ମନେ ରଖିଥିବୁ ସବୁ-ବେଳେ । ଦାଦ୍ଦ-ବୁଢ଼ାର ସାତବେଣ୍ଟିଆ ଖଜୁରି ଦେହ ଅନ୍ଧାର ଭିତରେ ମୁରୁକିହସା ଦିଏ । ଅନ୍ଧାରର ସମୁଦ୍ର ଭିତରେ ନିଗୁଟିଆ ମୁଣ୍ଡିଆ ଉପରେ ସନ୍ତୋଷ୍‌କୁମାରୀ ଦାଦ୍ଦ-ବୁଢ଼ାକୁ ଆଲୁଅ ଦେଇ ଚାଲିଆସେ ।

ଅଥଚ ଠିକ୍ ଏହିପରି ଦିନରେ ଠେଙ୍ଗାଜାନିକୁ ସେ ଛଟପଟ କରି ମାରେ, ଦେଖା ଦେଇ ହସି ହସି ଚାଲିଯାଏ । କଥା କହେ ନାହିଁ, ଅଥବା ମୁହଁ ଟେକି ଅନାଏଁ ନାହିଁ ବି ଥରେ । ଖୋଷାରେ ଫୁଲ ପିନ୍ଧି ଦେହ ବଙ୍କେଇ ବଙ୍କେଇ ଚାଲିଯାଏ ।

ଠେଙ୍ଗାଜାନି ଗୁମ୍ ହୋଇ ବସେ । ରାମ ନାଇକ ପ୍ରସ୍ତୁତ ହୁଏ ସାଉଆଦାନ୍‌କୁ ବୋଲ୍ଡ଼ କରି ଆଣିବାକୁ ଯିବ ।

—୯—

ରାମ ନାଇକ ଚଞ୍ଚଳ ଚଞ୍ଚଳ ପ୍ରସ୍ତୁତ ହେଲା । କନ୍ୟା ମାଗିବାକୁ ଯିବ ପାଞ୍ଚ ବୋତଲ ମଦ ଦରକାର । ସେ'ତା ଯେ କୌଣସି ସମୟରେ କଣାହୋଇ ଆସିବ । ଆଉ ପାଞ୍ଚ ହାଣ୍ଡି ରନ୍ଧା ମଦ, ସେଥିପାଇଁ ମାଣ୍ଡିଆଯାଉକୁ ସଢ଼େଇ ସାତଦିନ ଆଗରୁ ଯୋଗଯୋଗ ନ କଲେ ଭଲ ନିଶା ବାହାରିବ ନାହିଁ । ଖାଲି ଏତିକ ନୁହେଁ, ଭଲ ଲୁଗା ଖଣ୍ଡେ ଦରକାର । କନ୍ୟା ନାକ କାନ ପାଇଁ ସୁନା ଖଣ୍ଡେ କି ଦିଖଣ୍ଡ, ଆଉ ଦିଶାରି (ପୁରୋହିତ) ଯାଗଯୋଗ ଠିକ୍ କରି-ଦେବ, କେଉଁଦିନ ଭଲ, କେଉଁ ମୁହୂର୍ତ୍ତରେ ଆଶା ଫଳିବ । ସେହିପରି ବେଳକାଳ ଜାଣି କନ୍ୟା ଘରକୁ ଯାଇ ପାଞ୍ଚ ପଞ୍ଚାଏତରେ କଥାଟା ଛିଣ୍ଡେଇଦେଇ ଆସିବାକୁ ପଡ଼ିବ । ଶୀତ ଗୁଡ଼ିଯାଉଛି, କୁହୁଡ଼ି ଉଠିଯିବ, ଗଛଆଡ଼ ସଫା ପରିଷ୍କାର, ବଣ ଜଙ୍ଗଲରେ ନୂଆ ଫୁଲ କଅଁଳିଆ ପତ୍ର । ଏଇ ଶୀତଶେଷରେ ପହିଲି ବସନ୍ତରେ ଧାଂଡ଼ା ଧାଂଡ଼ୀକୁ ବାୟୁ ଲାଗେ । ତାହା ଆଗରୁ ବୁଢ଼ାଏ ବୁଢ଼ାଏ କଥା ଠିକ୍ ଠିକଣା କରି କନ୍ୟା-ମାଗଣ ଛିଣ୍ଡାଇ ଦେଇ ସାରି-ଥିଲେ ଭଲ ।

ଦିନ ପାଖେଇ ଆସିଲା । ଆପଣାର କାର୍ଯ୍ୟ ପାଇଁ ବାପ ହୁକୁମ ଅନୁସାରେ ଠେଙ୍ଗାଜାନକୁ ଖୁବ୍ ଖଟିବାକୁ ପଡ଼େ । ମନର କଥା ମନଭିତରେ ଥାଏ, କେବେ କେଉଁଦିନ ଭାଗ୍ୟ ଥିଲେ ନିଘୁଞ୍ଚିଆ ନିର୍ଜନ ରାତିରେ ସନ୍ତୋଷକୁମାରୀ ସାଙ୍ଗେ ଭେଟାଭେଟି, କଥା ଭାଷା ଟିକଏ ଟିକଏ ହୁଏ, ସେତିକକୁ ସମ୍ବଳ କରି କଳପରି ଠେଙ୍ଗାଜାନ ଚାଲିଯାଏ ।

କନ୍ୟା-ମାଗୁଣି କଥା ଗାଁଯାକରେ ଚହଲି ପଡ଼ିଲାଣି । ସାରଆ-ଦାନ୍‌ର ବନ୍ଧୁଗୁଡ଼ିକ ତାକୁ ପରିହାସ କରି ଦିନୁଦିନ ନୂଆ ସଜ

କରୁଥାନ୍ତି । ବାପା ହାଟରୁ ନୂଆ ନୂଆ କେସ୍‌କେସ୍ ମାଳି ଆଣି ଦେଇଛନ୍ତି, ଆଙ୍ଗୁଠି ଗଣ୍ଠି ଗଣ୍ଠିକେ ପିତ୍ତଳ ଛଲେଇ ମୁଦି । ସାରିଆଦାନ୍ ହଳଦୀରେ ଝଟକ ନୂଆ ଲୁଗାରେ ସଜ ହୋଇ ଅଲଙ୍କାର ବୋଝେଇହୋଇ ଧୀରଧୀର ଆଖିର ଦୃଷ୍ଟି ଆପଣା ଭିତରକୁ ପକାଇ ବାଟ ଚାଲେ, କେବେ ଠେଙ୍ଗାଜାନ ସାଙ୍ଗେ ଦେଖାହେଲେ ତଳକୁ ମୁହଁ ପୋତି କଣେଇ କଣେଇ ଅନାଏଁ । ଆଉ ହସିଦେଇ ଚାଲିଯାଏ ।

ଠେଙ୍ଗାଜାନକୁ ମଧ୍ୟ ସାଙ୍ଗସାଥିଙ୍କଠାରୁ ଟାହିଟାପରା ଶୁଣି-ବାକୁ ପଡ଼େ ବହୁତ । ସେ ଅଭିନୟ କରେ ଯେପରି କି ସବୁଥିରୁ ସେ ବି ଆମୋଦ ପାଉଛି, ସେ ପଦାକୁ ହସେ, ମନଭିତରେ ସବୁ ଗୋଳମାଳ ହୋଇଯାଏ ।

ସାରିଆଦାନ୍ ଆଉ ସନ୍ତୋଷ୍‌କୁମାରୀ—ଠେଙ୍ଗାଜାନ ତଉଲି ଦେଖିବାକୁ ଚେଷ୍ଟାକରେ, ସାରିଆଦାନ୍ ସୁନ୍ଦର, ସାରିଆଦାନ୍ ଭଲ,—କିନ୍ତୁ ସେ ଯେମିତିକା ନିତାନ୍ତ ଗାଈଗୋରୁ ପରି ଏଣ୍ଡେ ସହଜ ସେ ତା'ର ଶାନ୍ତ ମନ ଉପରେ ଖୋଞ୍ଚା ମାରିପାରେ ନାହିଁ, ସବୁଥିରେ କାମ୍ୟ ସନ୍ତୋଷ୍‌କୁମାରୀ—ସେ ଜାଳିପାରେ, ସେ ଟାଣି-ପାରେ ।

ମନେ ମନେ ଠେଙ୍ଗାଜାନ ଭାବେ, ସନ୍ତୋଷ୍‌କୁମାରୀ ତା'ର କେହି ନୁହେଁ । ସେ ବଡ଼ ହୋଇଛି । ସନ୍ତୋଷ୍‌କୁମାରୀ କାହାର ପରର । ଏପରି ଯେତେ ଥର ଭାବେ ସେତେ ଥର ମନଭିତରେ କେଉଁଠି କ'ଣ ପବନରେ ମିଳେଇ ଯାଇ ଶୂନ୍ୟ ହୋଇଯାଏ, ସେ ଏପରି ଧାରଣାକୁ ସମ୍ଭାଳିପାରେ ନାହିଁ । ଚାଲିଲା ବୁଲିଲା ପରି ହୋଇ

ତାଙ୍କ ସାହାପାଖେ ଯାଇ ନସର ପସର ହେଉଥାଏ । ଏଇ କାଳେ ସନ୍ତୋଷକୁମାରୀ ବାହାରପଡ଼ିବ କାଳେ ।

ସେଦିନ ଅନ୍ଧାର ରାତି ହୋଇଥାଏ । ସମସ୍ତେ ଶୋଇପଡ଼ିଥାନ୍ତି । ମଝିରାତିରେ ଶୀତରେ ମଞ୍ଜ ଥରିଯାଉଥାଏ । ସନ୍ତୋଷକୁମାରୀ ଆଉ ଠେଙ୍ଗାଜାନ ଭେଟାଭେଟି ହେଲେ, ତିନିସପ୍ତାହ ପରେ ଥରେ । ସେ ମଫା ସଫା ପଚାରିଲା କାହିଁକି ଏତେ କଥା ଆଉ ଠେଙ୍ଗା ? କେତେଦିନ ବା ? ଠାପାଇଁ କନିଆଁ ମାଗନ୍ତି ହେବାକୁ ବସିଲଣି, ଆଉ କିଛିଦିନ ସୁଖରେ ତୁ ସାରଆଦାନ୍‌କୁ ନେଇ ଘର କରିବୁ, ଏତେ ଲୁଚକାଳି ଖେଳର ଆଉ ଦରକାର କ'ଣ ? ସନ୍ତୋଷକୁମାରୀ କଜିଆ କରିବାକୁ ଅସିଥିଲା, ଥିର ଥିର କଥା ଫଁ ଫଁ ନିଶ୍ୱାସରେ ମିଶି ମନ ଗହ୍ୱରକୁ ପଶିଯାଏ, ଆଉ ଲୁହ-ଧାରରେ ସ୍ୱର ଓଦା ଓଦା । ବାପା ଜବରଦସ୍ତି କରୁଛି ବୋଲି କହୁଚୁ ? ତୁ ପରା ଅଣ୍ଡା ପିଲା, ତୋ ତୁଣ୍ଡରେ କଥା ନାହିଁ କି ? ଥାଉ ଥାଉ ମୁଁ ତତେ ଏତେ ବୁଦ୍ଧି ବତେଇବା କି ଦରକାର ? ତୋ ସୁଖରେ ତୋ ବାଟରେ ତୁ ଯା, ମୋର କହିବାର କିଛି ନାହିଁ ! ଆଗରୁ ତ କେତେ ତତେ ମନା କରୁଥିଲି, ଏଥିରେ କିଛି ଲାଭ ନାହିଁ, ଆମର ଜାତି ଭିନ୍ନେ, ଯୋଗଟା ନ ହେବାର କଥା । ଯେଉଁ ରୀତିର ଆମର ବାଦ ଅନ୍ୟକାଳରୁ ଚାଲୁ ନାହିଁ, ବୃଥା କଥା ଏ ସବୁ, ତୁ ସେତେବେଳେ ମାନିଲୁ ନାହିଁ । ଏବେ ତୋ ବିନା ମୋର ଆଉ କେହି ନାହିଁ, ମାତ୍ର ବାପମାଙ୍କର ସୁନାପୁଅ ହୋଇ ମତେ ଗୋଡ଼ରେ ଗଡ଼େଇଦେଇ ତୁ ତୋର ବିଭା କନିଆଁ ନେଇ ଘରଦୁଆର କରିବୁ ମୁଁ ଜାଣେ । ଆଉ ଏମିତି ଅବସ୍ଥା ଆମର ଛାତି କୋଡ଼ିହୋଇ ମନେ ମନେ ମରିଗଲେ ପଦାରେ ପଦେ କଥା ବି କହିବାକୁ ମନେ ହେବ ନାହିଁ ।

ସନ୍ତୋଷକୁମାରୀ କାନ୍ଦପକେଇ ଗ୍ଲଲଗଲା, ରଖିଗଲା ଠେଙ୍ଗା-ଜାନ ମନରେ ଘୋର ଅଶାନ୍ତି, ଉଦୁମୁଦା ଅଶାନ୍ତି, ଯେ ଖୋଲ୍ଲ ଗ୍ଳୁଟିପିଟି ହୁଏ, ଆଉ ପଦାକୁ ବାହାରି ପଡ଼ିବାକୁ ବାଟ ଖୋଜେ ।

ବାପକୁ ମା'କୁ ଦପଦ ଠାଣ ଠାଣ କରି ବତେଇ ଦେଲେ ତା'ର ପ୍ରାଣରେ ଶାନ୍ତି ଆସନ୍ତା, ବୁଢ଼ା ନାଇକର ନଶଗୁଡ଼ାକ ଓପାଡ଼ି ପକାନ୍ତା, ବଳେ ବଳେ ଆପଣା ଇଚ୍ଛାରେ ଆପଣାର ଭଲମନ୍ଦ ସେ ବାଛି ନଅନ୍ତା । କିନ୍ତୁ ଯେଉଁଠି ଆରପଟୁ ବେକାବେକ ନାହିଁ ସେଠି ରାଗ ନଷ୍ଟଳ, ସେଠି ଦୁଃଖ ଆଉ ରୋଷ ଖାଲି ଆପଣା ପ୍ରାଣକୁ ପୋଡ଼ି ଅଙ୍ଗାର କରେ । ବାପ ମା—ସେମାନେ ଧାଇଁଛନ୍ତି ତା'ରି ସୁଖରେ, କାହିଁକି ବାହାଘରଟା ଚଞ୍ଚଳ ନ ହେଉଛି ସେଥି ସକାଶେ ସେ ଦୁହିଁଙ୍କ ଭିତରେ ମନ ଖରାପ ଅଶାନ୍ତି । ତାଙ୍କର ଆନନ୍ଦରେ ମାଟି ଗୋବରପାଣି ଅଜାଡ଼ି ଦେବାକୁ ହାତ ଯାଏ ନାହିଁ । ମନ ପଛେଇ ଯାଏ । ତାଙ୍କରି ଭାବନା ଭିତରେ ତାଳକୁ ତାଳପକେଇ ଠେଙ୍ଗାଜାନକୁ ଆଗେଇ ଯିବାକୁ ପଡ଼େ, କିନ୍ତୁ ମନେ ମନେ—ଖାଲି କାଇଁ ଉଠେ, ଆଉ ଯୋଉ ଗ୍ଳୁଟିପିଟି ! ଓଃ ।

ଠେଙ୍ଗାଜାନ ଅନ୍ୟମନସ୍କ ହେଲା, ବସିଛି ତ ବସିଛି, ଖାଇବାକୁ ମନ ନାହିଁ, ଦନପାକ ମାଟି ମେଦ ପରି । ସଞ୍ଜ ବୁଡ଼ିଗଲେ ମାଟିମେଦରେ ହଠାତ୍ ଗୁଡ଼ାଏ ଅଖୋଜା ଜୀବନ କଏ ପୂରେଇ ଦିଏ । କଳ ପରି ସେ ଦୂରିବୁଲେ, ସମାଜର ବନ୍ଧାଗତରୁ ଫିଟି ପଡ଼ି ପଦାକୁ ଯିବାକୁ ତ ରାହା ନାହିଁ, ସେ ଆପଣାକୁ ହିଁ କଷ୍ଟ କରି କେନ୍ଦ୍ର କରି ଭଉଁରୀ ଖାଉଥାଏ, ଆଉ ଗହନ ମନ ଭିତରେ ଆପେ ଆପେ ସାତ ପାଞ୍ଚ ଲାଗିଥାଏ, ଉପାୟ କାହିଁ, ଉପାୟ କାହିଁ ?

ମା କହିଲା ବାପକୁ—କାହିଁକି ପୁଅଟି ମୋର ମନମରା ହୋଇଯାଉଛି ଏଇ କେତେଦିନ ହେଲାଣି ?

ବାପ କହିଲା—କାହିଁ, ନାହିଁ ତ ? ଯେ ବାହା ହୁଏ ସେ କ'ଣ ମନମରା ହୋଇଥାଏ କେବେ ? ଭଲ ଅଛି, ଖାଉଚି ପିଉଚି, ଡୁଗ୍‌ଡୁଗା ବଜାଉଚି, ଗୀତ ବୋଲୁଚି, ଏଇ ତ ଧାଂଡ଼ାର କାମ । ଏଥିରେ ମନ ଦୁଃଖ କଲା ବୋଲି କିଏ କାହିଁକି କହିବ ?

ଠେଙ୍ଗା ବୋଉ ବିଶ୍ୱାସ କଲା ନାହିଁ, ମୁହଁ ଶୁଖେଇ ମୁଣ୍ଡ ହଲେଇ ହଲେଇ ସେ କହିଲା—ମତେ କେମିତି ଲଗୁଚି ଜାଣ ? ପୁଅ ମନରେ ଆଉ କିଛି କଅଣ ପଶିଚି । ଯୋଉ କଥା ସେ ତୁମ ଆଗେ କହିବ ନାହିଁ କି ମୋ ଆଗେ କହିବ ନାହିଁ । ସାରଆଦାନ୍‌କୁ ବୋହୂ କରି ଆଣିବା, ହଁ ଭଲ ହେବ, କିନ୍ତୁ ପୁଅ କ'ଣ ସେଥିରେ ଷୋଳଅଣା ମଙ୍ଗିଛି ? ତା'ର କ'ଣ ସାରଆଦାନ୍ ନଜର କିଛି ତୁମେ ଭାବୁଚ ? କାଲେ ଆଉ କିଏ—ବାପ ଆଉ କୁହାଇ ଦେଲା ନାହିଁ, କେଡ଼େ ସବାଗରେ ସେ କାମଟିଏ ଆରମ୍ଭ କରିଦେଇଛି, ଏଥିରେ ପୁଣି ସନ୍ଦେହର ଗୁଳି ସେ ସହିନ୍ତା କିପରି ? ବିରକ୍ତ ହୋଇ ପାଟିକରି ଉଠି କହିଲା—ଆରେ, ଭଲ କଥା ଏ ! ଜାନିର ଝିଅ, ତହିଁରେ ପୁଣି କେଡ଼େ ଭଲ ପିଲା, ଭାଗ୍ୟରେ ଥିଲେ ଏମିତି କନିଆଁ ମିଳେ । ତାକୁ ଠେଙ୍ଗାର ଇଷ୍ଟ ନାହିଁ ? ଆମେ କି ଜାଣୁ ? ଆମେ କ'ଣ ମନାକରିବୁ ତାକୁ ଆପଣା ପାଇଁ କନିଆଁ ବାଛିବାକୁ ନା କ'ଣ ? ଆମକୁ ଯାହା ଭଲ ଆମେ ତା କରୁଚୁ—ନାହିଁ ଯଦି ଆଉ କୋଉଠି ତାର ଜିଦ ଅଛି ସେ କ'ଣ ମାଇକିନିଆଁ ପିଲା ହୋଇଛି, କହୁ ନାହିଁ କାହିଁକି ?

ତା'ର ସରଳ ବିଶ୍ୱାସରେ ଠେଙ୍ଗା ବୋଉ ଗୁଡ଼ିରେ ଜୀବନ ପଶିଲା, ଏହିପରି ସରଳଆ ମଣିଷଟିଏ ଏ, ରାମ ଜାନି, ଯେ ତାର ବିଶ୍ୱାସ ମଧ୍ୟ ପବନରେ ବୁଲାଇ ପବାଗ ପରି ହଲି ଦୋହଲି ଭାସିଯାଇ ତା'ର ଆପଣାର ଲୋକଙ୍କୁ ଉଙ୍ଗେଇ ଦିଏ ।

ଦିନ ପାଖେଇ ଆସିଲା—ପୁଣି ଦିନେ କୁକୁଡ଼ା ବୋବାଳିରେ, ଗାଈଗୋରୁଙ୍କ ହମ୍ବା ରଡ଼ିରେ, ପାହାନ୍ତି ପହରର କଳରବରେ ହଠାତ୍ ଅନ୍ଧାର ଗର୍ଭ ଭିତରୁ ସେଇ ଦିନଟି ଜନ୍ମ ହେଲା, ଯେଉଁଦିନ ରାମ ନାଇକ କନ୍ୟା ଗାଁ-ରାଣୀ କରି ଯିବ ।

ସକାଳୁ ଉଠି ରାମ ନାଇକ ଏପାଖ ସେପାଖ ଦୌଡ଼-ଧାପଡ଼ ଲଗେଇଦେଲା । ସେ ନାଇକ ସତ, କିନ୍ତୁ ଆଜି ପରି ନିମିତ୍ତରେ ଗାଁର ସାତପାଞ୍ଚ ବର୍ଣ୍ଣ ରଇତଙ୍କ ଗୋଡ଼ ନ ଧରିଲେ ନ ହୁଏ । ପାଲଦା ଗାଁକୁ ଲୋକ ଯାଇଛି, ସେଠୁ ବନ୍ଧୁ ସଲ୍ଲଭ ଆସୁଥିବେ, ବଡ଼ ଦୂର ବାଟ, ତଥାପି ସେମାନେ ଆସିବେ ।

ଠେଙ୍ଗାର ମା ଦିନଯାକ ଘର ଲିପାଲିପିରେ ବ୍ୟସ୍ତ । ସମସ୍ତେ ଧନ୍ଦି ହେଉଛନ୍ତି, ଖାଲି ଦେଖା ନାହିଁ ଠେଙ୍ଗାର । ବାପକୁ ପଦେ କହିଦେଇ ଆଜି ନିଜେ ଗୋରୁଗୁଡ଼ାକ ଅଡ଼େଇନେଇ ଅଦନଆଁ ଚରେଇବାକୁ ସେ ଚାଲିଯାଇଛି, ତା'ର ଦେଖା ନାହିଁ ।

ବାପ କହିଲା ମା'କୁ—ଦେଖୁଚୁ ତ ପୁଅ କଥା, ଆଜି କେତେ କାମରେ ଘାଣ୍ଟିହୋଇ ମୁଁ ମରୁଚି; ସେ ତା ସୁଖେ ଯୁଆଡ଼େ ଇଚ୍ଛା ସିଆଡ଼େ, ସାହାଯ୍ୟ କରିବାକୁ କେହି ନାହିଁ ।

ମା ହସିହସି ଫାଟିପଡ଼ିଲା—ସତ କଥା, ତାର ତ ସେ କଷ୍ଟାଠୁଁ ବଷ୍ଟାଠୁଁ ସବୁ କାମ ନିଜେ କରିଧରି ବାହା ହେଇଥାନ୍ତା, ତା ନ କରି ବାପ ମା'ଙ୍କ ଉପରେ ସବୁଯାକ ଲଦି ଦେଇଛି, —ସାମାନ୍ୟ କଥା ଏ ?

ଦୁହେଁ ହସାହସି ହେଲେ । ପୁଅ ଅନ୍ୟବେଳେ ଯେତେ ବେହିଆ ହଉ ପଛେ ଏତେବେଳକୁ ଟିକିଏ ଲାଜ ତାକୁ ସାଜେ । ସେତିକି ଦରକାର, ଉଞ୍ଚ ମୁଣ୍ଡିଆ ଡେଙ୍ଗା ପୁଅର ମୁଣ୍ଡଟି ଏତିକି-ବେଳେ ବାପ ମା'ଙ୍କ ଗୋଡ଼ତଳେ ନ ଘସୁରିଲେ ଏତେ କଷ୍ଟ

ସବୁ ପୁଅ ଜନ୍ମ କରି ପୁଅକୁ ମଣିଷ କରିବା ବୃଥା । ଠେଙ୍ଗା ଠିକ୍ କରିଛି । ଯାହା ତା'ର ପୂର୍ବ ପୁରୁଷମାନେ କରି ଆସିଥିଲେ, ସେହିପରି ତ ।

ଖରା ଝାଇଁ ମାରିଦେଲା ବେଳେ ମହାରିମାଳ ବଣ ଭିତରେ, ଖୋଲ ସନ୍ଧିରେ, ଝରଣା କୂଳର ନିଗୁଣ୍ଠିଆ ଚଟାଣ ଉପରେ ଠେଙ୍ଗା-ଜାନି ଗୁମ୍ ହୋଇ ବସି ରହିଥାଏ, ଗୋରୁମାନେ ଚରିଆଡ଼େ ଚରୁଥାନ୍ତି । ଆଜି ତା'ର ବାହାଘର ଠିକଣା ହେବ, ଆଜି ତା'ର ଖୁସି ହେବାର କଥା, କିନ୍ତୁ ଖୁସି କାହିଁ ? ଶୀତଦିନିଆଁ ଖରା ଦେହରେ ବାଜେ ଟାଇଁଟାଇଁ, ତଥାପି ଛୁଇ ଜାଗା ଦେଖି ଆଉଜି ପଡ଼ିଲେ ଖାଲି-ନିଦୁଆ ନିଦୁଆ ଲାଗେ, ମୁଣ୍ଡ ଭିତରଟା ଘୋଳି-ହେଲା ପରି । ଆଜି ସକାଳୁ ତା'ର କାହାରି ସଙ୍ଗେ କଥାବାର୍ତ୍ତା ହେବାକୁ ମନ ହୋଇନାହିଁ । କିନ୍ତୁ ଏଡ଼େ ନିଗୁଣ୍ଠିଆରେ ବି ଶାନ୍ତି ନାହିଁ । ଆପଣା ଉପରେ ଚିଡ଼ୁଛି ଭାରି । ଠେଙ୍ଗାଜାନି ମିଛଟାରେ 'ହେଇ ହେଇ' ରଡ଼ି ଛାଡ଼ି ପାଞ୍ଚଣ ଉଞ୍ଚେଇ ଗୋରୁମାନଙ୍କୁ ଭିଡ଼୍‌ଭାଡ଼୍ ପିଟିଦେଇ ଆସେ, ସେମାନେ ପଥର ଉପରେ ପାଟ କୁଦ ଉପରେ ଟିକିଏ ଦଉଡ଼ିଯାଇ ଚରିଚରିକା ନିର୍ବୋଧ ଆଖିରେ ତା ଆଡ଼କୁ ଅନେଇ ରହନ୍ତି । ସେଥିରେ ବି ମନର କୋହ ମେଣ୍ଟେ ନାହିଁ । ସେ ଦୁର୍ବଳ, ବାପ-ମାଆଙ୍କ ବିରୁଦ୍ଧରେ ଯିବାକୁ ତା ପକ୍ଷରେ କଳ୍ପନା କରିବା ଅସମ୍ଭବ । ଅଥଚ ସମାଜର ଗତାନୁଗତିକ ବ୍ୟବସ୍ଥା, ଯାହା ତା'ର ବାପ ମା ତାରି ଭଲ ପାଇଁ କରି ଦେଇଛନ୍ତି, ସେଥିପ୍ରତି ତା'ର ପ୍ରାଣ ଭିତରର ଆକ୍ରୋଶ ।

ଅନେଇଁ ଅନେଇଁ ବହୁତ ବେଳ କଟିଲା । ଆଜି ଦୁନିଆଁର ହସର ଦିନ, ତାରି ଆଡ଼କୁ ଚିହିଁଚିହିଁ ମିଟିରେମିଟିରେ ଧୁଙ୍ଗିଆ ଧୂଆ ଛଡ଼ଛଡ଼ ଦାନ୍ତ ଦେଖେଇ 'ଦେଖେଇ ଦୁନିଆଁ ହସିରହିଛି,

ସେ ହସ ବୁଝେ ଖାଲି ସେ,—ଠେଙ୍ଗାଜାନି । ଆଉ ସମସ୍ତେ ସେ ହସର ଖାଲି ଉପାଦାନ ସାମଗ୍ରୀ ।

ଚଢ଼େଇ ଉଡ଼ିଯାଉଛନ୍ତି, ଗୋରୁ ସୁସ୍ଥରେ ତାଙ୍କର ମନଇଚ୍ଛା ଘାସ ଠୋକୁଛନ୍ତି, ଲଟା ଗଛ ତେଣେ ତା'ର ଫୁଲପସର ବୋହି ନେଇ ମାଡ଼ି ଚାଲିଯାଉଛି, ଖାଲି ମାଟିମେଦପର ପଡ଼ିରହିଛି ସେ —ଆଉ ତାକୁ ପୋଡ଼ିଜାଳି ତାହାର ଅସ୍ତିତ୍ୱ ଉପରେ ଲମ୍ବା ମଦ ଢାଳି, ଓପ୍ ମଦ ଢାଳି, ଭୋଜି ମଉଛବ କରି ବାହାଘର କରେଇ ନଉଛନ୍ତି ବାପା ମା, ଆଉ ଗାଁର ଯେତେ ଭାଇବନ୍ଧୁ ସମସ୍ତେ ।

ବେଳ ଗଡ଼ିଗଲା । ଠେଙ୍ଗାଜାନି ମାଦଳା ଆଖିରେ କାହାରିକି ନ ଚାହିଁ ଆମ୍ବଗଛରେ ଡିଗଦେଇ ବସି ରହିଥାଏ । ସରୁ ରାସ୍ତାରେ ଜଙ୍ଗଲ ଉହାଡ଼ରୁ ଜକଜକ ଜୁଡ଼ାଟିଏ କାହାର ଦିଶିଲା । ଏଠି ସମାପ୍ତିର ବନ୍ଧନ ନାହିଁ, ଠେଙ୍ଗାଜାନି ଚାହିଁକି ଉଠି ଅନେଇଲା । ଜୁଡ଼ା ତଳେତଳେ ମୁହଁ, ସନ୍ତୋଷ୍‌କୁମାରୀ । ଠେଙ୍ଗାଜାନି ତମକି ପଡ଼ି ପାଟିଟାଏ କରି ପାଖେଇଟି ଗଲା ।

—କିରେ ଏଠି ତୁ ? ଆଜି ତୋ ବାହାଘର ମାଁଗଣି, ଲୁଚି ଲୁଚି ତୁ ଏଠି ? ସନ୍ତୋଷ୍‌କୁମାରୀ ହସିଲା, ଠେଙ୍ଗାଜାନିର ଛାତି ଭିତରଟା ଚୂନା ହୋଇଗଲା । ସନ୍ତୋଷ୍‌କୁମାରୀ ହସିଲା,—ମଲା ହସ ଖାଲି କୌତୁକ । ଠେଙ୍ଗାଜାନିର ଆଖି ଛଳଛଳ ହୋଇ ଉଠିଲା, ସେ ମୁହଁ ପୋଛିଦେଲା । ଆହା, ପିଲାଟି କାନ୍ଦୁଛି କାହିଁକି, ମୁହଁ ଶୁଖି ଯାଇଛି, ବାପା ଖାଇବାକୁ ଦେଉନାହିଁ କିରେ ! ସନ୍ତୋଷ୍‌କୁମାରୀ ହସି ହସି ଠେଙ୍ଗାଜାନିର ମୁହଁଟି ଟେକିଧରିଲା । ତା ପରେ ଏ ତା ମୁହଁକୁ ସେ ଯା ମୁହଁକୁ ଅନେଇ ଏକାଥରକେ ଦୁଇଜଣ ଡାକ ଛାଡ଼ି ପକେଇଲେ । କୁଣ୍ଢାକୁଣ୍ଢି ହୋଇ କାନ୍ଦକାନ୍ଦିକା ଲଟା ଭଳିଭଳି ଗଳିଗଲେ ।

ଚୁରିଆଡ଼ ଶୁନ୍‌ଶାନ୍, ମଝିରେ ମଝିରେ ଗୋରୁମାନଙ୍କ ଖସ୍ ଖସ୍,—ବଣ । ନୁଆଁ ଣିଆ ଖରା, ଦୁହେଁ ଶାନ୍ତ ହେଲେ ଟିକିଏ । ଠେଙ୍ଗାଜାନର ଓଠରେ ସନ୍ତୋଷ୍‌କୁମାରୀର ଲୁଣିଆଁ ଲୁହ, ସନ୍ତୋଷ୍-କୁମାରୀର ଗାଲରେ ଠେଙ୍ଗାଜାନର ନାକର ପାଣି । ଠେଙ୍ଗାଜାନ ପ୍ରତିଜ୍ଞା କଲା, ସେ କଥା ହେବ ନାହିଁ କୁମାରୀ, ଯେ ଯାହା କହୁ ମୁଁ ତତେ ଛାଡ଼ିପାରିବ ନାହିଁ । ସନ୍ତୋଷ୍‌କୁମାରୀ କିଛି କହିଲା ନାହିଁ । ଠେଙ୍ଗାଜାନ କହିଗଲା ।—ହଁ, ଜାତିର ଲୋକେ ଖେଦି ଦେବେ ତ, ଆଉ କୋଉ ଗାଁକୁ ହେଲେ ଚୁଲିଯିବା, ଯୋଉଠି କେହି ନ ଦେଖିବେ, ନ ଜାଣିବେ, ନ ଚିହ୍ନିବେ । ସେଠି ତୁ ଆଉ ମୁଁ ରହିବା, କୋଉ ବ'ଣ ଭିତରେ । ଡାଙ୍ଗପଦରେ ବାଲିଶାଟିଏ କରିବା, ଚୁରିପାଖ ସଫା ହୋଇ ଟିକିଏ ଜାଗା, ପାଖରେ ପାଣି ଧାରଟିଏ ଥିବ, ସେଇଠି ରହିବା ତୁ ଆଉ ମୁଁ, କିଏ କ'ଣ କରିବ ଆମର ? ଚୁଲ୍, ଏବେ ଯିବା—

ତା'ର ଉତ୍ସାହକୁ ଏକା ଫୁଙ୍କାକେ ନିଭେଇଦେଇ ସନ୍ତୋଷ୍‌କୁମାରୀ କହିଲା—ବାପୁ ! ହେଲୁ କି ତୁ ? ଏ ପୃଥିବୀରେ ଏମିତି କୋଉ ଜାଗା ଅଛି, ଯୋଉ ଜାଗାରେ ଜାତି ଲୋକେ ଆମକୁ ଖୋଜିଖୋଜି ପାଇବେ ନାହିଁ । ଦିନେ ପାଇବେ ନାହିଁ, ଦି ଦିନେ ପାଇବେ ନାହିଁ, ସେମାନେ କ'ଣ ଛାଡ଼ିଦେବେ ? ଖୋଜୁଥିବେ । ଯଦି ଆମେ ଆଉ କୋଉ ତାଲୁକାକୁ ଯେମିତି ସେମିତି ଲୁଚି ଲୁଚି ପଳେଇ ଯାଇପାରିବା ନା, ଖାଲି ଡାଳପଦର ବାଲିଶା ଖଣ୍ଡେ କରିଦେଲେ କଣ୍ ଜୀଉଣି ଠିକଣା ହୋଇଯିବ ? ପଇସା କାହିଁ ? ଜମି କାହିଁ ? ଖାଦି କାହିଁ ? ଖଦ କାହିଁ ? ଲୋକେ ଜାଣିଦେଲେ କି ଲାଜ୍ କି ହର୍‌ବର୍—ନାଇଁ ନାଇଁ, ତୁଚ୍ଛାକୁ ଆମେ ବାପୁ ହେଉଛେଁ ସିନା, କିଛି ନାହିଁ—କିଛି ନାହିଁ ।

ସନ୍ତୋଷ୍‌କୁମାରୀ କାନ୍ଦି ପକେଇଲା । ଠେଙ୍ଗାଜାନି-କଠିନ ହେଲା । ସାହସ ବାନ୍ଧି କହିଲା, ଖାଲି କାନ୍ଦିଲେ ତ ହେବ ନାହିଁ କୁମାରୀ, କିଛି ଗୋଟାଏ କରିବାକୁ ହବ ତ ! ଯିବା, ଯିବା ଘର କୁମାରୀ, ଯୁଆଡ଼େ ହେଲେ । ପୁଣି ପିଲାଙ୍କପରି ପଚାରିଲା କୁଆଡ଼େ ଗଲେ ହବ କହ ତ ?

ସନ୍ତୋଷ୍‌କୁମାରୀ କହିଲା, ଗୋଟେ ଜାଗା ଅଛି । ଆସାମ୍‌ —ଚା’ କୁଲି ।

—ଆସାମ୍‌ ଯିବା କୁମାରୀ ? ଏତେ ବାଟ ?

—ଆଉ କୋଉଠିକି ଯିବା ?

—ଆପଣା ଦେଶ ଛାଡ଼ି ଏତେ ବାଟ ଆସିବୁ ତୁ ମୋ ସାଙ୍ଗେ ?

—କାହିଁକି ଆସିବି ନାହିଁ ? ତୁଇ ଏକା ନ ଆସିବୁ ସିନା । ଆସାମ୍‌ ଯିବା, ଆସାମ୍‌ ଉପୋରେ କହିବା ତୁଇ ମୁଇଁ ଭଉଣୀ ହୋଇଛୁଁ, ଗୋଟେ ପରଜା ଜାତି ଆମର, ମୁଇଁ ପରଜା ଧାଂଗ୍ଡ଼ୀ ଘର ଖଦି ପିନ୍ଧିନେବି । ଚାଲିଯିବା, ଦେଶ ଦେଖିବା, ପଇସା ଅର୍ଜିବା, ସେଠି ଯେତେଦିନ ମନ ଥିବ ରହିବା, ପଇସାପତ୍ର ହେଲେ ଲେଉଟି ଆସି କୋରାପୁଟରେ କି ଜୟପୁରରେ କି କୋଉ ସହରରେ ହେଲେ ଘରବାଡ଼ି କିଣି ରହିଯିବା; କେତେଦିନ ହୋଇଯାଇଥିବ, କିଏ କଣ କରିପାରିବ ଆମର; ସେଇ ଗୋଟିଏ ଉପାୟ ଛଡ଼ା ଆଉ କିଛି ନାହିଁ ।

—ଯିବା, ଯିବା ଆସାମ୍‌ କୁମାରୀ ? ହଉ ଯିବା······କେବେ ଯିବା ତା ହେଲେ ?

କାଲି ରାତି ନ ପାହୁଣୁ ଉଠି ପଳେଇଯିବା । ତୁ ବାହାରି ଆସିବୁ ଧାଂଡ଼ା ବସାରୁ, ବାଟ ପାଖରେ ମୁଁ ବସିଥିବି ତ, ଦୁହେଁ ଏକାଠି ଚାଲିଯିବା ।

ନୂଆ ଉତ୍ତେଜନାରେ ଠେଙ୍ଗାଜାନକୁ ସବୁ ଉଜ୍ଜ୍ୱଳ ଦିଶୁଥିଲା। କହିଲା,—ହଉ ।

—୧୦—

ସେଦିନ ସଞ୍ଜରେ କନ୍ୟା ମାଗିବା ଠିକଣା କରି ଗ୍ରାମ ନାଇକ ଫେରି ଆସିଲା, ପାଞ୍ଚ ହାଣ୍ଡି ଲନ୍ଦା ମଦ ଓ ପାଞ୍ଚ ବୋତଲ ମଦରେ ସମୁଦି ସାଙ୍ଗରେ କଥା ଠିକଣା ହେଲା । ପାଞ୍ଚ ପଞ୍ଚାଏତଙ୍କ ଆଗରେ ସାରିଆଦାନ୍‌କୁ ଜାନି ପଚାରିଲା,—ଆଲୋ ଝିଅ, ଏ ଜାଗାର ନାଇକ ତା'ର ପୁଅ ଠେଙ୍ଗାଜାନ ପାଇଁ ତତେ ମାଗୁଣି କରିବାକୁ ଆସିଚି । ଆମେ ପରଜା ଜାତି, ଆମର ମନଟା ଯୁଗେ ଯୁଗେ କାହାର ଗୋଟି ହେଇନାହିଁ ନୁହେଁ । ତୋର ଇଚ୍ଛା ହେଲେ ତୁ ଯିବୁ, ନ ହେଲେ ନାହିଁ କରିଦେବୁ । ଏବେ ହାତକୁ ହାତ ତା'ର ମଦ ଲନ୍ଦା ସବୁ ଫେରାଇ ଦେବା । ତୋର ମନର କଥା ତୁ କହି ଦେ, ଠେଙ୍ଗାଜାନ ଗାଁର ପିଲା ତ, ତୋର କଣ୍ଟୁ ଅଚିହ୍ନା ନୁହେଁ ।

ମୁହଁକୁ ତଳକୁ ପୋତି ଓଠର ଭଙ୍ଗରେ ମନର ହସ ଚାପି ସାରିଆଦାନ୍ କହିଲା—ମୋର ମନରେ କାହାରି କଥା ନାହିଁ, ମୋର ବାପ-ମାଙ୍କର ଯେପରି ଇଚ୍ଛା ସେପରି ଇଚ୍ଛା ମୋର ।

ଚାରିଆଡ଼ୁ ପାଞ୍ଚ ପଞ୍ଚାଏତଙ୍କ ମୁହଁରୁ ଆନନ୍ଦର କଳରବ ଉଠିଲା, ଆହା ହା କେଡ଼େ ସୁଧାର ପିଲା ରେ, କେଡ଼େ ସୁଧାର ପିଲା ରେ । ସାରିଆଦାନ୍‌କୁ ସମସ୍ତେ ମିଶି ଗେଲ କଲେ, କିଏ ପିଠି ଆଉଁଷି ଦେଲା, କିଏ ଚିବୁକଟି ଟେକି ଧରିଲା । ଗ୍ରାମ ନାଇକ କୁଣ୍ଢେଇ ଧରି ବାରମ୍ବାର ଗେଲକରି କହିଲା—ସୁନା ପ୍ରତିମା ମା'ଟି ମୋର, ତତେ ଫୁଲପରି ସାଇତି ରଖିବି, ତୋର ଘର ତୋର ହାତ;

ବୁଢ଼ାଲୋକ ବୋଲି ଭୁଲି ଯିବୁ ନାହିଁ ମା, ଦେଳକାଳ ବୁଢ଼ା ବୁଢ଼ୀକୁ ପେଜ ମନ୍ଦେମନ୍ଦେ ଦେଉଥିବୁ ।

ଅତି ଆନନ୍ଦରେ ହୋ ହା କରି ରାମ ନାଇକ ତାର ବନ୍ଧୁ-ମାନଙ୍କୁ ନେଇ ଘରକୁ ବାହୁଡ଼ିଲା । ଆଜି ତା'ର ଫୁର୍ତ୍ତି ଦରକାର । ଜୀବନର ଚରମ ସାର୍ଥକତା ସେ ପାଇଛି । ପୁଅ ଜନ୍ମ କରିଥିଲା, ଆଜି ପୁଅ ପାଇଁ ହାତକୁ ଦିହାତ ଠିକ୍ କରିଦେଇଛି । ତା'ର କାମ ଶେଷ । ସେ ମଞ୍ଜି ପୋତିଥିଲା, ଗଛରେ ଫୁଲ ଫୁଟିଛି ।

କାମ ଶେଷ ହେଲା କି ସତରେ ? ପରଜାର କାମ ଶେଷ ହୁଏ ନାହିଁ, ସେ ଅମର—ଠିକ୍ ଏଇ ଧରଣୀ ପରି, ସେ ଚିର ନୂତନ, ଚିର ସ୍ୱାଧୀନ । ବାଟରେ ଆସୁଆସୁ ମଦହାଣ୍ଡି ଟେକି ରାମ ନାଇକ ଶୋଷି ଶୋଷି ପିଇଲା, ତା'ର ବନ୍ଧୁମାନେ ପିଇଲେ, ଅଧବାଟରେ ହେଲାବେଳକୁ ସେ ମାତାଲ୍ । ପାଟି କରିକରି କହି ଲାଗିଥାଏ ଆରେ ଆଜି ନାଚରେ ସମସ୍ତେ । ରେ ଧାଂଗ୍ଡ଼ାମାନେ, ଧାଂଗ୍ଡ଼ୀମାନଙ୍କୁ ଏକାଠି କର, ବେଗି ଫକ୍ । ଆରେ ମହୁରିଆ, ତୋ'ର ମହୁରି ଆଣରେ, ଡାପୁ ପିଟ୍, ମହୁରି ଫୁକ୍, ନାଚ୍-ନାଚ୍-ଗାଅ । ଗହଳି ବଢ଼ିଲା, ଲୋକେ ରୁଣ୍ଡ ହେଲେ, ଗୋଷ୍ଠୀର ଜଣକର ଆନନ୍ଦରେ ଗୋଷ୍ଠୀର ସମସ୍ତେ ଖୁସିରେ ଭୋଳ ହେଲେ । ଧାଂଗ୍ଡ଼ାବସା ଠାରୁ ଡୁଂଗୁଡୁଂଗା ଟୁଂ ଟାଂ ହେଲା । ଧାଂଗ୍ଡ଼ୀମାନେ ତରତର ହୋଇ ସଞ୍ଜର ପେଜ ଗିଳି ପକେଇଲେ, ଶୀଘ୍ର ତାଙ୍କୁ ପ୍ରସ୍ତୁତ ହେବାକୁ ପଡ଼ିବ ନାଚପାଇଁ ।

ସେଇ ସଞ୍ଜରେ, ଟଗୀରୁଗୋଠ ଧରି ଠେଙ୍ଗାଜାନି ଲେଉଟି ଆସିଲା । ତା'ର ସେବା ପାଇଁ ମା ଅତି ତତ୍ପର ହୋଇ ଉଠିଲା । ଆଜି ଅତି ପୁରୁଣା ମାଣ୍ଡିଆ ପେଜ ସାଙ୍ଗରେ ଶିମ୍ବ ତରକାରି ଟିକିଏ ହୋଇଛି, ଘରେ ଲନ୍ଦା ମଦ ଅଛି ।—ଖା'ରେ ବାପା ଖା, ଆଜି

ଏତେ ଲାଜକର ଲୁଚାଲୁଚି ଖଗଯାକ ଯେ କୋଉଠି ରହିଲୁରେ ପୁଅ, ପିଠି ପେଟ ନାଗି ଯାଉଛି, ମୁହଁରେ ପାଣି ନାହିଁ ।

ନାଚ ଲଗିଲା । ଠେଙ୍ଗାଜାନ ଧାଂଡ଼ାବସା ଘରେ ଶୋଇ ରହିଲା ସକାଳ ପାଇଁ ପ୍ରସ୍ତୁତ ହୋଇ । ତା'ର ଲୁଗାପଟା ଦି'ଖଣ୍ଡ ସେ ମୁଣ୍ଡତଳେ ମୁଚୁଳାକରି ରଖିଛି, ଆଉ ଦୁଇଟି ଟଙ୍କା; ଅଳପ କିଛି ମାଣ୍ଡିଆ ପେଜ, ତାର ଡୁଙ୍ଗୁଡୁଙ୍ଗା ଖଣ୍ଡିକ ।

ରାତିର ଏତେ ନାଟ ମଉଛବ; ସବୁ ଖାଲି ତା'ର ଲହାର ବେଡ଼ି ବନ୍ଧନ । ବାପର ସ୍ନେହ, ମା'ର ଲୁହ—ସବୁ ଖାଲି ବନ୍ଧନ, ବନ୍ଧନ । ଆଜିର ଏ ଗୋଟାଏ ରାତି ଆଉ ବଡ଼ ଜାଲ ତଳେ ପୋତିହୋଇ ପଡ଼ିଥିବା ବଣ ଚଢ଼େଇ ପରି ସେ—କାଲି ସକାଳୁ ଜାଲ ଉଠି ଯାଇଥିବ; କାଲି ସକାଳୁ ସେ ମୁକ୍ତ ।

ରାତିଯାକ ନିଦ ନାହିଁ, ଗୋଟାଏ ନିଶା, ଗୋଟାଏ ମୋହ, ତାହାରି ଭିତରେ ସେ ଉଡେଇ ଚୁବେଇ ହଉଚି । ଭାବି ଲାଗିଛି ସନ୍ତୋଷକୁମାରୀର ଚେହେରାକୁ ବେଲ୍ଟବେଲ ଅପରୂପ ବେଶରେ । ତା'ର ଦେହର ପ୍ରତ୍ୟେକ ଅଂଶ ଠିକଠିକ ହୋଇ ଆସି ତା'ର ଆଖିକୁ ଟାଣିଧରେ, ତା'ର ଆଖି, ତା'ର ହାତ, ତା'ର ଗୋଡ଼ । ରକ୍ତମାଂସର ସେଇ ଗୋଟାଏ ଗୋଟାଏ ଖଣ୍ଡବିଖଣ୍ଡ ଅଂଶ କ୍ରମେ ଚିନ କାଟିଦିଏ ଗୋଟା ମଣିଷଟାର ଗୋଟାଏ ଗୋଟାଏ ଠାଣିକୁ; ତା'ର ହସ, ତା'ର କେଶବାସର ଟିଉ, ତା'ର ଦେହର ଭଙ୍ଗୀ । ସେଇ ଗୋଟାଏ ଗୋଟାଏ ଛବି ହିଗ୍‌ବଲୟର ଏପାଖ ସେପାଖ ବଡ଼ ଜହ୍ନତଳେ ଉଜ୍ଜ୍ୱଳ କୁହୁଡ଼ି ପରି ଧୁଇ ହୋଇଯାଏ, ଠେଙ୍ଗାଜାନ ତହିଁରେ ଶାନ୍ତି ପାଏ, ଛବି ପାଏ, ମୁକ୍ତି ପାଏ, ତା'ର ସମସ୍ତ ସ୍ଥୂଳ ଦେହ ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇ ଫାଟିପଡ଼େ ଖାଲି ଗୋଟାଏ ଉଚ୍ଛ୍ୱାସରେ । ସେ କେବଳ ଗୁମ୍ଫା-ପଥ ପରି ଗୋଟାଏ ଉଜ୍ଜ୍ୱଳ କଳା-

ବିଶିଷ୍ଟ ଆକୃତି, ଆଉ ତା'ର ପ୍ରତ୍ୟେକ କଣିକା କେବଳ ଆଶା ଆଉ ଉଦ୍‌ବେଗ, ଆନନ୍ଦ ଆଉ ସନ୍ତାପରେ ସଂକୁଚିତ ପ୍ରସାରିତ ଆକାର ଅନୁଭୂତି, ସାରା ଅନ୍ତରର ପ୍ରବଣତା ଅନ୍ଧାର ଭିତରେ ଚିପ ଉପରର କେଉଁ ବିରାଟ ଅଗ୍ନି ଆଡ଼କୁ । ଯେଉଁ ଅଗ୍ନି କେତେ ଦୂରକୁ ଦୂରକୁ ଆକାଶ ଉପରକୁ ନାଲି ଧାସର ଜାଲ ବୁଣିଦେଇ ଶୁଖେଇ କୋଳେଇ ଟାଣିନିଏ, ଯାହାର ନା—ସନ୍ତୋଷ କୁମାଷ୍ଟ ।

ଠେଙ୍ଗାଜାନର ମନରେ ପଶିଗଲା ମୋହ, ଚିନ୍ତା ପାଇଁ ଶକ୍ତି ନଥିଲା । ସେଇ ମୋହରେ ବୁଢ଼ା କେତେବେଳକେ ତାକୁ ନିଦ ଝାଙ୍କିଥିଲା ।

କୁକୁଡ଼ା ଡାକର ଅବ୍ୟବହିତ ପୂର୍ବରୁ ଠେଙ୍ଗାଜାନ ଉଠି ପଡ଼ିଲା । ଲୁଗାପଟା ସଜାଡ଼ି, ଡୁଙ୍ଗୁଡୁଙ୍ଗାଟି କାନ୍ଧରେ ପକେଇ, ଠେଙ୍ଗାଟି ଧରି ସେ ପଦାକୁ ବାହାରି ପଡ଼ିଲା । କେହି ଉଠି ନ ଥାନ୍ତି । ଅନ୍ଧାର ହାଲୁକା ହୋଇଥାଏ । ଗାଁ କୁକୁରମାନେ ରାତିସାକ ଭୁକି ଭୁକି ଅଲ୍ପକେ ନିଦେଇ ପଡ଼ିଥାନ୍ତି । ଗୁହାଳ ଘରେ ଫଁ ଫଁ ନିଶ୍ୱାସ ।

ଠେଙ୍ଗାଜାନ ପଦାକୁ ବାହାରିଲା । ଧାଡ଼ିଧାଡ଼ିକା ଘର-ଗୁଡ଼ିକ, ସେମାନେ ବି ନିଦରେ ଶୋଇ ପଡ଼ିଛନ୍ତି । ଚିହ୍ନା ଘର, ଚିହ୍ନା ଦାଣ୍ଡ, ଚିହ୍ନାପରିଚିତ ଧୂଆଁ କୁହୁଡ଼ି, ଧୂଳି ଧୂଳିଆ ଗାଁଟି, ଯେଉଁ ଗାଁରେ ବଢ଼ି ସେ ମଣିଷ ହେଲା । ମୁହଁରେ କାକର ବାଜି କେଳେ କେଳେ ଚେତାଇ ଦଉଚି, ସେ ଗାଁରେ ଚାଲିଛି । ଗାଁ କହିଲେ କେତେ କଥା, କେତେ ମୁହୂର୍ତ୍ତରେ ଅଳସ ଚଞ୍ଚଳ ଅନୁଭୂତି, କିନ୍ତୁ ସ୍ୱପ୍ନରେ ଚାଲିଲା ପରି କେଉଁ ମୋହରେ ଆପେ ଅଣ୍ଡାଳିଅଣ୍ଡାଳି ହୋଇ ଆଗକୁ ଆଗକୁ ସେ ଚାଲିଛି— ଭାବିବାକୁ ଅବସର ନାହିଁ ।

ବାଟ ମଝିରେ . ଥରଥାର ଉଠିଆସି ସନ୍ତୋଷ୍‌କୁମାଙ୍କ ତା'ର କାନ୍ଧରେ ହାତ ଥୋଇଦେଇ ଚାଲିଲା, ପରଜା ଝିଅ ପରି ବେଶ ହୋଇଆସିଛି ସେ, ମୁଣ୍ଡରେ ଗୋଟିଏ ସାନ ପୁଟୁଳି, ଯେପରି କେଉଁ ହାଟକୁ ଯାଉଚ ।

କତିକୁ କତି ଲାଗି ପାଦକୁ ପାଦ ପକେଇ ତରତର ହୋଇ ସେମାନେ ଚାଲି ଲାଗିଲେ । ପରସ୍ପରର ସାନ୍ନିଧ୍ୟ ମନରେ ଜୋର ଦେଲା, ଚିନ୍ତା ନାହିଁ, ଡର ନାହିଁ, ନିର୍ଭୟ ବାଟ ଚାଲ ।

ଫିକା ଅନ୍ଧାର ଭିତରେ ଚିହ୍ନା ଜାଗାସବୁ ପଛକୁ ପଳେଇଲା, ନଈ ଗଲା, ଝୋଲା ଗଲା, ଡିପ ଗଲା, ମନରେ ଉଦ୍‌ବେଗ, ଚଞ୍ଚଳ କେମିତି ବାଟ କଟିଯିବ । ଗୋଟାଏ ଅଜଣା ଆଶଙ୍କା, ପଛେ ପଛେ ଯେପରି କିଏ ଗୋଡ଼େଇ ଆସୁଛି, ଚିହ୍ନା ପକେଇ ଦେବନାହିଁ ତ ? ଧରିପକେଇବ ନାହିଁ ତ ?

ପାହାନ୍ତ ପହରର କୁହୁଡ଼ିଆ ଫିକା ଅନ୍ଧାର ଭିତରେ ତରତର ହୋଇ ପହଁରିପହଁରି ପଳେଇବା । କ୍ରମେ ଅନ୍ଧାର ଫାଟି ଆସିଲା, ଦୂର ପାହାଡ଼ର ମଥାଡ଼ ଉପରେ ଏଠି ସେଠି ଗୋଟାଏ ଗୋଟାଏ ଯେଉଁ ତରା ଦିଶୁଥିଲା, ଡାଳପଡ଼ି ଲୁଚିଗଲା କେଉଁ କଣରେ । ଅନ୍ଧାର ସରିଲା, ମୁହଁ ସାମ୍ନାରେ କଟକରେ ଅସୁମାର ବଣ, ସନ୍ଧରେ ସନ୍ଧରେ ପାହାଚ ପାହାଚ ହୋଇ ଲମ୍ବିଯାଇଥିବା ବଡ଼ା ନଈ ଧାନ କ୍ଷେତ । ଆଲୁଅ ଫିଟୁଫିଟୁ କେତେ ଦୂରରେ ହେଲେଣି ସେମାନେ ।

ପହିଲ ଖରା ପଡ଼ିଆସିଲା । ଗୋଟାଏ ଉଚ୍ଚ ପର୍ବତ ଉପରେ ଘାଟିବାଟରେ ସେମାନେ । ହୃଦହରୁ ଗମ୍ ଗମ୍ ଝାଳ ଫିଟିଯାଉଛି, ମଥାଡ଼ ଉପରେ ଗୋଟିକିଆ ଗଛ ମୂଳରେ ଖଣ୍ଡେ ପଥର ଉପରେ ସେମାନେ ବସି ପଡ଼ିଲେ । ପଛରେ କେହି ଧାଇଁ ନାହିଁ, ଆଶଙ୍କା

ସରିଛି, ତାହା ସାଙ୍ଗେ ହାଙ୍ଗେ ସରିଯାଇଛି ଅପନ୍ତରା ବାଟରେ ଘରୁ ପଳେଇଯିବାର ଅନ୍ଧ ନିଶା ।

ଏଇ ଦେଖ୍ କୁମାରୀ, ସେଇ ଢିପ ଉପରେ ଦାନ୍ଦ-ବୁଢ଼ା ଏଠୁଁ ବୋଲି ଦିଶୁଛି । ଫାଳେ କୁହୁଡ଼ି ଉଠିଯାଇଥାଏ, ପରିଷ୍କାର ଆକାଶ, ଗୁଣିଆଡ଼ ଫରଚ୍ଛ । ତାହାର ତଳେତଳେ ଉଭେଇ ଯାଉଥିବା ଫିକା ନାଲି ଆଲୁଅକୁ ମୁହଁ ପାଖେ ରଖି ପହିଲି ଖରାରେ ଜଳଜଳ ସବୁଙ୍କୁ ସତ ଦାନ୍ଦ-ବୁଢ଼ା ଦିଶୁଥାଏ । ଏତେବେଳେ ସେମାନେ ବୁଝିଲେ ସତେ ସେମାନେ ଗାଁ ଛାଡ଼ି ଚାଲିଯାଉଛନ୍ତି । ଦାନ୍ଦ-ବୁଢ଼ାର କୁଦତଳେ ଗାରଗାର ଆବୁଡ଼ା ଖାବୁଡ଼ା ହୋଇ ଯେଉଁ ବହଳ ନେଳି ଧାର ବଙ୍କେଇ ବଙ୍କେଇ ତଳକୁ ଖସି ଅଦୃଶ୍ୟ ହୋଇଛି, ସେଇ ତ ସତେ ଗାଁ । ସେଇଠି ତାଙ୍କ ବାପ ମା, ବନ୍ଧୁ କୁଟୁମ୍ବ । କି ଅପରାଧ କରିଥିଲେ ସେମାନେ କାହାର ? ଖାଲି ଗେହ୍ଲା ଆଦର ସ୍ନେହ ସୁଆଗ ଛଡ଼ା ଆଉ କ'ଣ ? ସେଇ ତାଙ୍କର ପିତୃ-ପୁରୁଷ ଅମଳର ଗାଁ; ଯେଉଁଠି ଗାଁ ମଝି ଦାଣ୍ଡରେ ସାଇତା ହୋଇ ରହିଛି ଯୁଗ ଯୁଗର ସ୍ମୃତି । ବରଗଛ ଗୁଳି ତଳେ ଗୋଟା ପଥର, ଆଉ ଚଟାପଥର । ଠେଙ୍ଗାଜାନର ଆଖିଆଗରେ ଭାସିଗଲା ତା'ର ବୁଢ଼ା ବାପ ମା'ଙ୍କ ଛବି, ବାପା କ'ଣ କରୁଥିବ ?. ମା କ'ଣ ହେଉଥିବ ? ଜାଣିବେଣି କି ସବୁ ! ଆଉ ନସିହ ଟୋକାଟି ସାରିଆଡାନ୍ । କୁଳର ବୋହୂ ବୋଲି ଯାହାକୁ ବାପ ମା ବରଣ କଲେ କାଲି । ଆଉ ସେ ଅଧା ତୋଳା ଘରଟି । କେତେଇ କେତେଇ ତା'ର ସୁଖପାଇଁ ଯାହାକୁ ତା'ର ବାପା ଗଢ଼ୁଛି । ପୁଅ ବଡ଼ ହେବ ଆଉ ରହିବ ।

ପାଖରେ ତା'ର ସନ୍ତୋଷ୍ କୁମାରୀ । ଆଗେ ସେପାଖେ ଖାଲି ବଣ ଜଙ୍ଗଲ, ଅପନ୍ତରା, ଯେଉଁଠି ରାସ୍ତା ନାହିଁ, ପରିଚ ନାହିଁ, ସାହା ଭରସାର ନାଁ ନାହିଁ । ନବଗ୍ରସୂତା—ଅଜଣା ଜୀବନ !

ଆଉ ଯାହାକୁ ସେ ଛାଡ଼ି ଆସିଲା ପଛରେ ସେଇ ନିର୍ଭରମୟ ଆଶ୍ୱସ୍ତି, ସେଇ ସ୍ନେହର ଆବରଣ— ଜନ୍ମ ଦିନରୁ ଜରଆଦିନ ଯାକେ ଏଯାକେ—ବାପ ମା ବନ୍ଧୁ ବାନ୍ଧବ ।

ସୂର୍ଯ୍ୟ ଆହୁରି ଗୃଖଣ୍ଡେ ଉପରକୁ ଚଢ଼ିଗଲା । ଦୂରରେ ମୁସନ୍ ନଈର ପାଣିରେ ଢେଉ ଜକଜକ କଲା । ପାଶୋଗ୍ରା ଗାଁର ସ୍ନେହର ପରଶ ନେଇ ଅତୀତର ଉଜ୍ଜ୍ୱଳ ସ୍ମୃତିଗୁଡ଼ିକ ଆଗେଇ ଦେଇ ବିକଳ ହୋଇ ଯେପରି ସେ ଧାଇଁଛି । ଠେଙ୍ଗାଜାନ ଥକ୍କା ହୋଇ ବସି ଦାଦ-ବୁଢ଼ା ଆଡ଼େ ଚାହିଁଥାଏ—ସନ୍ତୋଷକୁମାରୀ ତା'ର ପାଖରେ । ସନ୍ତୋଷକୁମାରୀର ଅସ୍ତିତ୍ୱ ସେ ପାସୋରି ପକେଇଥାଏ, କପାଳର ଝାଳ, କାଖତଳର ଝାଳ ମରିଗଲେ ବି ଠେଙ୍ଗାଜାନର ଆଖିର ଝାଳ ନିଗିଡ଼ି ଲାଗିଥାଏ, ଆଖିର ମୁହଁରେ ଖରା ଧାସ ଲାଗି ଯେତେବେଳେ ସେ ଅନ୍ଧ ପରି ହେଲା, ତା'ର ଚେତନା ଆସିଲା ସନ୍ତୋଷକୁମାରୀର ଝାଙ୍କରେ । ଉଠ୍, ଏତେ ଚଞ୍ଚଳ ଥକିଗଲୁ, ବସିଗଲେ ବେଳ ହେବ । ପୁଣି କିଏ ଖୋଜି ଆସୁଆସୁ ପହଞ୍ଚିଗଲେ ସେତେବେଳେ ? ସନ୍ତୋଷକୁମାରୀର ମୁହଁ ମଧ ଗମ୍ଭୀର ହୋଇ-ଯାଇଥାଏ, ଏଇ ସକାଳବେଳେ ସେ ତା'ର ପୋଷା ଘୁଷୁରିକୁ ଖୁଆଇ ଥାଆନ୍ତା । ବାପ ମା ଆଉ ଏ ଠେଙ୍ଗାଜାନ—କେତେ ତା'ଠି ନିର୍ଭର କରିପାରେ ସେ । କିନ୍ତୁ ସେ ସ୍ତ୍ରୀ, ପୁରୁଷ ନୁହେଁ । ଆରେ କି ସୁନ୍ଦର ଫୁଲ ପେନ୍ଥାଏ ଫୁଟିଛି ଏଠି ! ସେ ଦଉଡ଼ିଯାଇ ଫୁଲ ପେନ୍ଥାଟି ଆଣି ଖୋସାରେ ଖଞ୍ଜିଦେଲା, ଠେଙ୍ଗାଜାନର ହାତକୁ ଆପଣା ହାତରେ ଛନ୍ଦିଦେଇ ଉପରକୁ ଓଟାରିଦେଇ କହିଲା, ଉଠ୍ ଉଠ୍ ଥକିଗଲେ ହେବ କି, ଆଜି ଯେମିତି ହେଲେ କୋରା-ପୁଟ୍ ପହଞ୍ଚିବାକୁ ହେବ । ଠେଙ୍ଗାଜାନ ଦୀର୍ଘଶ୍ୱାସ ପକେଇ ଉଠି-

ଝଣ୍ଡିଲା । ଏଣିକ ପର୍ବତର ଆରପଟ, ଖାଲ ଗଡ଼ାଣି ଆଉ ଲୁଲ୍ଲା ଗାଁର ଆକାଶ ସୁଦ୍ଧା ଦିଶିବ ନାହିଁ ଏଣିକ ।

ଉଠାଣିର ସବା ମୁଣ୍ଡଉପରେ ସେମାନେ ଠିଆ ହେଲେ । ଠେଙ୍ଗାଜାନ ସଳଖ ଦୀର୍ଘ ଦେହ,କାନ୍ଧରେ ଡ଼ୁଂଗ୍ଡ଼ୁଂଗା ଆଉ ସାନ କାଉଡ଼ି ଭାରଟିଏ, ଆର ହାତରେ ବିଶାଳ ଠେଙ୍ଗା, ତା'ର ପାଖକୁ ପାଖ ଲାଗି ସନ୍ତୋଷ୍‌କୁମାରୀ, ଗୋଟାଏ ହାତ ଠେଙ୍ଗାଜାନର ବାହା ଭିତରେ, ମୁଣ୍ଡ ଉପରେ ଟ୍ରେଙ୍କ ପୁଟୁଳାଟିଏ ।

ଦାଢ଼ବୁଢ଼ାକୁ ମନେମନେ ସେମାନେ ନମସ୍କାର କଲେ । ଅଜଣା ବାଟକୁ ମୁହଁକରି ଅକୂଳର ପଥୁକା ଯୋଡ଼ିକ ଢାଲୁଏ ଢାଲୁଏ ଗଡ଼ପଡ଼ିଲେ ତଳକୁ, ସକାଳର ପ୍ରଜ୍ବଳ ଝଲକରେ ।

୦/୬୨

କନ୍ୟା ମାଂଗଣି କରିଥିବା ସଞ୍ଜରେ ଗୁମ ନାଇକ ଦାଢ଼-ବୁଢ଼ାକୁ ଭୁଲି ନ ଥିଲା । ତେଣୁ ଟକାଳୁ ଦାଢ଼-ବୁଢ଼ା ସାମ୍ନାରେ ପଡ଼ି ରହିଥିଲା ଭଙ୍ଗା ଟେଲୁଆ ଖଣ୍ଡେ, ସେଥିରେ ବାସି ଭାତ, ଭୂଇଁରେ ଠାଏ ଉଦା, ସେଠି ମଦ ଢଳା ହୋଇଥିଲା । ଠାଏ ଥୋଡ଼ାଏ ଫୁଲ, କାକର ଖାଇ ସେ ସଜ ଅଛି । ଆଉ ପାଖରେ ଗୁଡ଼ାଏ କୁକୁଡ଼ା ରୁମ ଆଉ ପର । ସେତିକି ଦେଇ ଗୁମ ନାଇକ ମନଖୋଲରେ ଠାକୁରଙ୍କୁ ଧନ୍ୟବାଦ ଜଣେଇ ଥିଲା । ମାନସିକ କରିଥିଲା, ସବୁ ଶୁଭ ହେଉ, ସବୁ ମଙ୍ଗଳ ହେଉ, ଆକାଶରୁ ମହୁ ବରଷୁ । ସକାଳୁ ଦାଢ଼-ବୁଢ଼ା ମୁହଁ ପାଖେ ମାଛି ବସିଥିଲେ, ମୁଣ୍ଡ ଉପରେ କାଉ ବସିଥିଲା, ଦାଢ଼ବୁଢ଼ା ରହିଁ ରହିଥିଲା ଭଲ ପିଲାଟିଏ ପରି ।

ଗାଁ ଜଗୁଆଳ, ଗୋଷ୍ଠୀ ଜଗୁଆଳ, ଠାକୁର ସେ । ସମଷ୍ଟିଙ୍କ ହାନିଲାଭ ପାଇଁ ପରା ଦାୟୀ । ତେଣୁ ଏତେ ମାନ୍ୟ ଏତେ ଡର ତାକୁ, ତାହାର ପାଖରେ ଏତେ ଉତ୍ସବ ଆଉ ବାଇଦ ବାଜଣା । ନିତି ସକାଳବେଳେ କିଏ ଦାନ୍ତକାଠି ଚୋବେଇ ଚୋବେଇ, କିଏ ଗରା ମାଠିଆ ଧରି ଏଇ ମୁଣ୍ଡିଆ ତଳେ ସ୍ତ୍ରୀ ପୁରୁଷ ମୁରବିନଙ୍କୁ ଗଡ଼ ଯାଆନ୍ତି । କାହାର କେତେ ସୁଖ. ଦୁଃଖ । ଯାହାର ପୁଅ ରୋଗରେ ପଡ଼ିଥିଲା, ପରେ ଭଲ ହୋଇଗଲା; ଯାହାର ଗାଈ ହଜିଥିଲା, ଖୋଜିବାରୁ ମିଳିଗଲା; ଯାହାର ପାଚିଲା, ଯାହାର ଫଳିଲା ସମଷ୍ଟିଙ୍କ ଦ୍ୱାରା ଅଭିଷିକ୍ତ ସେ—ଅନାଦି କାଳର ଦେବତା ଦାଦି-ବୁଢ଼ା, ସେଇମାନେ ତା'ର ମହିମା ଗାଇବେ । ପୁଣି ଏଇ ଦଳରେ ଯାଆନ୍ତି ସେଇମାନେ, ଯାହାର ପୁଅ ଏନୁଡ଼ି ଜରେ ମଲା, ଯାହାର ଗାଈ ଗୁହାଳରୁ ଚୋରିଗଲା, ଯାହାର ଧାନକ୍ଷେତ ବଢ଼ି ପାଣିରେ ଖାଇ ହୋଇଗଲା; ଏମାନେ ମଧ୍ୟ ଉପାଧିଆ ପଡ଼ିଥିଲେ । ଠାକୁର ଶୁଣିନାହିଁ—ଏତେବଡ଼ କଥା କହିଦେବାକୁ କାହାର ମୁଣ୍ଡ ନାହିଁ । ଆହୁରି ଦିନକାଳ ଅଛି । ଏକାଦିନକେ ସବୁ ପିଲା ମରିବା, ସବୁ ଗାଈ ହଜିବା ଶେଷ ନୁହେଁ । ତେଣୁ ଏ ହତଭାଗ୍ୟମାନେ ଆପଣାର ଫଟା କପାଳକୁ ଦୋଷ ଦିଅନ୍ତି । ଦାଦି-ବୁଢ଼ା ଉପରେ ଅଭିମାନ କରିକରି ତାହା ଉପରେ ନିଜର ବିଶ୍ୱାସ ବଢ଼ାଇନିଅନ୍ତି । ଆହୁରି ଲାଞ୍ଚ ଦେଇ ଆହୁରି ନେହୁରି ହୋଇ ଭବିଷ୍ୟତ ପାଇଁ ସୁବିଧା କରିନେବାକୁ ଲାଗିପଡ଼ନ୍ତି । କାରଣ ଏମାନେ ମଣିଷ । ମଣିଷ ଆସନ୍ତା କାଲିପାଇଁ, ଆସନ୍ତା ପରକାଳପାଇଁ ଅଣ୍ଟାଭିଡ଼ି ଖଟୁଥାଏ, ହେଉ ପଛେ ଆସନ୍ତା କାଲିଟା ଗତ କାଲି । ଆଉ ଦାଦି-ବୁଢ଼ା ଠାକୁର, ସବୁ ଉପଦ୍ରବକୁ ଏକାଠି କରି ଗଣ୍ଠିରି ବାନ୍ଧିବା ତା'ର ଧର୍ମ, ତା'ର ସବୁ ନଗଦ ।

ତେଣୁ ହୁଙ୍କା କୁଡ଼ା ବଡ଼େ । ମୁଣ୍ଡବଥା ପାଇଁ, ଜର ପାଇଁ, ପିଲ ହେବା ପାଇଁ, ଯେତେ ତା'ର ଅଭୁକ୍ତ ନେଇଗଲେ ସୁଦ୍ଧା କୁଆଡ଼ୁ କୁଆଡ଼ୁ ଖର୍ଚ୍ଚ ଉପରେ ସେ ପୁଣି କ୍ଷତିପୂରଣ ଉଠେଇନିଏ ।

—୧୨—

ସାରଆଦାନ୍ ଭାରି ଚଞ୍ଚଳ ଉଠିଥିଲା, ରାତିଯାକ ସ୍ୱପ୍ନ ଉପରେ ସ୍ୱପ୍ନ । ସକାଳୁ କେମିତି ତା'ର ମନେ ହେଲା, ଠେଙ୍ଗାଜାନକୁ ଦେଖିବାକୁ ତା'ର ମନ ଡାକୁଛି, ଦେଖା ଆପେ ହେବ । ହୁଏତ ନଈପାଣିକୁ ଆଜ ସେ ଗଡ଼ଗଲେ ନଈକୂଳରେ ଅତଡ଼ା ଉପରେ ଠେଙ୍ଗାଜାନ ଠିଆହୋଇ ଦେଖୁଥିବ । ସେ ଦେଖୁ ଆପତ୍ତି ନାହିଁ, ଠେଙ୍ଗା ତା'ର ମାଲ ସେ ଠେଙ୍ଗାର ମାଲ । ତାକୁ ପଚରା ହୋଇଥିଲା ପୁଣି ହେ ଠେଙ୍ଗାଜାନକୁ ଗୃହେଁ କ ନାହିଁ । କେତେ ହସକଥାଟା—ସ୍ତ୍ରୀ ପୁଣି ଲୋକେ ପଚାରନ୍ତି ନା, ଛି ଛି ।

ନା, ପାଣିକୁ ଗଲାବେଳେ ଠେଙ୍ଗାଜାନ ସାଙ୍ଗେ ଦେଖା ହୋଇନାହିଁ, କେମିତି ବା ଦେଖା ହେବ, କାଲର ଏତେବଡ଼ ଘଟନାଟା ଭୁଲ ହୁଏନା ? ଠେଙ୍ଗାଜାନ ପୁରୁଷ ପିଲା, ମନ ଆନନ୍ଦରେ ମଦ ପିଇବାକୁ ତା'ର ଅଧିକାର ଅଛି । କାଲର ଏତେ ବଡ଼ ଘଟନା—ପିଇଥିଲେ କ'ଣ ହେଲା ଢୋଲ ଫଟେଇ ମଦ—ବେଶୀ ପିଇଲେ ତେଲିରେ ନଦଭାଙ୍ଗେ ପଗ ନା ?

ହଁ ସତେ ତ, ଠିକ୍ ଲଟିଏ ବେଳ ହେଲାବେଳକୁ ସାଆ କମ୍ପେଇ ଦେଇ ଥରେ ଡାକ ଡାକକା ଠେଙ୍ଗାବୋଉ ଏହି ବାଟେ ଯାଉଥିଲା, ପୁଣି ତା'ର ବାପା ରାମ ନାଇକ ମଧ୍ୟ ।

ଆରେ ଠେଙ୍ଗା, ଠେଙ୍ଗା ଠେଙ୍ଗା, ଅଛୁ କ ଘୁଲେ ?

ସାଟଆଦାନ୍ ବାଳଗୁଡ଼ାକ ମେଲେଇ ଦେଇ ବସି ଜଡ଼ାଟେଲ ଟିକଏ ଘଷି ହଉଥିଲା ମୁଣ୍ଡରେ । କେଡ଼େ ଲାଜ କଥା ସତେ, ଏଇ ବାଟେ ଖାଲି ଠେଙ୍ଗା-ଠେଙ୍ଗା । ଏମାନେ କ'ଣ ମନେମନେ ବୁଝୁଛନ୍ତି ତାଙ୍କ ପୁଅଟିକ ସାରଆଦାନ୍ କୋଉଠି ଲୁଚେଇ ରଖି ଗପାମାର ବସିପଡ଼ୁଛି । ଏଇ ବାଟେ ଗଲାବେଳେ ଖାଲି ବେଶୀ ବେଶୀ ହୁଉ, ଆରେ ଠେଙ୍ଗା—ଠେଙ୍ଗା ରେ— । ହସ ମାଡ଼ିଲା ଭାରି, ଠେଙ୍ଗାଜାନକୁ କେବେ ଲୁଚେଇ ହବ ନା ? ନନ୍ଦଗାଁ ହାଟରେ, ଡୁମାଗୁମା ହାଟରେ, ଏତେ କଥା କାହିଁକି ଏଡ଼େବଡ଼ ଡୁମୁରିପୁଟ୍ ହାଟରେ ସୁଦ୍ଧା ଠେଙ୍ଗାଜାନ ଯୋଉଠି ଥିଲେ ବାରି ହୋଇ ପଡ଼ିବ । ତାକୁ ଲୁଚେଇବ କିଏ ?

ଏଇ ଲୁଚେଇବା କଥା ମନେ ପଡ଼ିଗଲା । ରାତିର ସ୍ୱପ୍ନ ମନେ ପଡ଼ିଲା । ଦେହଟା ଅବଶ ଲାଗିଲା । ଆନନ୍ଦରେ ମନ ଭିତରେ କେତେ ସଲସଲ କୁତୁକୁତୁ ସହୁଛି, ପୁଣି ସେଇଆ । ସାଙ୍ଗେସାଙ୍ଗେ ଅହେତୁକୀ ରାଗ ବି ପଡ଼ିଲା ଠେଙ୍ଗାଜାନ ଉପରେ । ଓଃ ଦେଖ ଏତେ ବେଳ ହେଲାଣି, ସୁଙ୍ଗୁ ସୁଙ୍ଗୁ ହୋଇ ଖଣ୍ଡିକାସ ମାରମାରିକା! ଯାଇ-ଥିଲେ ଯେଉଁଏ ଏବାଟେ କ'ଣ ହୋଇ ଯାଇଥାନ୍ତା ? ଭଲ ଲୋକ ।

ପେଜ ଖାଉ ଖାଉ—ଦୂରରୁ କିଏ ଗୋଟାଏ କଟାଳ କଣ କର୍କଶ ଗଳାରେ ଡାକୁଛି—ହଁ ମେ ଡମ୍ସାହିରେ ଅଲେଇଢିଉଆ ତ, ଏଁ ।—ସକାଳୁ ନାହିଁ ସେ···ନା ଏମିତି ତ କୁଆଡ଼େ ଯାଏ ନାହିଁ···ପେଜ୍ ବେଳ ହେଲା, କୁଆଡ଼େ ଗଲା କୁମାରୀ— । ସନ୍ତୋଷ୍କୁମାରୀ, ତା'ର ଝିଅ । କୁଆଡ଼େ ବା ଯାଇଚି, ଗଲେ ଭାସିଗଲା କ'ଣ ? ଭାରି ଫୁଲେଇ ଟୋକାଟାଏ ସେ । ଖାଲି ଧାଂଙ୍ଗା-ମାନଙ୍କର ପିଚ୍ଛା ନେବ । ଏମିତି ମୁହଁ ଟାକୁ ଅନେଇଁ ବସି ରହେ ସେ

କ'ଣ ? ଆଜ ଧାଂଡ଼ା ଦେଖିଲେ ଆପଣା ଦେହ ମୁଣ୍ଡକୁ ଜାଣି ଜାଣି ନଘା ରଖେ ନାହିଁ ସେ । ଡମ୍‌ଲୋକର କଥା ତ । ଛି ।—

କେଜାଣି କାହିଁକି ଗୁଡ଼ଡନ୍ଟା ଦବିଗଲା ଟିକିଏ ତା'ର । ପେଜ ଅଧାଖିଆ କରି ସେ ଛାଡ଼ିଦେଲା । ଘର ଭିତରେ ବସିରହି ତା'ର ଲୁଗାପଟା ଗୁଡ଼ାକ ପେଡ଼ିରୁ ଖୋଲି ସଜଡ଼ା ସଜାଡ଼ି କଲା । ତାପରେ ପାଣି ମନ୍ଦାଏ ତେନ୍ତୁଳି ଟିକିଏ ଧରି ନଠେଇ ନଠେଇ ତା'ର ପିତ୍ତଳ ଅଳଙ୍କାରତକ ମାଜିବାକୁ ଲାଗିଲା । କାମର ନାଁ ସିନା, ହାତ ଆପେ ଆପେ ଅଳସେଇ ଯାଉଥାଏ, ମନ ଭିତରେ କେତେ ସାତ ପାଞ୍ଚ ।

ମୁଣ୍ଡେ ବେଳ 'ଗଡ଼ି ଆହୁରି ଲଠିଏ ବେଳ ବଢ଼ିଛି । ପ୍ରଥମେ ଫୁସୁରୁ ଫୁସୁରୁ ହୋଇ ତାପରେ ବଡ଼ ପାଟିରେ କଥା କହିକହି ତରତର ହୋଇ ସାହିଲୋକେ ଏକମୁହାଁ ହୋଇ ପଲପଲ ହୋଇ ଧାଇଁ ଗଲେ । ସାଙ୍ଗେ ସାଙ୍ଗେ କାନ୍ଦଣା ଶୁଭିଲା । ଏକା ମୁହଁରେ କାନ୍ଦଣା ଆଉ କଥା । କିଛି ବୁଝି ହେଉନାହିଁ । ହଁ ସେଇ ମୁଣ୍ଡରେ ତ ଠେଙ୍ଗାଜାନର ଘର । ଗାଁର ସେ ମୁଣ୍ଡରୁ ଡମ୍‌ସାହିରୁ ବି ସେହିପରି କାନ୍ଦଣା ଶୁଭିଲା । ଛାତି ଧଡ଼୍‌ଧଡ଼୍ ହେଉଥାଏ । ଏତିକି-ବେଳେ କଲିକଲିଆ ହୋଇ ଦଉଡ଼ିଅସି ସଙ୍ଗୀ ସାରିଆଫୁଲ କହି-ଦେଇ ଚାଲିଗଲା, ଶୁଣିଲୁଣି ଲୋ, ତୋ ବର ଠେଙ୍ଗାଜାନ ସେ ସାହିର ସନ୍ତୋଷ୍‌କୁମାରୀ ଡମୁଣୀକୁ ଉଦୁଲିଆ ନେଇ କୁଆଡ଼େ ପଳେଇ ଯାଇଚି ଯେ ତାଙ୍କ ଘରେ କାନ୍ଦଣା ଲାଗିଚି—ମୁଁ ଯାଉଚି—ତୁ ଯିବୁ କି ?

—ଏଁ—

ସାରିଆଦାନ୍‌ର ମୁହଁ କଳାକାଠ ପଡ଼ିଗଲା ।

ଘର କବାଟଟିକି ଦର୍‌ହ ଆଉଜା କରିଦେଇ କାଇଁକାଇଁ ହୋଇ ସେ କାନ୍ଦିଲା ।

## । ୨ ଧାଙ୍ଗି-ବୁଢ଼ା

ଦରଚୋଲା ଘର । ଅଗଣାରେ ଗୋଟାଏ ବଡ଼ କାଠ ଗଣ୍ଡି ଉପରେ ସେଇ ଘରର ଆଡ଼କୁ ଅନେଇଁ ଆଁ'ଟାଏ କରି କହାଡି ଅଳସୁଆଟା ପରି ରାମ ନାଇକ ରୋଜ ବସିଥାଏ । ଅଧା ତିଆରି ଘର, ଖାଲି କାନ୍ଥ ଗୁଡ଼ାକ ଉଠିଚି, ସେ ବି ପୂରା ହୋଇନାଇଁ । ଘର ଆଗରେ ଠାଏ ମାଟିକାଦୁଅ କୁଡ଼, ଆଉ କେତେ ଚେଲି ପାଟିଆ ବାଉଁଶ । ଅଳ୍ପ ଗୁଡ଼ ଗୋଟାଏ ସାନ ପାହାଡ଼ପରି ଫିରିଘାସ ଗଦା ମରିହୋଇ ରହିଚି । ତା'ର ଚାରିପାଖେ ବାଉଁଶ-ଜାଲିର ଘେରେଇ । ତା'ର ମନ ଇଚ୍ଛା ସେ ଘର ଚୋଳୁଥିଲା । ହନେ ଏହା ସମ୍ପୂର୍ଣ୍ଣ ହୋଇଥାନ୍ତା, ଘର ପ୍ରତିଷ୍ଠା ହୋଇଥାନ୍ତା, କାନ୍ଥ ଆଉ ତଳ କଳା ମାଟିରେ, ଧୋବ ମାଟିରେ, ରଙ୍ଗମାଟିରେ ପଟିପଟିକିଆ ହୋଇ ଲିପା ହୋଇଥାନ୍ତା ।

ଘର ହୋଇଥାନ୍ତା, ଚାଳଯାକ ମାଡ଼ିଥାନ୍ତା ଲାଉ, କୁମୁଡ଼ା, ଘର ପିଠିରେ ଶିମ, କଲରା ।

ଠେଙ୍ଗାଜାନର ସାରିଆଦାନ୍‌ର ଘର, ଘର ଚଟାଣର ଶୁଆଁ ଫେଷା ଗାତରେ ସାରିଆଦାନ୍ ମାଣ୍ଡିଆ ଫେଷୁଥାନ୍ତା, ଶୁଆଁ ଫେଷୁ-ଥାନ୍ତା । ଏଇ ଘରର ଚାଳରେ ଘରଚଟିଆ ବସା କରିଥାନ୍ତେ ଉଡ଼ି ବୁଲୁଥାନ୍ତେ ଫଡ଼ର ଫଡ଼ର । କବାଟରେ ଭଅଁର ଘରକରି କୁଆ ପାଳିଥାନ୍ତା । ଦୁଆରେ କାଉ କୁକୁର ।

ଆଉ ଏପାଖେ ସେପାଖେ ଦୋ'ଟି ତିନୋଟି ଅକଟ କୁଆ, ବାଳ ଫୁରୁ ଫୁରୁ, ପେଟଯାକ ଧୂଳି, ପାଟିରେ ନାଳ ଆଉ ନାକରେ ସିଙ୍ଘାଣି ଧାର । ସେମାନେ ଏଇ ଘରେ ମଣିଷ ହୋଇଥାନ୍ତେ, କେତେ ନୁଟୁ କୁଟୁ ଲଟ୍‌ଗେଇ ଥାଆନ୍ତେ । କିଏ ବାପର ମାଳି ଓଟାରୁ

ଥାନ୍ତା, କିଏ ମା'ର ପଣତ ଟାଣୁଥାନ୍ତା । ଅସନା ଅପୋଷ୍ଟୁ ଚଞ୍ଚଳ ଆଖି ଛନ ଛନ କାନ—ପାହାଡ଼ ଦେଶର ପିଲା ।

ସେମିତି ବସିବସି ରାମ ନାଇକ ଆଁ'ଟାଏ କରି ଅନେଇ ରହିଥାଏ । ତା'ର ଦୃଷ୍ଟିଟା କ୍ରମେ କ୍ରମେ ସାନ ହୋଇ ହୋଇ ଧୂଳି କୁଆଡ଼େ ମିଶିଯାଏ । ତା'ର ଆଁ ବୁଜେ ନାହିଁ । ବେଳେ ବେଳେ, ବାଘୁଣୀ ପରି ଧୂଳିଧୂଳିଆ ମୁକୁଳା ବାଳକରି ଦି' ହାତର ନଖରେ ଗାଲଗୁଡ଼ାକ ଆମ୍ପୁଡ଼ି ଆମ୍ପୁଡ଼ି ରକ୍ତ ପିଚି ପିଚି ଚିତ୍କାର କରି କାନ୍ଦି କାନ୍ଦି ଟେଙ୍ଗାର ମା ପଦାକୁ ଦୌଡ଼ିଆସେ । ରାମ ନାଇକର ସ୍ୱପ୍ନ ଭାଙ୍ଗେ । ପିଲାଙ୍କ ପରି କାନ୍ଦିକାନ୍ଦି ମୁଣ୍ଡକୁ ଝାଙ୍କି ଦେଇ ଦି'ଆଣ୍ଠୁ ଭିତରେ ମୁହଁଟାକୁ ମାଡ଼ି ଦେଇ ସେ ବସି ପଡ଼େ । ପିଠିର ଝାଙ୍କରେ ମୋଟା କାଠ ଗଣ୍ଡିଟା ଦୋହଲିଯାଏ । ମେଞ୍ଚାମାଞ୍ଚି ହୋଇ ଗୋଟାଏ ଗୋଡ଼ାପଥର ପରି ଦିଶେ ସେ । ତଣ୍ଟିରୁ ଶବ୍ଦ ବାହାରେ ନାହିଁ, ଖାଲି ଗୁଡ଼ାଏ ଆଉଁ—ଆଉଁ—ଆଉଁ, ଗୁଳି ଖାଇଥିବା ଘାଇ ସମ୍ଭୁଖିବା ଗୋଟାଏ ବଣ ଜନ୍ତୁର ବୋବାଳିପରି ।

ସାତ ଦିନ ବିତିଗଲାଣି ସବୁଦିନେ ଏହିପରି ସେ । ଗାଁ ଲୋକେ ବାଟେ ବାଟେ ଗଲାବେଳେ ସିଆଡ଼େ ସେ ଅନାଏଁ ନାହିଁ, ପିଲାଏ ଡରିଡରି ଦେଖି ଚାଲିଯାଆନ୍ତି । ବଡ଼ ରଇତମାନେ, ବାରିକ ଗୁଁ ଟେଟଣ ଡମ୍ ପାଖକୁ ଆସି ସହାନୁଭୂତି ଦେଖେଇ କେତେ ବୁଝେଇ କହନ୍ତି, ନାଇକ ! ନାଇକ ! ଯାହା କପାଳରେ ଲେଖାଥିଲା ତା' ତ ହେଲା, ଆଉ ଝୁରୁଚୁ କାହିଁକି ? କେତେ ଦିନ ଏମିତି ଉପାସ ଭୋକରେ ପଡ଼ିଥିବୁଟି ଆହା—ଉଠ—ଉଠ—ଖିଆପିଆ କର, କାମ କମାଣି କର, ଯେମିତି ସେମିତି କରି ସାନ ଭୋଜଟିଏ ହେଲେ କରିଦେଇ ଜାତି ହୋଇ ପଡ଼୍—ଉଠ୍ ଭାଇ ଉଠ୍ । ରାମ

ନାଇକ କାହାରିକି କଥା କହେ ନାହିଁ । ମୁଣ୍ଡଟି ଟେକି ଠଣା ଠଣା ଚାହାଁ ଆଖିରେ ଅତି ବିକଳ ହୋଇ ଏମିତି ଅନେଇଁ ରହେ,ତା'ର ମୁହଁକୁ ଦେଖିଲେ ଛାତି ଫାଟିଯିବ। ହରିଜାନି ବି ସାଙ୍ଗୀ ନାଇକର ବିକଳ ଦେଖି ପାଖକୁ ଆସେ । ନାଇକ କାନ୍ଧରେ ହାତ ପକେଇ ଦେଇ କଅଁ ଳେଇ ଡାକେ, ନାଇକ ଭାଇ ନାଇକ ଭାଇ ! ରାମ ନାଇକ ମୁହଁ କୁ ତଳକୁ ପୋତି ଖୁଁ ଖୁଁ କରି କାନ୍ଦେ । ଗୁପ ଗୁଡ଼ାକ କାଢ଼ି କାଢ଼ି ଭୂଇଁରେ ଓଦା କରିଦିଏ । ଅତି ବିରକ୍ତ କଲେ କାନ୍ଧ କାନ୍ଧ କହେ, —ନାଇଁ, ନାଇଁ, ନାଇଁ ।

ଖବର ମିଳିସାରିଲାଣି, ଠେଙ୍ଗାଜାନି ସନ୍ତୋଷ୍‌କୁମାରୀ କୋରାପୁଟରୁ ଆସାମ ଡିପୋ ଜରିଆରେ ଆସାମ୍ ଗ୍ଲଲିଗଲେ । ପିଲିମନ୍ ଡମ୍ ଦଶମନ୍ତପୁର ଗାଁର ଗୁଲ ନେଇ ବେପାର କରିବାକୁ ଯାଇଥିଲା, ଏଇବାଟେ ପେଶିଲା । ସେ ବି କହୁଥିଲା । ଯେଉଁମାନେ ଖୋଜିବାକୁ ଯାଇଥିଲେ ସେମାନେ ବି କହୁଥିଲେ । ସେ ଦୁହେଁ ଗ୍ଲଲିଗଲେ, ଯେପରି ଯାଆନ୍ତି ବଣ ଦେଶର କେଜାଣି କେତେ ଲୋକ, କିଏ ସାହୁକାର ଦାଉରୁ ବଞ୍ଚିବାକୁ, କିଏ ଖାଲି ପଇସା ରୋଜଗାର କରିବାକୁ—ଯାଆନ୍ତି ଘ'ର । କିଏ ବା ସେ ଦେଶରେ ଘର ଦୁଆର କରି ରହନ୍ତି । କିଏ ମରନ୍ତି । କେତେ କେତେ ଲୋକ ଫେରିଆସନ୍ତି ପୁଣି ।

ରାମ ନାଇକ ଅଲୁଝାହୋଇ ବାପ୍ଯା ପରି ଶୋକ କଲା । ଗାଁ ଲୋକ ଆବାକାବା ହେଲେ । ସତ କଥା, ତା'ର ପୁଅ ଗଲା । ତା ପରେ ତା ଘରେ ନାଇକ ପଣିଆ ଆଉ ରହିବ ନାହିଁ । ତା'ର ସବୁ ଆଶା ଭରସା ଗଲା । ତା'ର ଜାତି ଗଲା । କିନ୍ତୁ ନାଇକ ଧୁଙ୍ଗା ହୋଇ ବସିରହିଲେ ଗାଁର ଭଲମନ୍ଦ ବୁଝିବ କିଏ ? ଖଜଣା ଅସୁଲ୍ କରିବ କିଏ ? ନିଶାପ କରିବ କିଏ ? ଅଧିକାରୀମାନେ ଆସିଲେ

ତାଙ୍କୁ ଚର୍ଚ୍ଚା କରିବ କିଏ । ଲୋକେ ବେମୁରବିଆ ହେବେ, ଗାଁ ନଷ୍ଟିଯିବ ।

ଦିନୁ ଦିନ ଯନ୍ତୁଁ ହେଲା, ଗାଁ ଲୋକେ ଏହାପରି ଭାବି ଠିକ୍ କଲେ ଏହାର ଗୋଟିଏ ପ୍ରତିକାର ଆବଶ୍ୟକ । ରାମ ନାଇକଙ୍କ ଘର ଉପରେ କେଉଁ ପ୍ରେତାତ୍ମାର ଦୃଷ୍ଟି ପଡ଼ିଛି—କେଉଁ ଅଜଣା ଭୂମା ସେ । ଗାଁର ହିତ ପାଇଁ ନାଇକକୁ ମୁକ୍ତ କରିବାକୁ ପଡ଼ିବ । ସେ ଦୁଃଖର ଭୂମାକୁ ତଡ଼ିବାକୁ ପଡ଼ିବ । ପ୍ରତିକାର ଆବଶ୍ୟକ । ଏଲ୍‌ଡ଼ର ପ୍ରାଚୀନ ଖ୍ରୀଷ୍ଟାନ୍ ଲୋକ, କିନ୍ତୁ ସେ ହିନ୍ଦୁ ନାଇକକୁ ଭଲ ପାଏ । ରାମ ନାଇକକୁ ଭଲ ନ ପାଇବ ଗାଁରେ ଏପରି କିଏ ଅଛି ? ତା ପରେ ଠେଙ୍ଗାଜାନି ଅଲେଇବରିଆର ଝିଅକୁ ନେଇ ପଳାଇବା କଥାରେ ଆପଣା ଆପଣା ଭିତରେ ଗୁରୁ ପାଷ୍ଟର୍ ପ୍ରାଚୀନ୍ ନିତାନ୍ତ ଅସନ୍ତୁଷ୍ଟ ମଧ ହୋଇନାହାନ୍ତି । ସେମାନେ ବିଶ୍ୱାସ କରନ୍ତି, ଆଜି ନ ହେଲେ ସୁଦ୍ଧା କେଉଁଦିନ ହେଲେ ଠେଙ୍ଗାଜାନି ସନ୍ତୋଷ୍ କୁମାରୀ ଫେରିଆସିବେ । ସାହେବକୁ କହି ଠେଙ୍ଗାଜାନିକୁ ସମ୍ପ୍ରଦାୟ ଭିତରେ ଗ୍ରହଣ କରିନେଇହେବ ଏବଂ ତା'ର ବାପା ନାଇକ ଥିଲା ବୋଲି ସେ ମଧ ନାଇକ ହେଲେ ହୋଇପାରିବ ଓ ଗାଁରେ ରହିବ ଜଣେ ଖ୍ରୀଷ୍ଟାନ ନାଇକ । ରବିବାର ଦିନ ମଣ୍ଡଳୀ ପ୍ରାର୍ଥନାରେ ସଲମନ୍ ପାଷ୍ଟର୍ ଉପସ୍ଥିତ ଥାଇ ଏଲ୍‌ଡ଼ର ପ୍ରାଚୀନ୍ ନାଇକ ନାଁରେ ପରମ ପିତାଙ୍କୁ ଗୋଟିଏ ପ୍ରାର୍ଥନା କରି 'ହାଲେଲୁୟା' ଗାଇଥିଲେ । ଯେ ଜଗତକୁ ତ୍ରାଣ କରିବା ନିମନ୍ତେ ଜଗତର ସବୁ ପାପ, ସବୁ ଦୁଃଖ ଆପଣା ଉପରକୁ ଟାଣିନେଇ କ୍ରୁଶ କାଠରେ ଖୁଣ୍ଟିପିଟି ହୋଇଥିଲେ, ତାଙ୍କୁ ଅନୁରୋଧ କରିଥିଲେ, ଗାଁ ନାଇକର ଆତ୍ମା ଉପରୁ ଦୁଃଖର ବାତୁଳତା ଛଡ଼ିଯାଇ ତା'ର

ଆତ୍ମା ପରିଷ୍କାର ହେଉ ଏବଂ ସନ୍ତୋଷକୁମାରୀ ଯେପରି ସୁଖରେ ଥାଉ । ସମସ୍ତେ ସମସ୍ୱରରେ 'ଆମେନ୍' ପଦ ଉଚ୍ଚାରଣ କରୁଥିଲେ ଏବଂ ପୁଣି ପୁଣି 'ହାଲେଲୁୟା' ଗାଇ ପ୍ରାର୍ଥନା ଶେଷ କରୁଥିଲେ ।

ଏଇଠି ପ୍ରାଚୀନ୍ ଶାନ୍ତି ପାଇଲେ ଏହିପରି ଭାବି ଯେ, ସେ ପ୍ରକୃତ ପଡ଼ଶୀର କର୍ତ୍ତବ୍ୟ କରିଛନ୍ତି । ବନ୍ଧୁର କାର୍ଯ୍ୟ ଦେଖେଇଛନ୍ତି । କିନ୍ତୁ ନାଇକର ପ୍ରାଣରେ ତଥାପି ଶାନ୍ତି ଆସିଲା ନାହିଁ । ନାଇକାଣୀ ବୁଝିଲା ନାହିଁ । ଗାଁ ଲୋକେ ଦିଶାରୀକୁ ଧରିଲେ । ଦିଶାରି ପାଞ୍ଜି ଉଲଟେଇଲା । ଗୋଟାକ ପରେ ଗୋଟାଏ ନାକପୁଡ଼ା ବୁଜି ଆର-ଟାରେ ସଁ ସଁ ନିଶ୍ୱାସ ମାରିଲା । ମଦ ପିଇଲା । ମୁଣ୍ଡ ଆଞ୍ଜୁଡ଼ି ହେଲା । ଆକାଶକୁ ଅନେଇଲା । ତଳେ ଗାର କାଟି ଭୁଟୁରୁ ଭୁଟୁରୁ ହେଲା । ଶେଷରେ ନିଷ୍ପତ୍ତି ଦେଲା ଯେ ଦାଦି-ବୁଢ଼ା ପାଖେ ବିଶିଷ୍ଟ ପୂଜାର ଆୟୋଜନ ହେବ । ଗୁରୁମାଈ ନାଚିବ । ଧାଂଗ୍ଡ଼ୀ ନାଟ ହେବ । ଉତ୍ସବରେ ନାଇକ ନାଇକାଣୀ ଯୋଗ ଦେବେ । ତେବେ ଯାଇ ଦାଦି-ବୁଢ଼ାର ଦୟାରେ ସେମାନଙ୍କର ପ୍ରାଣ ଶୀତଳ ହେବ । ଯେଉଁ ଦୁଷ୍ଟ ଡୁମା ତାଙ୍କ ଘରେ ବସା କରି ସବୁବେଳେ ତାଙ୍କୁ କନେଇ ଲାଗିଛି, ସେ ପଳେଇଯିବ କୁଆଡ଼େ ।

ସମସ୍ତେ ପ୍ରସ୍ତୁତ ହେଲେ, ପୂର୍ଣ୍ଣିମା ରାତିର ବିଶିଷ୍ଟ ପୂଜା ପାଇଁ ।

—୧୩—

ଏତେବଡ଼ ପୃଥିବୀଟା ଆଲୁଅରେ ଅନ୍ଧାରରେ ପ୍ରସାରିତ ସଙ୍କୁଚିତ ହେଉଥାଏ । କେତେବେଳେ ଅନ୍ଧାର ରାତିରେ କେଉଁଠି ସାନଟିଏ ହୋଇଯାଇ ଅନ୍ଧାରର କଳା-କମଳ ଘୋଡ଼ିପୂଡ଼ି ହୋଇ କେଉଁ କଣରେ ଶୋଇପଡ଼େ । ଖାଲି ମନଗହ୍ୱରର ସ୍ମୃତିଟି ପରି

ଅଧଘଣ୍ଟା ଜହ୍ନରେ ଧଇର୍ଯ୍ୟ ବସୁଥାଏ ଝକ ଝକ । କଏ କେତେ-ବେଳେ ମୁଠାମୁଠା ଖଇ ପରି ତାରାଗୁଡ଼ାକ ନେଇ ଆକାଶ ଉପରକୁ ବଣାଡ଼ ଫୋପାଡ଼ ଦିଏ । କେଉଁଠି ଲୁଖିଯାଏ, କେଉଁଠି ଆଉ ଗଡ଼ପଡ଼ ଅଦୃଶ୍ୟ ହୁଏ କେଉଁ କଣାରେ । ତାହାରି ଭିତରେ ଆଶା ନିରାଶାର ସ୍ପନ୍ଦନ ଅନୁଭୂତିରେ ଜୁଳୁଜୁଳୁଆପରି ଟିକିମିକି ହେଉଥାନ୍ତି କେତେ ପ୍ରାଣୀ, ଗୋଟିକରୁ ଆଉଟି ବାରି ହୁଏ ନାହିଁ ।

ରାମନାଇକ ମନର ଭାବକୁ କଥାରେ ଗୋଟିଗୋଟି କରି ବଛେଇ ଶିଖିନାହିଁ । କଏ ଶିଖିଚି ବା ? ଖାଲି ଧୁଙ୍କାହୋଇ ଯେ ବସି ରହିଚି ଯୋଉଠି ସେଇଠି । ବୁଲୁଚି ତ ବୁଲୁଚି, କୁଆଡ଼େ ବୁଲୁଚି ଜାଣେ ନାହିଁ । ତାର ଜୀବନ ବଞ୍ଚିବା କଥାରେ ମୁଣ୍ଡହିଁ କାବ୍ୟ ବର୍ଣ୍ଣନାର ନୁହେଁ, ଖାଲି ଗୁଡ଼ାଏ ଅନୁଭୂତିର, ଧୂଳି ପରି ଯେ ଦେହ ଉପରେ ପଡ଼େ, ଗୋଟି ଗୋଟି କରି ଉଠେଇ ନେଇ ଦେଖି ହୁଏ ନାହିଁ ତ । ଦେହ ଭିତରେ ପ୍ରାଣର କେନ୍ଦ୍ର କୌଣସି ଗୋଟିଏ ଅଙ୍ଗ ପ୍ରତ୍ୟଙ୍ଗରେ ନାହିଁ । ସ୍ମୃତି ଭିତରଟା ବୁଡ଼ିଗଲା ବୁଡ଼ିଗଲା ପରି । ମନର ବଇଁଶୀର ମହାଶୂନ୍ୟର ନିଃଶବ୍ଦ ପବନ । କ'ଣ ଗୁଡ଼ାଏ ଜକଜକ ଝକଝକ ହୋଇ ଦିଶେ । ତାପରେ ଅନ୍ଧାର ଆସେ ଲୁହାଇ ଲୁହାଇ । ସବୁ ସେ ଭୁରୁଡ଼େଇ ଦେଇ ଗଡ଼େଇ ଦେଇ ଓଲଟେଇ ଦେଇ କେଉଁଆଡ଼େ ନେଇ ଚାଲିଯାଏ । ବସନ୍ତ ଆରମ୍ଭ ହେଲାଣି । ହଠାତ୍ କେତେ ଗୁଡ଼ାଏ ଦିନ ନିଦରେ କଟିଗଲା ଯେପରି । ଅନେକ କାମ ବାକି । ଏହିପରି ଚେତନା ଯେପରି ଆସିଛି ପୃଥିବୀକୁ । ଚାରିଆଡ଼େ ମହା କଳରବ । କେତେ ଅଚିହ୍ନା ଚଢ଼େଇଙ୍କର କିଚିରି ମିଚିରି । କେତେ ରଙ୍ଗର ଗୁଣ୍ଡାପରି, କେତେ ଠୁଣୁଠୁଣୁ ଗୁଣୁଗୁଣୁ ଖଣ୍ଡଖଣ୍ଡ ସ୍ୱରର ଭଗ୍ନାଂଶପରି, କୁସୁମ ଗନ୍ଧର ଲାଗ ପରି ଲାଗି ରହିଛନ୍ତି ସେମାନେ ବଣର ଲଟାରେ ଡାଳରେ ।

ଅଦିନଆଁ ଫୁଲର ରେଶନ । ଆମ୍ବ ତୋଟାରେ ବଉଳର ସ୍ୱର୍ଗ । ମହୁମାଛି ଆଉ ଭଅଁର । ଗଛ ଡାଳରେ, ଗଛ କୋରଡ଼ରେ, ପଥର ଖୋଲରେ, ଯେଉଁଠି ଦେଖିଲେ ମହୁଫେଣା ।

ବସନ୍ତ ଆସିଛି । ଆଉ ଦୁଇମାସ ଗଲେ ଲାଗିଯିବ ଚଇତି ମଉଛବ । ବସନ୍ତ ଆସିଛି । ବିଦେଶୀ ପୃଥିବୀର କି ସନ୍ଦେଶ—ତା'ର ଧାନ ଦରିଦ୍ର, ଦୁଃଖୀଙ୍କୁ, ଯାହାର ଆତ୍ମା ପୋଡ଼ୁଛି ତାଙ୍କୁ ? ଗୋଡ଼-ଦଳା ଘାସ ବଢ଼ନ୍ତା ଝାଞ୍ଜି ତେଜରେ ପୋଡ଼ିଯାଉଛି । ଶୁଖି ଯାଉଛି । ଅସୁମାର ଝଡ଼ିଲା ଫୁଲ—ଯାହାର ଜନ୍ମ ମରଣର ଖବର କେହି ରଖେ ନାହିଁ । ସତେଜ କେଇଟା କଷାକଳିଆ ଆମ୍ବ ବଉଳ । ତାହାର ଗୋଡ଼ତଳେ ଗୁଡ଼ ଗୁଡ଼ ମଲାଫୁଲ । ମଲା କାଳିଆ ବଉଳର ଶବ ଯାହାର ସାଙ୍ଗୀସାଥି ପୋତକ, ମାଛି ଆଉ ପୋକ । ଯାହାକୁ ଭୁଲରେ କେବେ ମହୁମାଛି କି ପ୍ରଜାପତି ପଚ୍ଛର ଆସନ୍ତି ନାହିଁ । ଏଇ ଦରମଲା ଭୁଇଁ ସନ୍ଧିରୁ କେତେ କଙ୍କି, କେତେ ପ୍ରଜାପତି ଡେଣାଟି ମାନ ଖୋଲିଦେଇ ଉପରର ସୁବାସ ଆଉ ମାୟାଲୋକକୁ ଉଠି ପଳାଇ ଯାଆନ୍ତି । ସେମାନେ ତ କେବେ ତଳକୁ ଓହ୍ଲାନ୍ତି ନାହିଁ । ଦର୍ହପୋଡ଼ା ଘାସ ଖରରେ ଅଧିକ ଅଧିକ ତାତି ତାତି ମଲାଫୁଲକୁ ଗୁଡିରେ ଜାକିଧରି ବିହ୍ୱଳ ହୋଇ ଉପରକୁ ଅନାଇଁ ଥାଏ, କେଉଁଠି ଟିକି ଟିକି ଚଢ଼େଇ ଉଡ଼ିଥାନ୍ତି । କାହାର ପକ୍ଷୀଟି ଢଗେ ଜଳନ୍ତା ନିଆଁ ର ସ୍ଫୁଲିଙ୍ଗ ପରି, କଏ ବା ଗାଢ଼ ନୀଳ, ଶରତ୍ର ଆକାଶର ଫାଳେ କି ଚଟୁଡ଼ାଏ ପରି । ଏଇ ଅନୁଭୂତି ଭିତରେ ଘାସ ନାଇକ ନିସ୍ତବ୍ଧ ହୋଇ ମାଦାହୋଇ ଗିଲା ହୋଇଥାଏ । ବସନ୍ତର ଡାକ ତାକୁ କୁହୁଳାଏ ଖାଲି । ସେ ଯେପରି ଦର୍ହପୋଡ଼ା ଘାସ ।

ଗୋଟାଏ ଅବସ୍ଥାର ମଡ଼ାବାଟରେ ଏତେଦିନ ସେ ମାଡ଼ି ଆସି ଆସି ହଠାତ୍ କେଉଁ ଖୋଲ୍ ଜଙ୍ଗଲ ଭିତରକୁ ଖସଡ଼ି ପଡ଼ିଛି, ଯେଉଁ ଭୂଇଁ ସେ ଚିହ୍ନେ ନାହିଁ । ଯୋଉଁଠୁ ନିସ୍ତାର ନାହିଁ ପରା, ଖାଲି ବସି ବସି ଦିନଗଣା ।

ନାଇକ ଭାଇ, ନାଇକ ଭାଇ, ହରିଜାନ କାନ୍ଧରେ ହାତ ପକେଇ ଡାକେ ।

ନାଇକ, ନାଇକ, ଗାଁ ଲୋକେ ଡାକନ୍ତି । କ'ଣ ସବୁ କହନ୍ତି ? କ'ଣ ଗୃହାନ୍ତି ଏମାନେ ? କିଏ ଏମାନେ ? କାହିଁକି ବିରକ୍ତ କରିବାକୁ ଆସନ୍ତି ? ଓଃ, କି ଜଞ୍ଜାଳ ! ପେଜ୍ ଖାଇଲୁଣି ? ସେଠିଟାରେ କାଇଁକି ବସି ରହିଚୁ, ଦିନ ଗୋଟାକର ଖରା ଗଲାଣି ତୋ ଉପରେ, ଆହୁରି ମନ ମାନି ନାହିଁ ? ଯା ବାବୁ ଘରକୁ ।

କିଏ ଏମାନେ, କାହିଁକି ଗୋଳମାଳ କରୁଛନ୍ତି ଭଲା । ମୁଣ୍ଡର ବାଳଗୁଡ଼ାକ ମୋଡ଼ା ତାରପର ଲହ ଲହ ହୁଏ । ଦାନ୍ତ ରଗଡ଼ି, ଆଖି ତରଟି ତରଟି, ଓଠକୁ କାମୁଡ଼ି କାମୁଡ଼ି କେତେବେଳେ ହେଲେ ସକେଇ ହୋଇ ଟିକିଏ ରହି ରାମ ନାଇକ ଅଧାତୋଳା ଘରକୁ ଅନେଇଁ ରହିଥାଏ । ହଁ, ତା'ର ଗୋଟିଏ ପୁଅ ଥିଲା, ଥିଲା କେବେ କି—ଅଳ୍ପ ଅଳ୍ପ ମନେ ପଡ଼ୁଛି···ନାଇଁ ପରିଷ୍କାର ମନେ ପଡ଼ୁଛି ତ—ଡାକୁଥିଲା, ବାପା ବାପା—ତା'ର ଗୋଟିଏ ପୁଅ ଥିଲା କେବେ, ଦାଦି-ବୁଢ଼ାକୁ ମାନସିକ କରୁଥିଲା କେତେ ସେ । ପୁଅଟି ଶାଳଗଛ ପରି ବଢ଼ି ଉଠୁଥିଲା । ଭଲ ପିଲାଟିଏ । ତାପରେ—।

ଆଉ ନାହିଁ, ବନ୍ଦ ହୋଇଗଲା । ରାମ ନାଇକ ତରଟି ତରଟି ଅନେଇଁ ରହେ ସେଇ ଅଧାତୋଳା ଘରକୁ । ସେ ଗଲା, ଗଲା କି, ମରିଗଲା ନାଇଁ ଯେ, ଗଲା ମଶାଲ ସମାନ୍ ପରା । ସେଇ ଘରେ ଯେପରି ତା'ର ଶବ କେଉଁଠି ଲୁଚେଇ ରଖାହୋଇଚି, ତା'ର

ପୁଅ—ତା'ର ରକ୍ତର ରକ୍ତ, ମାଂସର ମାଂସ, ତା'ର ମନର ମନ, କଥାର କଥା ତା'ର ପୁଅ। ହଁ ତା'ର ପୁଅ। ତା'ର ପୁଅ। ହାପୁ ହାପୁ ହାପୁ ହାପୁ।

ରାମ ନାଇକର ବଡ଼ ବଡ଼ ନାଲି ନାଲି ମଇଁଷିଆ ଆଖିଗୁଡ଼ାକ ଆହୁରି ଠାଣିହୋଇ ବଡ଼ ହୋଇଯାଏ। ମନର କେଉଁ ନିଭୃତ କୋଣରୁ ଦେହର କେଉଁଠୁ ଧୀରେ ଧୀରେ ଉଠି ଉଠିକା ଆଖିବାଟେ ଜନ୍ମ ହୁଏ ବଡ଼ ବଡ଼ ଲୁହ, ଆଖି ଫାଟି ପଡ଼େ। ଝରି ପଡ଼େ ଟପଟପ୍ ବଡ଼ ବଡ଼ ଲୁହ। ଆଁ'ଟା ବଡ଼ ହୋଇଯାଏ, ପାଟି ଉପରୁ ତଳକୁ ବୁଢ଼ିଆଣୀ ଜାଲପରି ସୁତା ଗୁଡ଼ାଏ ଖାଲି—ଆଉ ଉଷୁମ ଲୁହ, ଯେ ଆଟପ ଝଡ଼େ—ମଲ୍ଲୀ ବଉଳ ପରି······

ପଛଆଡ଼େ ଘରର କେଉଁ ସନ୍ଧିରେ ବାଡ଼େଇ କଶୁଡ଼ି ହୋଇ ଠେଙ୍ଗାର ମା ପଡ଼ିରହିଚି। କାହିଁ ଗଲୁ ପୁଅ ? ଭୋକ କରୁନାହିଁ ? ମା ହାତରୁ ପେଜ୍ ମନ୍ଦଏ ଆସି ପିଇଯିବ ନାହିଁ ? ଫୁରୁ ଫୁରୁଆ ମୁଣ୍ଡଟା ମା'ର ବହଳ ପେଟରେ ଭୁଷି ଦେଇ କୋଡ଼ରେ ଉହ୍ଲଳ ପଡ଼ି ଡାକିବ ନାହିଁ ଆଉ—ମା ଲୋ ମା, ଖଜା ଦେନଦେ ମା—

ଠେଙ୍ଗାର ମା କ୍ଲାନ୍ତ ହୋଇପଡ଼ି ଧୁମୁରି ଧୁମୁରି କାନ୍ଦୁଥାଏ। କେଡ଼େ ସୁନ୍ଦର ତା'ର ସ୍ୱର, ଭାରି ଭଲ 'ରାଗିଣୀଟିଏ ତ— ଏକା ପରି ଗୋଟାଏ ରାଆରେ। କିନ୍ତୁ ପ୍ରାକୃତିକ ସଙ୍ଗୀତ ଯେତେ ସବୁ ଗୋଟାଏ ରାଆରେ ନୁହେଁ କି। ଠେଙ୍ଗାର ମା'ର କାନ୍ଦଣା ପବନକୁ ଚିରିଚିରିକା କେତେ ଦୂରକୁ ବୋଲି ବୋହି ଚାଲିଯାଏ। ବିଦେଶି ବସନ୍ତ ସହିତ ତା'ର ଛଳ କେଉଁଠି ହେଲେ ବିଯୋଡ଼ ଲାଗେ ନାହିଁ। ମିଶିଯାଏ—ଫୁଲ, ସୁବାସ, ଉଜ୍ଜ୍ୱଳ ଆଲୁଅ— ବସନ୍ତ, ଠେଙ୍ଗାର ମା'ର ବିକଳ କାନ୍ଦଣା।

ପୂର୍ଣ୍ଣିମୀ ଆସିଲା, ରାମ ନାଇକ ଟିକିଏ ପେଜ୍ ପାଣି ପିଇଲାଣି । ଜମିର ହାଲଚାଲ୍, ଘରର ହାଲଚାଲ୍ ବୁଝୁନାହିଁ ସିନା, ପେଜ୍ ପାଣି ପିଇଲାଣି । ହଉ, ଏହାପରେ ସବୁ ସୁଧୁରିଯିବ । ଠେଙ୍ଗାର ମା'ର କାନ୍ଦଣା ବନ୍ଦ ହୋଇ ନାହିଁ ସିନା, ସେ ଉଠି ପେଜ୍ ରାନ୍ଧିଲାଣି । ଏବେ ଆହୁରି ବଡ଼ ପାଟିରେ କାନ୍ଦେ, ଖିଆପିଆ କରି ତଣ୍ଟିରେ ଜୋର୍ ଆସିଛି ବୋଧହୁଏ । କ୍ରମେ ସବୁ ସୁଧୁରିଯିବ । ସବୁ ଦାଦି-ବୁଢ଼ାର ଦୟା ତ ।

କିନ୍ତୁ ଦଶାର ଯେଉଁ ବିଧାନ ଧରିଦେଇଛି, ତହିଁରେ ତିଳେ ବି ଏପାଖ ସେପାଖ ହେବାର ଉପାୟ ନାହିଁ । ଦାଦିବୁଢ଼ାକୁ ମାନସିକ କରା ହୋଇଥିଲା, ଡମ୍ ଟୋକାକୁ ନେଇ ପରଜାଟୋକାଙ୍କୁ ଆସାମ୍ ପଳେଇଯିବା—ଏ ଗୋଟାଏ ଅମଙ୍ଗଳ, ଗାଁର ଆଦିମ ଗତରୁ ବାହାରେ । ଆଉ ନାଇକର ଏ ଦୁଃଖ, ଲୋକେ ଭାବୁଥିଲେ ସେ ବାୟା ହୋଇଯିବ । ଏବେ ବି ତ କହିହେଉ ନାହିଁ କଣ ହେବ । ତେଣୁ ଦାଦି-ବୁଢ଼ା ପାଖେ ପୂଜା ହେବା ସୁନିଶ୍ଚିତ । ଚଇତ ନ ହେଲେ ବି ଆନନ୍ଦ ଡାଳି ଦେବାପାଇଁ ଗାଁ ଲୋକେ ଆଜି ପୂଜା କରିବେ ଚିରନ୍ତନୀ ପୂର୍ବପୁରୁଷଙ୍କ ଅନାଦି ଆତ୍ମାକୁ, ତା'ର ପ୍ରକାଶମାନ ରୂପକୁ, ଯେ ଠାଙ୍ଗରା ମୁଣ୍ଡିଆ ଉପରେ ହୋଇ ବସିଛି ସାତ ବେଣ୍ଟିଆ ଖଣ୍ଡିଆ ଖଜୁରିଅୁଣ୍ଠା ।

ଘର ଲିପା ହେଲା । ପରଜା ସୁନ୍ଦରୀମାନେ ଗାଁ ତଳ ମୁରାନ୍ ନଈରେ ବୁଡ଼ ବୁଡ଼ ଗାଧେଇ ପଶିଲେ । ପୂର୍ବ ପରି ସାରିଆପୂଲ୍ ଡାକିଲା, ଏ ସାରିଆଦାନ୍ ।

ସାରିଆଦାନ୍ ଗଳା ଥରେଇ ଥରେଇ କହିଲା, ଉଁ—।

ଠେଙ୍ଗାଜାନ ଯାଇଛି, ଯାଉ, ଆଉ କେତେ ଜାନ ମାଂଗଣି କରିବାକୁ ଆସିବେ ତାକୁ । ସେ ଠେଙ୍ଗାଜାନକୁ ଘୃଣା କଲଣି । ଏଇ ଘୃଣା ତଳେ ପାଉଁଶହୋଇ ଜଳିଗଲା କେଇଟା ବର୍ଷର ସବୁ ସ୍ନେହ । ସେ ଚରନ୍ତମା ଧାଂଡ଼ୀ, ଯାହାର ଗୋଡ଼ତଳ ଗୋଟାଏ ଚମ୍ବକ୍, ଯାହାର ଟାଣ ଧାଂଡ଼ାର ଓସାର ଛାତି ଉପରେ । ସାରିଆଫୁଲ୍ ସାରିଆଦୀନ୍ ପୁଣି ସଙ୍ଗୀ ସଙ୍ଗୀ । ଗୋଟାଏ ଦୁଃସ୍ୱପ୍ନ ପରି କେବେ ମଝିରେ ଠେଙ୍ଗାଜାନ ଉଇଁଥିଲା । ପୁଣି ସେ ଭାସି ଚାଲିଯାଇଚି ଏଇ ମୁଗନ ନଈର୍ ଛଳ ଛଳ ପାଣିରେ ।

ଗୋଟାଏ ବଡ଼ ଜହ୍ନ ଗୋଲ୍‌ହୋଇ ରାତିରେ ଉଇଁଲା । ପାହାଡ଼ର ଅଗ ଛୁଇଁଛୁଇଁକା ଖେଳିଗଲା ଗୋଟାଏ ଢେଉଢେଉକା ଆନନ୍ଦର ଝମ । ଦାଦ୍ଦି-ବୁଢ଼ାକୁ ଘେରେଇକରି ଗାଁର ସବୁ ଧାଂଡ଼ୀମାନେ ହାତରେ ହାତ ଗୁନ୍ଥି ଠିଆ ହେଲେ; ଧାଂଡ଼ାମାନେ ତେଜ ଉଠି ଏପାଖେ ସେପାଖେ ଦେହ ଘଷାଘଷି କରି ବୁଲି ଲାଗିଲେ । ପ୍ରଚୁର୍ ରନ୍ଧା ମଦ ପିଆ ହେଲା । ହଣାର ମନ୍ତ୍ର ପଢ଼ିଲା । ଗୁରୁମାଈ ନାଚିଲା,କାଳିସି ଲାଗି ସେ କହିଲା—ଠେଙ୍ଗାଜାନ ଖରାପ୍ ଉମା ଥିଲା । ସନ୍ତୋଷ୍‌କୁମାରୀ ଖରାପ୍ ଉମା ଥିଲା । ସେ ଦୁହେଁ ଏକାଠି ହୋଇ ଏହିପରି ଲୁଚି ପଳେଇଯିବେ ଏକଥା ଆଗରୁ ଲେଖାଥିଲା—ସେମାନେ ଜନ୍ମ ହେବା ଆଗରୁ । ତୁମେ ସମସ୍ତେ ଜନ୍ମ ହେବା ଆଗରୁ ମୁଁ ଦାଦ୍ଦି-ବୁଢ଼ା । ମୁଁ ସବୁ ଜାଣେ, ତୁମ ସମସ୍ତିଙ୍କୁ ସର୍ଜିଛି ମୁଁ, ତୁମ ସମସ୍ତିଙ୍କର ଭଲମନ୍ଦ ସବୁ ମୋ ହାତରେ । କେହି ମନଦୁଃଖ କର ନାହିଁ ପିଲାମାନେ । ନାଟ କର, ଗୀତ ବୋଲ, ମଦ ପିଅ; ମତେ ମଦ ଦିଅ, କୁକୁଡ଼ା ଦିଅ । ମୁଁ ଅଭୟ ଦଉଚି, ତୁମର କିଛି ଅନିଷ୍ଟ ହେବ ନାହିଁ ।

ଆନନ୍ଦର ଲହଡ଼ି ଖେଳ ଗଲା । ମଦ ପିଆ ହେଲା, ଗୁରୁମାଣ୍ଡି ଅମିଲା । ଅତ୍ତରକ୍ତ କଳରବ ଭିତରେ ନାଚ ଆରମ୍ଭ ହେଲା । ଏଲଓ ପ୍ରାଚୀନ ସଲମନ ଗୁରୁ ଏ'ସବୁଥିରେ ବିଶ୍ୱାସ କରନ୍ତି ନାହିଁ । ଦୁହେଁ ତୁନ ତୁନ କରପଟିଆ ହୋଇ ବସି କଥାଭାଷା ହେଉ- ଥିଲେ—ଏହିପରି ଏ ଲୋକମାନେ ସଇତାନକୁ ପୂଜା କରନ୍ତି । ଖାଲି ଅଧୋଗତି ହେବ ଏମାନଙ୍କର, ଏମାନେ ସମସ୍ତେ ନରକରେ ପଡ଼ିବେ । କେବେ କୌଣସି ଦେବଦୂତଙ୍କର ମୁହଁ ଗୁହିଁବେ ନାହିଁ । ସେମାନେ ଏଥିରେ ବିଶ୍ୱାସ କରନ୍ତି ନାହିଁ କିନ୍ତୁ ରନ୍ଧା ମଦକୁ ଅବିଶ୍ୱାସ କରନ୍ତି ନାହିଁ । ସେମାନେ ପ୍ରଚୁର ପିଇଲେ, ପିଇ ପିଇ ନିଶା ଧରିଲା । ଏଲଓ ପ୍ରାଚୀନ ଦାଦ୍ଦି-ବୁଢ଼ା ଆଗରେ ଯାଇ ମାଙ୍କଡ଼ଚିତ୍ତ ମାରିଲେ, ସାଧନ ଭାଙ୍ଗିଲେ, ନାଚରେ ବେଙ୍ଗଳା ପଡ଼ୁଥିବା ଧାଂଡ଼ୀମାନେ ହସିହସିକା ପ୍ରଚୁର ଉତ୍ସାହ ଦେଲେ । ସଲମନ ଗୁରୁ ମଦ ପିଇ ପିଇ ବାଉଳା ହୋଇ ନାଚ କରିବାକୁ ଆରମ୍ଭ କଲେ । ଧାଂଡ଼ୀ ଦଳ ଭିତରେ ପଶି ଯାଆନ୍ତି; ତାଳି ମାରି ମାରି ମୁଣ୍ଡ ହଲେଇ ହଲେଇ ନାଚନ୍ତି ।

ଦାଦ୍ଦି ବୁଢ଼ା ଆଗରେ ବଡ଼ ନିଆଁ ଜଳୁଥାଏ । ପାରା କୁକୁଡ଼ା ବଳି ପଡ଼ିଥାନ୍ତି । ଫୁଲ ଗଦା ହୋଇଥାଏ । ଦାଦ୍ଦି-ବୁଢ଼ା ନାଲି ନିଆଁ ଧାସରେ, ଉଜ୍ଜ୍ୱଳ ହୋଇ ଦିଶୁଥାଏ ବହୁତ ଦୂରକୁ ।

ତୁଂଗ୍‌ତୁଂଗାର ଟୁଂଟାଂ, ବେଳେବେଳେ ଡମ୍ ବାଇଦର ଗମ୍ଭୀର ଧୁମୁସ, ଧାଂଡ଼ାଙ୍କ ଚିତ୍କାର ଧାଂଡ଼ୀଙ୍କ ହର୍ଷ ରୋଳ—ଓହୋ ହୋ ରସ୍—ଧାଂଡ଼ୀ ଧାଂଡ଼ା ମିଶି ଡମ୍ ବାଇଦର ଅହରହ ଝଙ୍କାର - ଧାଂଡ଼ୀ—ଧାଂଡ଼ା,ଧାଂଡ଼ୀ—ଧାଂଡ଼ା—ଧାଂଡ଼ୀ—ଧାଂଡ଼ା, ଭୀଷଣ କଳରବ ।

ଗାଁ ନାଇକ ଓ ତା'ର ସ୍ତ୍ରୀଙ୍କୁ ସେଠିକି ନିଆ ହୋଇଥିଲା । ଭୁନିତାନ ହୋଇ ସେମାନେ ବସିଥିଲେ । ନାଚ ମଝିରେ, ବାଜଣା ମଝିରେ ସୁଲୁସୁଲିଆ ପବନ ଟିକିଏ କୁଆଡ଼ୁ ଆସି ଗ୍ରାମ ନାଇକକୁ ବାଞ୍ଛିବାଞ୍ଛିକା ଗୃଳିଗଲା । ହଠାତ୍ ତା'ର ଚେତନା ହେଲା—ଆରେ ସତ୍ତେ ତ ।

ଯେପରି ଅମଡ଼ା ମାଡ଼ ଅବାଟରେ ଗଡ଼ ଗ୍ଳିଲାବେଳେ କେଉଁଠି କେଉଁ ମଲ୍ଲପତର ତଳର ଖୁଣ୍ଟାରେ ଗୋଡ଼ ଝୁଣ୍ଟି ହୋଇ ମନଟା ଆପଣା ଆପେ କହି ଲାଗିଲା—ଆରେ ସତେ ତ ! ମନେ ପଡ଼ିଲା, ସମସ୍ତ ଥିଲା ଯେତେବେଳେ ସେ ବି ଧାଂଡ଼ା ଥିଲା । ଏହି-ପରି କେତେ ନାଚର ମଜଲିସରେ କେତେ ସେ ନାଚିଛି, କେତେ ସେ ଢୁଂଗୁଢୁଂଗା ବଜେଇଛି । କେତେ ଲୁଚ ଲୁଚ ଯୌବନର ଛଇ ଫୁଟେଇ ଦେଇ କେତେ କସରତ୍ କରି ସେ ବି ତାର ଧାଂଡ଼ୀକୁ ଜିତିନେଇ ପାରିଛି, ସେଇ ଠେଙ୍ଗାର ମା'କୁ । ଆଜି ଆଜି ଏ ଦୁର୍ଦ୍ଦିନରେ—ଠେଙ୍ଗାର ମା ଅଛି । କେତେ କଏ ଗଲେଣି, କେତେ କଏ ଯିବେ, ସେ ଅଛି ତାର ଧାଂଡ଼ୀ ଅଛି, ଆଜିର ଏ ଜହ୍ନରାତି ଅଛି, ପିତୃପୁରୁଷଙ୍କ ପ୍ରତୀକ ଏ ଦାଦି-ବୁଢ଼ା,ଏ ବି ଅଛି । ଠେଙ୍ଗାଜାନ ପରି ଧାଂଡ଼ା—ସେ ବି ଢୁଂଗ୍ଢୁଂଗା ବଜାଉଥିଲା, ଧାଂଡ଼ୀ ନଚ୍ଚେଉ-ଥିଲା, ଆଜି ତା'ର ମନହେଲା, ତା'ର ମନଲାଖି ଧାଂଡ଼ୀ ବାଛି ନେଇ କେଉଁ ନୂଆ ବାଟରେ କାମ କମାଣି କରିବାକୁ ଗ୍ଳିଯିବାକୁ—ସେ ପୁରୁଷ ପିଲା, ତା'ର ମନଇଚ୍ଛାରେ ଗୃଳିଗଲା, ତା'ର କପାଳ ।

ସେହି ଧୂଳିଉଡ଼ା ଗୋଷ୍ଠୀର ଆନନ୍ଦ ନାଚ ଆଡ଼କୁ ମୁହାଁକରି ଗ୍ରାମ ନାଇକର ମନ ଆପଣା ଆପେ ସଳଖ ହୋଇ ଠିଆ ହେଲା, ନାଚର ନିଶା ତା'ର ମନକୁ ଚହଟେଇ ଦେଲା । ବହୁତ ଦିନ ଜର

ରୋଗରେ ପଡ଼ିଲା ପରେ ଶୁଖିଲା ମୁହଁରେ ଦାନର ଉପକରଣ ଗୋଟେଇ ନେବାକୁ ପ୍ରସ୍ତୁତ ହେଲା ପରି ସେ ବି ପ୍ରସ୍ତୁତ ହେଲା ।

କେତେବେଳକେ ଦାନ୍ଧ-ବୁଢ଼ାର ଭୁଷ୍ଟିବିଧାନ ଶେଷ କରି ସାରି ଗାଁର ଲୋକେ ମେଳ ହୋଇ ଗାଁ ଦାଣ୍ଡକୁ ଗଡ଼ିଗଲେ । ପରଜା ନାଚ ଥରେ ଆରମ୍ଭ ହେଲେ ଆଉ ସରିବାକୁ ମନ କରେ ନାହିଁ । ରାତିଯାକ ଲାଗିଥାଏ । ସେମାନେ ଆଜି ମନଇଚ୍ଛା ନାଚିବେ ।

କିନ୍ତୁ ଉପରର ଏ ଜହ୍ନ-ଧୂଆଁ ମୁଣ୍ଡିଆ ଉପରୁ ଉଠିଯିବାକୁ ରାମ ନାଇକର ମୋଟେ ମନ ହେଲା ନାହିଁ । ଆଜି ମନଭିତରର ଅନ୍ଧାର ଭିତରେ ଛପିଛପିକା କେଉଁଠି କେଉଁଠି ଆଲୁଅର ସୁଅ ଝଂକ ମାରୁଛି । ଆଜି ସେ ଭାବି ପାରୁଚି । ରାଗି ପାରୁଚି । ଆପଣା ଉପରେ ଆଉ ପୁଅ ଠେଙ୍ଗାଜାନି ଉପରେ, ଆଉ ସେ ମାୟାବିନୀ ସନ୍ତୋଷ କୁମାରୀ ଉପରେ, ଯେ ଆଉ ଆଉ ସେ ଡମ୍ ଧାଂଡ଼ୀମାନଙ୍କ ପରି କମିଆଁ ଜାଣେ । ବଶୀକରଣ କରିପାରେ । ପ୍ରସନ୍ନ ଜହ୍ନ ଆଲୁଅ ଭିତରେ ଆପଣାର ଚିନ୍ତାଧାରାକୁ ମିଶେଇଦେଇ ସେ ବି ସମସ୍ତଙ୍କୁ କ୍ଷମା କରିଦେଇ କହିପାରୁଚି—ସବୁ ଭାଗ୍ୟ, କପାଳରେ ଯାହା ଲେଖାଥିବ ତାହା କେବେହେଲେ ଖଣ୍ଡନ କରିହେବ ନାହିଁ ।

ସମସ୍ତେ ଚାଲିଗଲେ । କିଛିକ୍ଷଣ ଦାନ୍ଧ-ବୁଢ଼ା ପାଖେ ଭୁନ୍-ଚାନ୍ ପଡ଼ିଗଲା । ଗାଁ ଦାଣ୍ଡରୁ ନାଚ ଆଉ ବାଇଦର ଶବ୍ଦ ଶୁଭିବାକୁ ଲାଗିଲା, ଗୋଟିଏ ଗାଁର ଗୋଟାଏ ଗୋଷ୍ଠୀର ଆନନ୍ଦ ପର୍ବତକୁ ପର୍ବତ କନ୍ଦ ପ୍ରତିଧ୍ୱନି କରି କରିକା । ପାହାଡ଼ ଦେଶର ଆଉ କେତେ ମିଞ୍ଜିମିଞ୍ଜି ଗାଁ ଗୋଷ୍ଠୀଙ୍କ କାନକୁ ଭାସିଚାଲିଲା । କିଛି ସମୟ ଗଲା, ଅଳ୍ପ ଟିକିଏ ମାନ୍ଦା ପଡ଼ିଗଲା । ତା'ପରେ ରାମ ନାଇକ ଚାରିଆଡ଼କୁ ଅନେଇଲା, ଯେଉଁଠିକି ଆଖପାଖରେ ସୁଦ୍ଧା କେହି କେଉଁଠି

ନ ଥିବେ । ସେଥିରୁଁ ପର ତରଂ ତରଂ ହୋଇ ଚାଲିଗଲା ଢାଢ଼-ବୁଢ଼ା ଆଡ଼କୁ ।

ମନର ସବୁଯାକ ଚିନ୍ତା ଧାରଣା ଅମେଇଦେଇ ଦେବତା ଆଡ଼କୁ ସଲଖେ ଅନେଇଁ ସେ ଠିଆ ହେଲା । ଏଇଁ ତା'ର ମୁହଁ ଉଁ, ଯେତେବେଳେ ସେ ଆଉ ତା'ର ବିଭୂତି ଦେବତା ମୁହାଁମୁହିଁ— ମଝିରେ ହାଡ଼ ନାହିଁ, ବାଡ଼ ନାହିଁ, ଭକ୍ତ ଆଉ ତା'ର ଭଗବାନ । କାନ୍ଦଣାରେ ତା'ର ହୃଦୟ ଫାଟିଯାଉଥାଏ । ଢାଢ଼-ବୁଢ଼ା ଗୋଡ଼-ତଳେ ଭୂଇଁରେ ବସି ପଡ଼ି ତା'ର ଗୋଡ଼ ଉପରେ ତଳ ପଡ଼ି କାନ୍ଦଣାରେ ଛଟରଟ୍ଟଉଳ ହୋଇ ଫାଟିଯାଇ ଭଙ୍ଗା ଭଙ୍ଗା ସ୍ୱରରେ କହିଲା—

ଢାଢ଼-ବୁଢ଼ା ତୋର ମନରେ ଏଇଆ ଥିଲା ଢାଢ଼-ବୁଢ଼ା—କ ଦୋଷ କରିଥିଲି ମୁଁ ତୋର, ମୋର .ସର୍ବନାଶ କଲୁ । ଯଦି କହୁଚୁ ଠେଙ୍ଗାଟି ମୋର ଖରାପ ଉମା, ଗୋଟିଏ ଭଲ ଉମା ପଠେଇଲୁ ନାହିଁ କାହିଁକି ଢାଢ଼-ବୁଢ଼ା ? ପାଜିଲି, ବଢ଼େଇଲି ଏତେଟିରୁ ଏତୁଟିଏ କଲି—ଶେଷରେ ମୋର ପୁଅକୁ ମୋର ମୁହଁରେ ଗୋଇଠା ମରେଇନେଇ ଦୂରଦେଶକୁ ବିଦାକରି-ଦେଲୁ ରେ ଢାଢ଼-ବୁଢ଼ା—ମୋର ଖାଇବା ଭାତରେ ଧୂଳି ଦେଲୁ—

ଭେଁ କିନା କାନ୍ଦପକେଇ ରାମ ନାଇକ ଢାଢ଼-ବୁଢ଼ା ଗୋଡ଼ତଳେ ପଡ଼ିଲା । ସାତବେଣ୍ଟିଆ ଖଜୁରି ଗଛର ଅଣ୍ଟା ପାରି କୁକୁଡ଼ା ରକ୍ତରେ ରଞ୍ଜିତହୋଇ ଉନ୍ମାଦରେ ବୁଢ଼ା ଠିଆହୋଇ ରହିଥାଏ ସେହିପରି—ହଲ୍ ନାହିଁ ଚଲ୍ ନାହିଁ ।

ରାମ ନାଇକର ହେତୁ ହେଲା ଯେତେବେଳେ ତାର ବୁଢ଼ୀ ଠେଙ୍ଗାର ମା ତାକୁ ଖୋଜି ଖୋଜି ଆସି ପହଞ୍ଚିଲା । କୁଣ୍ଢେଇ ପକେଇ ଉଠେଇଲା. ବୁଢ଼ା ବୁଢ଼ୀ ଦହେଁ କାନ୍ଦ କାନ୍ଦକା ଢାଢ଼-

ଜୁଣ୍ଡାକୁ ପିଠି ଲୁଲେଇ ଦେଇ ଗାଁ ବାଟ ଧରିଲେ । ବୁଢ଼ୀ ବୋଧ ଦେଇ କହୁଥାଏ, ଯାହା କପାଳରେ ଲେଖା ଥିଲା ତା ହେଲା । ତୁ ଏମିତି ବାପ୍ପାଙ୍କ ପରି ହେଲେ କାହାକୁ ଚିନ୍ତା ମୁଁ ଘର କରିବି କହିଲୁ ? ଆ ଘରକୁ ଯିବା—

—୧୪—

ମହା ସମାରୋହରେ ଋତୁ ଆସିଲା ଆଉ ଗଲା—ପାହାଡ଼ ଦେଶକୁ ମତେଇ ଦେଇ, ନଚେଇ ଦେଇ । ଆଖୁର ଦିନ ଗଲା । କାକୁଡ଼ି, ଯୋନାର ଦିନ ଆସିଲା ଓ ଗଲା । ଆସିଲା ଜ୍ୟେଷ୍ଠ । ଘରେ କାହାରି ବସି ରହିବାକୁ ତର ନାହିଁ । ଯେଉଁଠି ଦେଖିଲେ ଚଷାଚଷି ବୁଣାବୁଣି । ଧୂଆଁ ଳିଆ ଆକାଶ ତଳେତଳେ ଖଣ୍ଡଖଣ୍ଡ ପାଉଁଶିଆ ମେଘ କ୍ରମେ ଜମିଲା, କ୍ରମେ କଳା ପଡ଼ିଲା । ତାପରେ ଘଡ଼ଘଡ଼ିରେ ବସୁଧା କମ୍ପେଇ ଦେଇ ପହିଲ ଅସରା ପବନରେ ଶୀତ ଅଜାଡ଼ି ହୋଇପଡ଼ିଲା । ସାମ ନାଇକ ଗାଁ ହାଲ୍ ବୁଲି ବୁଝୁଥାଏ । କ୍ଷେତ କାମ କରୁଥାଏ । କାମିକା ଲୋକ ସ୍ଥିର ହୋଇ ବସି ରହିପାରେ ନାହିଁ । ନାଇକ ନାଇକାଣୀ ପୁଣି ପୂର୍ବ ପରି ସାଧାରଣ ମଣିଷ ହେଲେ । କେବେ ସେମାନେ ଆଉ ପ୍ରକାରେ ହୋଇଥିଲେ କାହାରି ହେତୁ ନାହିଁ । କେବେ ଠେଙ୍ଗାଜାନି ଯାଇଥିଲା; କେବେ ସନ୍ତୋଷକୁମାରୀ ଯାଇଥିଲା, ଦଳ୍‌ଦଳ ଗଜୁରୁଥିବା ଚଷାଭୂଇଁରେ ସେକଥା କେଉଁଠି ଲେଖା ନାହିଁ । ଉପରେ ଧରମ୍ ତଳେ ବସୁମତୀ । ମଝିରେ କେଉଁଠି କହୁ,—ନୂଆ ନାହିଁ କି ପୁରୁଣା ନାହିଁ ।

ପରଜା ଲୋକେ କହିଲେ, ଦେଖ ଦାଦ୍ଦ-ବୁଢ଼ା କେମିତି ଠାକୁର । ଡାକଲେ ଓଁ କରେ । ଗ୍ରାମ ନାଇକ ଯେମିତି ହେଇଥିଲା କିଏ ବିଶ୍ୱାସ କରୁଥିଲା ପୁଣି ଭଲଲୋକ ପରି କାମକମାଣି କରିବ ବୋଲି ? ତାକୁ କିଏ ଭଲ କଲା ? ସେଇ ଦାଦ୍ଦ-ବୁଢ଼ା ନା ? ଦାଦ୍ଦ-ବୁଢ଼ା କୃପାରୁ ସାତ ବର୍ଷ ବିଭା ପରେ ସୁନ୍ଦରୁ ପରଜାର ପୁଅଟିଏ ହୋଇଛି । ମିଲ୍‌କୁଜାନର ପୋଡ଼ କାଇଲା ଥିଲା ଭଲ ହୋଇଗଲା । ଲୁକୁଜାନ ମଦରନ୍ଧା କେହ୍‌ରେ ଶିକ୍ଷା ( ଜେଲ୍ ) ଯାଇଥିଲା, ଘରକୁ ଫେରିଲା । ଏହିପରି କେତେ ତା'ର ମହିମା ।' ଯାହାର ବିଶ୍ୱାସ ଅଛି ସେ ଜାଣିବ ସିନା । ଆନ ଜନ ଜାଣିବ କାହୁଁ ? ଏ ଡମ୍ ଲୋକେ ତାକୁ ବିଶ୍ୱାସ କରନ୍ତି ନାହିଁ । ନ କରନ୍ତୁ, କି ଭଲଟା ମାଡ଼ିଯାଉଛି ତାଙ୍କର ? ପିତର, ସିମନ, ଫାଉଲ, ମିକାଲ, ହଳ ହଳ ହୋଇ ବନ୍ଧାହୋଇ ମାମୁଁ ଘରକୁ ଗଲେ, ମୁଷଲମୁଣ୍ଡା ଗାଁର ହଜିଲା ଗୋରୁକୁ କେଉଁ ଝୋଲାପାଖେ ମାରିଦେଇ ଖାଇଯାଇ-ଥିଲେ ବୋଲି । ବେନିଆଁ ମସିକ ମଦ ରାନ୍ଧୁଥିଲେ । ଧରାପଡ଼ିଲେ, ଜେଲ ଗଲେ, ଜୋରିମାନା ଦେଲେ । କାହିଁକି ? ଦାଦ୍ଦ-ବୁଢ଼ା ରାଗିଗଲା ବୋଲି ନା— ।

ଅନ୍ୟ ଗାଁର ଲୋକ ସୁଦ୍ଧା ପାହାଡ଼ ଉପର ବାଟରେ ଛତା ଛଡୋଡ଼ ଧରି ଦୂର ଗାଁକୁ ଗଲାବେଳେ ଘାଟି ଉପରେ ଠିଆହୋଇ ଦାଦ୍ଦ-ବୁଢ଼ା ଆଡ଼କୁ ଅନେଇଁଅନେଇଁ ମୁଣ୍ଡ ନୁଆଇଁ ଦଣ୍ଡବତ କରେ । ଲୋକେ କୁହାକୋହି ହୁଅନ୍ତି, ହେଇଛି ଦାଦ୍ଦ-ବୁଢ଼ା । ଏଡେ ବଡ଼ ବରଷା ଓହ୍ଲେଇଲା । ଅନ୍ଧାର ଘୋଡ଼େଇଲା । ସବୁ ତା'ରି କରାମତି । ଅନ୍ଧାର ରାତିରେ ଭାଁ ଭାଁ ସାଁ ସାଁ ଯେତେବେଳେ ପାଣିମିଶା ତୋଫାନ, ଝୋଲାରେ ବାଘର ଗର୍ଜନଠୁ ବଳି ପାଣିର ଗର୍ଜନ, ଦାଦ୍ଦ-ବୁଢ଼ା ନିର୍ବିକାର ଭାବରେ ଠେଙ୍ଗା ଡିପ ଉପରେ

ଠିଆ ହୋଇ ବଜ୍ର ଘଡ଼ଘଡ଼ିରେ ଆପଣାର ହୁକୁମ୍ ଜାରି କରେ । ଅନ୍ଧାରକୁ କହେ, ଆହୁରି ବହଳ ହ, ମେଘମାନଙ୍କୁ କାମ ବରଗିଦିଏ ତୁ ଯା ମରିଚମାଳରେ ଅଜାଡ଼୍ । ତୁ ଯା କନ୍ଧବେଡ଼ା ପଦର, ତୁ ଯା ଲରେଣ୍ଡ୍ଘାଟି ଚଢ଼ିବୁ ନାରଗଛରେ ଅଜାଡ଼ିବୁ । ଦାନ୍ଦ-ବୁଢ଼ା ସେପାଖେ ତଳର ମଶାଣିରେ ବେଳେବେଳେ ମେଘ ଘୁଞ୍ଚିଥିଲା ବେଳେ ନିଆଁଗୁଡ଼ାଏ ଉଡ଼ୁଉଡ଼ିକା ଏଠୁ ବୋଲି ସେଠି ସେଠୁ ବୋଲି ଏଠି ଘୂଲୁଥାଏ । ନବୁଜା ଅନ୍ଧାର ରାତିରେ । ଲୋକେ କହନ୍ତି ଦାନ୍ଦ-ବୁଢ଼ା ପିକା ଲଗେଇଛି । ପରଜା ଲୋକ ତ ଧୁଂଗିଆ ନ ଲଗାଇଲେ ଏତେ ବଡ଼ ଶୀତୁଆ ଅନ୍ଧାରୁଆ ରାତିରେ ତା'ର ପିଲା ଝିଅମାନଙ୍କୁ ଜଗିରହି ପହରା ଦେବ କେମିତି । ବାଲୁଆଗାଡି ପରି ଘରର ଉଷୁମ୍ ଭିତରୁ ମା'ମାନେ ପିଲାମାନଙ୍କୁ ଆଙ୍ଗୁଠି ଦେଖେଇ ଶିହେଇ ଦିଅନ୍ତି । କୋଡ଼ର ପିଲାଏ ଦଶେଟି ତୁଣ୍ଡରେ କହନ୍ତି, ଏ ତ ଦାନ୍ଦ-ବୁଢ଼ା-ଏ-ତ-ଦାନ୍ଦ-ବୁଢ଼ା ।

ସବୁତ ତା'ର ଲୀଳା, ତାକୁ ଜାଣିବ କିଏ ?

ମେଘୁଆ ଦିନର ଶେଷ ଆଡ଼କୁ ବୁଢ଼ା ଦିଶାରି ବେମାର୍ ପଡ଼ିଲା । ଜରି ଆଉ ଗୁଣ୍ଡିଦୁଃଖା । ଗାଁର ପୁରୋହିତ ସେ, ଜଉତିଷ ସେ, ଦାନ୍ଦ-ବୁଢ଼ାର ପଣ୍ଡା ଆଉ ପୁଜାରି । ବୁଢ଼ା ଦିଶାରି ଜଣକିଆ ମଣିଷ । ଦେଖା ଶୁଣା କରିବାକୁ ନିର୍ଦ୍ଦିଷ୍ଟ କେହି ନାହିଁ । ସାହି ବାଲାଙ୍କର ଦୟା । ସେ ରନ୍ଧାମଦ ଖାଉଥାଏ । ଯେତେ ପ୍ରକାର ଜଡ଼ି ବୁଟି ଖାଉଥାଏ । ଘୁସୁରି ଘୁଷୁରି ପଦାକୁ ଆସି ଜଳଜଳ ହୋଇ ଅନେଇଥିବା ଦାନ୍ଦ-ବୁଢ଼ାକୁ ଚାହିଁ ବାରମ୍ବାର ଦଣ୍ଡବତ ହେଉଥାଏ । ଗାଁର ଝିଲଙ୍କ ହାତରେ ମଗେଇଆଣି ଦାନ୍ଦ-ବୁଢ଼ା ପାଖ ହୁଙ୍କାବୁଢ଼ାରି

ହାଦୁଅ ଗୁଣ୍ଡରେ କପାଳରେ ମାରୁଥାଏ । କାହିଁରେ କିଛି ଫଳ ହେଲା ନାହିଁ । ରୋଗଟା ଦିନୁଁ ଦିନ ବଢ଼ିଗଲା । ବର୍ଷାରେ ଓଦା-ହୋଇ ଘର ଜୋଲୋଉଥାଏ । କଣାଗୁଳ ବାଟେ ଦରଦର ପାଣି ପଡ଼ୁଥାଏ । ସନ୍ତସନ୍ତିଆ ଭୂଇଁରେ ଫିରଘାସ ଉପରେ ଛିଣ୍ଡା ଅଖା ବିଛେଇ ତହିଁରେ ଫଟା ମାଠଟି ଘୋଡ଼ି ହୋଇ ଦିଶାରିବୁଢ଼ା ପଡ଼ି-ଥାଏ । ଭୂଟରୁ ଭୂଟ୍‌କୁ ହେଉଥାଏ । ମନକୁ ନିବିଷ୍ଟ କରି ଦାଦ୍ଧି-ବୁଢ଼ାକୁ ଧ୍ୟାନ କରୁଥାଏ । ଗୁଣ୍ଠରେ ବ୍ୟଥା ବୋଲି ବାଁ ଗୁଣ୍ଠିରେ ହାତଟାକୁ ମାଡ଼ି ଧରିଥାଏ ।

ଦିଶାରି ବୁଢ଼ା ଧ୍ୟାନ କରୁଥାଏ । ଉଞ୍ଚ କୁଦଟା, ତା'ଉପରେ ଦାଦ୍ଧି-ବୁଢ଼ା — ସାତବେଣ୍ଠିଆ ହୋଇ ହଣା ହୋଇଥିବା ଖଜୁରିଗଛର ଖୁଣ୍ଟା, ତହିଁରେ ମେଞ୍ଚାମେଞ୍ଚା ସିନ୍ଦୂର ଜକଜକ ଦିଶୁଛି । ମେଞ୍ଚା ମେଞ୍ଚା କଳା । ମୁଣ୍ଡରେ ପାଗ, ମୁହଁରେ ପ୍ରସନ୍ନ ହସ ସତେକି ସଦାସର୍ବଦା ଲାଗି ରହିଛି । ଭାବନାରେ ସାରା ପୃଥିବୀର ସୁଖ ଦୁଃଖ, ତେଣୁ କପାଳରେ ଏତେ ଗାର ଗାର । କି ସୁନ୍ଦର ସେ । ପାଖରେ ହୁଙ୍କା ବୁଢ଼ା । କି ଦୟାଳୁ ସେ ଦାଦ୍ଧି-ବୁଢ଼ା, କି ପରଧର୍ମୀ । ଆହା !

ଦିଶାରି ବୁଢ଼ା ଧ୍ୟାନ କରୁଥାଏ । ଏଇ ସତୁରି ବରଷର ଅଭିଜ୍ଞ-ତାରେ ତା'ର ଆଖି ଯେତେଠିଁ ଯେତେ ସୁନ୍ଦର ରୂପ ଦେଖିଛି, ସବୁ ରୂପର ସବୁ ସୁନ୍ଦରିମା ଏକାଠିକରି ଭାବି ପାଉଥାଏ ସେ—ଏହି-ପରି ରୂପ ସତେକି ବାହାରି ଆସୁଛି ଦାଦ୍ଧି-ବୁଢ଼ା ଭିତରୁ । ତା'ର ବିଶ୍ୱାସ ହୁଏ ଦାଦ୍ଧି-ବୁଢ଼ା ତା ବିଛଣା ପାଖେ ଘର ଆଲୁଅ କରି ଠିଆ ହୋଇଛି । ମୁରୁକି ମୁରୁକି ହସୁଛି ଆଉ କହୁଛି, ତୁ ପରା ମୋର ପୂଜାରି ! ତୁ ମୋର ଅତି ପ୍ରିୟ ! ତତେ ମୁଁ ଭଲ କରି-ଦେବି ନାହିଁ ଆଉ କାହାକୁ ଭଲ କରିବି ? କ୍ରମେ ବେଗ ବଢ଼ି-ଗଲା, ଦିଶାରିବୁଢ଼ା ଆଉ କଥା କହିପାରିଲା ନାହିଁ । ବାଉଳା

ଧରିଲା; ଛାତି ଭିତରୁ ଘଡ଼ର ଘଡ଼ର ଶବ୍ଦ, ଫାଟିବାଟେ ଘାଁ ଘାଁ ପବନ। ଗଳାରେ ଅସହ୍ୟ ଯନ୍ତ୍ରଣା। ବାଉଳା ପାଟିରେ ମଝିରେ ମଝିରେ ଚିତ୍କାର ଥରେ ଥରେ ସେ କରେ—ତାର ସ୍ତ୍ରୀ କମଳାର ନାଁ ଧରି, ନୋହିଲେ ପୁଅ ଝିଲଆର, ଯେଉଁମାନେ କେଉଁଦିନୁ ମରିଛନ୍ତି। ଗାଁ ଲୋକେ ଦେଖିବାକୁ ଆସି କୁହାକୁହି ହେଲେ, ଦିଶାରିବୁଢ଼ା ଆଉ ବଞ୍ଚିବ ନାହିଁ, ମଲା ଲୋକର ଭୂମା (ପ୍ରେତାତ୍ମା) ଦେଖୁଛି ଆଖିରେ। ଗୋଟାଏ ଦିନ ପୁଅ ଘରିଯାକୁ ଡାକିଡାକି ସେ ଥକିଗଲା। ରାତିରେ ବାରିକ୍ ଗୃହିଣୀର ଭମ୍ ତା ପାଖେ ଜଗି-ଥିଲା। ସକାଳୁ ଦିଶାରିବୁଢ଼ା ମରି କାଠ ହୋଇଯାଇଛି। ମୁହଁ ନେଫେଡ଼ି ଦେଇଛି, ଆଁ ଥରେ କରି ଦାନ୍ତ ନିକୁଟି ଯେପରି ସେ କାହାକୁ ଖତେଇ ହଉଚି, ଆଖି ତରାଟି ଦେଇଛି।

ଗାଁରେ ହୋ ହା ପଡ଼ିଗଲା। ଦିଶାରିବୁଢ଼ା ବିହା ହୋଇ ନିଆ ହେଲା ଦାନ୍ଦ-ବୁଢ଼ା ବାଟେ ସେ ପାଖର ମଶାଣିକୁ। ଉଜ୍ଜ୍ୱଳ ଖରା ଫୁଟିଥିଲା ସେ ଦିନ। ଦାନ୍ଦ-ବୁଢ଼ାର ଏକନିଷ୍ଠ ପୂଜାରି ଦିଶାରି-ବୁଢ଼ା ତା'ର ପ୍ରିୟତମ ଠାକୁର ଆଡ଼କୁ ଖତେଇ ହୋଇହୋଇ ଆଖି ତରାଟିତରାଟି ମାଟିତଳକୁ ଗଲା।

ବଞ୍ଚିବାକୁ ତା'ର ଭାରି ଆଶା ଥିଲା, ସେଥିପାଇଁ ଠାକୁରଙ୍କୁ ବି ଡାକିଥିଲା ସେ ବହୁତ।

ମୃତ୍ୟୁ—ସେ ବଡ଼ ଅସନା ଅବର୍ଜିଆ କେଡ଼େ କୁତ୍ସିତ କେଡ଼େ କଦାକାର ହୋଇ ପଡ଼େ। ଏକା ମୁହୂର୍ତ୍ତକେ ମଣିଷର ଏ ସୁନ୍ଦର ଦେହଟା, ତେଣୁ ଲୋକେ ତା'ର ନାଁ ଧରନ୍ତି ନାହିଁ। ପରଜା ବିଶ୍ୱାସ କରି କରି କହେ ଯେ, ସେ ମଲେ ବି ପୁଣି ଜନ୍ମ ହେବ। ଜନ୍ମ ହେଲା ପିଲାକୁ କହେ ତୁ ପୂର୍ବ ଜନ୍ମରେ ଏମିତ ସେମିତ ମଣିଷ ଥିଲୁ। ପୁଣି ଜନ୍ମ ହୋଇ ସୁଖଦୁଃଖର ମାଟି-

କାଦୁଅରେ ନେସିହେବାକୁ ମନ କର ସେ ଶେଷ ଦିନଯାକେ ମଉଜ କରୁଥାଏ । ତା'ପରେ ଚଳପଡ଼େ । ମୃତ୍ୟୁର ନାଁ କେହି ଧରନ୍ତି ନାହିଁ କିନ୍ତୁ ତା'ର ସମସ୍ତ ବୁଝି ସେ ଗୁଲଆସେ, କେତେ ଉପାୟରେ ଜର, ଗୁଡିବଥା, ବାଘଖିଆ, ମାମୁଲି ଏତିକି,—ଆଉ ତ କେତେ ଅଛି ।

ଦଶାରବୁଢ଼ା ଯିବା ପଛେପଛେ ଜର ଗୁଡି ବଥାରେ ଆହୁର ଦଶ ବାରଜଣ ଗଲେ । ସବୁ ଗାଁରେ ଜର ଗୁଡି ବଥା । ଦାଦ-ବୁଢ଼ା ପାଖେ ଅସଂଖ୍ୟ ପୂଜା ଦିଆ ହେଲା, ସେହି କାରଣରୁ ବୋଧହୁଏ ମୋଟେ ଦଶ ବାରଜଣ ମରିସାରିଲା ପରେ ଜର ଗୁଡିବଥା ଗୁଡ଼ିଗଲା । ନୋହିଲେ କିଏ ଜାଣିଚି, ଗାଁଯାକ ମରିଯାଇଥାନ୍ତେ ପରା—ଲୋକେ କହୁଥିଲେ । ଏଣେ ମେଘ ଗୁଡ଼ିଛି, ଶରତ ଆସିଛି । ଭୁଇଁର ଓଦା ନଗିଡ଼ି ଯାଇଛି । ସେଇ ନଗିଡ଼ାନଗିଡ଼ିରେ ଗାଁର ଧୂଳିମଳି ଗୁଲଗଲା, ଗାଁରେ ଆଉ କିଛି ହେଲା ନାହିଁ । ଲୋକେ ଠାକୁର ପାଖେ ପୂଜାଦେଇ କହିଲେ ଏମିତି ତୋର ପାଦୁକା ଶୀତଳ ଥାଉ ଦାଦ-ବୁଢ଼ା,—ଆଉ କଷ୍ଟ ଦେ'ନା ।

—୧୬—

ରାମ ନାଇକ କାମ କମାଣିରେ ମନ ଦେଇଥିଲା । ଧାଂଡ଼ା ବକ୍ଡ଼ା ( ହଳିଆ ) ମାନଙ୍କୁ ନେଇ ହଳ ମରାମତି କରିବା, ଫସଲ ଉପୁଜେଇବା, ସକାଳୁ ସଞ୍ଜଯାକେ ଜବର କାମ । ତାର ସ୍ତ୍ରୀ ମଧ ଘରେ ରହେ ନାହିଁ, ମାଣ୍ଡିଆ ପେଜ୍ ମନ୍ଦଏ ସିଝେଇ ଦେବାକୁ ଯେତିକି ସମୟ ଲାଗେ ମୋଟେ ସେତିକି, ଅନ୍ୟବେଳେ କ୍ଷେତ୍ର

ଯାଏ କ୍ଷେତକୁ, ଗୋବର ପକାଏ, ଖତ ସଢ଼ାଏ, ବଗୁବଛୁ, ନଡ଼ାଣି ଗୋପାଣି କରେ ।

ଠେଙ୍ଗାଢାନର ନାଁ ସେମାନେ ତୁଣ୍ଡରେ ଧରନ୍ତି ନାହିଁ ।

କେବଳ ଅଧା ତିଆରି ଘରଟା ଆଖିରେ ଖେଞ୍ଚା ପରି ସବୁ-ବେଳେ ରହିଥାଏ ମୁହଁ ସାମ୍ନାରେ, ଦେଖିବାକୁ ମନ ହୁଏ ନାହିଁ । ଭାଙ୍ଗିଦେବାକୁ ହାତ ଯାଏ ନାହିଁ । ତେଣୁ ମନେ ପଡ଼େ ନାହିଁ ସୁଦ୍ଧା । ଦେଖି ଦେଖି ସେ ବି ଦେହସହା ହୋଇଗଲାଣି । ବର୍ଷା-ମାଡ଼ରେ କାନ୍ଥଗୁଡ଼ାକ ଭୁଷୁଡ଼ି ପଡ଼ଲାଣି—ଥାଇ ନ ଥିଲା ପରି ।

ଦିନମାନ ମାଟିକାଦୁଅ ପଥରକଙ୍କରସାଙ୍ଗେ ମିଳାମିଶା । ଦେହ ଘଷାଘଷି—ଅନ୍ତି ବୂନଆଦ ସେମାନେ, ଆଉ ଟୀଙ୍କଠି ଭଲ ନାହିଁ ମନ୍ଦ ନାହିଁ, ହସ ନାହିଁ କାନ୍ଦ ନାହିଁ । ପାଣିରେ (ବଡ଼ଜଆଁ) ଲେଡ଼େଂ ପୋକ ବି ସଲରସଲର ହୁଅନ୍ତି । ଗୋବର ପୋକ, ତା ସାଙ୍ଗେସାଙ୍ଗେ ମଣିଷ । ମାଟି ମଣିଷ ବୋଲି ବଳକା ଶରଧା ଦେଖାଏ ନାହିଁ । ମାଟିର ମୁହଁରେ ମୁହଁ ଯୋଡ଼ିଦେଇ ଡକାପାଡ଼-ବାକୁ ମଣିଷକୁ ମାଟି ମଦତ୍ ଦିଏ ନାହିଁ ।

ରାମ ନାଇକକୁ ଭାବିବାକୁ ବେଳ ମିଳେ ନାହିଁ ।

ଯେତେବେଳେ ମନର ଚେତନା ଜାଅନ୍ତା ସାଙ୍ଗୀ ଖୋଜେ, ରାମ ନାଇକ ଦେଖେ ଅସରନ୍ତି ଜୀବନ ସବୁଠି । କ୍ଷେତରେ ପାଚିଲା ଲହଡ଼ି ଖେଳୁଛି, ବାଡ଼ରେ ପରିବାପନିର । ଟଷାପାହାଡ଼ ମୁଣ୍ଡରେ କଣ୍ଡାଗଛର ଜଙ୍ଗଲ । ମଝିରେ ବଣ କାଙ୍ଗୁଲି (ହରଡ଼), ତଳକୁ ଟିକିଏ ଶୁଆଁ କ୍ଷେତ, ଆହୁରି ତଳକୁ ଢେଉଢେଉକା ପଦରରେ ମାଣ୍ଡିଆ କ୍ଷେତ । ପଦର ଧାନ, ଖୋଲ କ୍ଷେତରେ ବହଳ ଧାନ । ସୃଷ୍ଟିର ସାଙ୍ଗୀ ଏହିମାନେ,— ତା'ର ହାତର କରାମତି । ତା'ର

ଜାବ୍ୟ କବିତା । ତା'ର ପୁଅ ଝିଅ । କେତେ ଝିନ ଝିଟ ଏମାନଙ୍କ ସାଙ୍ଗେ ! ବର୍ଷକୁ ବର୍ଷ ଏମାନେ କକାରି-ବେଡ଼ା ( ପିଲାପଣ ) ରୁ ଜଡ଼ଆବେଡ଼ା ( ଯୁବାପଣ ) କୁ ଆସନ୍ତି । ଏଇ ଫସଲର ଜଙ୍ଗଲ ଭିତରେ କିଏ କେଉଁଠି ବସିପଡ଼େ । ଏଇ ବିପୁଳ ସର୍ଜନକୁ ଦେଖି ଦେଖି ତା'ର ମନର ଟିକି ଓରମାନମାନ, ଦୁଃଖ ଓ ଗ୍ଲାନି କେଉଁ-ଆଡ଼େ ଉଭେଇଯାଏ ଫସରଫାଟି । ଆପଣାର ସୃଷ୍ଟିରେ ଚିରସବୁଜ ସେ, ପରମପିତା ଦାଦ-ବୁଢ଼ାର ପୂର୍ବ ଚରମପିତା ଚୃଷୀ ପରଜା ।

ଗାମ ନାଇକ ଭାବିବସେ ନାହିଁ, ଏତେ ପାଟର ବ୍ୟବସ୍ଥା କ'ଣ ହେବ । କୌଣସି ପରଜା ଭାବେ ନାହିଁ । କିବା କି ଭାବେ ତା'ର କବିତାର ଭବିଷ୍ୟତ୍ ସାତପାଞ୍ଚ । କେତେଠି ସାହୁକାର ଆଗରୁ ଦାଦନ ଲଗେଇ ଦେଇଛନ୍ତି । ପାଟ କଟା ହେଉହେଉ ତାଙ୍କର ଲୋକ ଆସି ମାପିନେଇ ଚାଲିଯିବେ । କେତେଠି କରଜ ଅଛି । ପାଟରେ କରଜ ଶୁଝାହେବ । ଆଉ ଶିସ୍ତ, ଦାସ୍ତ, ଜମାନ୍, ଅଧି-ଯାଗ୍, ଜୋରମାନା,—ଏଟା ସେଟା କେତେକଥା । କିନ୍ତୁ ସେ ପାଟକୁ ଅନେଇ ବସି କାମଚଳିବ ନାହିଁ । ପାଟ ତା'ର କବିତା, ଗୀତ ମାଉଚ୍ଛି, ଗାଇବାକୁ ହେବ ।

ପୁଅ କଥା ମନେ ପଡ଼ିଲେ ଫଁ ଫଁ ଦୀର୍ଘଶ୍ୱାସ । ମା'ର ଢ଼'ଟୋପା ଲୁହ, ବାପର କୋପ, ମନ ଅଶାନ୍ତ । ଆପଣାଠାରୁ ଅବ୍ୟାହତି ପାଇବା ପାଇଁ ସେମାନେ କାମରେ ଲେଟିପଡ଼ନ୍ତି । କାମରୁ କାମ ଜନ୍ମ ହୁଏ । ତର ମିଳେ ନାହିଁ । ସତ୍ତାମାଣ୍ଡିଆ ଜାଉର ଲହାମଦ ଆଉ ଗେରୁବ ଲୁଗୁ ମହୁଲ ମଦ ଦେହର ସବୁ ଦୋଳାବଥାକୁ ଭଲ କରିଦିଏ । ଭାବି ହୁଏ ନାହିଁ ।

ଏ ବର୍ଷ ଏ ଗାଁରେ ଅମଙ୍ଗଳ ପଡ଼ୁଛି । ଗୋରୁ ଗାଈଙ୍କ ଦେହରେ କ'ଣ ଗୁଡ଼ାଏ ଫଳ ଯାଉଛି । ସେମାନେ ଛେର ହୋଇହୋଇ ମରି ଯାଉଛନ୍ତି । କୁକୁଡ଼ାଗୁଡ଼ାକ ବି ଡ଼ନପାଣି ପରି ଛେରୁଛନ୍ତି । ଘୁମେଇ ଘୁମେଇ ମରି ଯାଉଛନ୍ତି । କାହୁଁ ଆଇଲା ଏ ରୋଗ, ଯୁଆଡ଼େ ଶୁଣିଲେ ଏକା କଥା ।

ନୂଆ ଦଶାର ରୁଫାଜାନ ଯେ ପୁରୁଣା ଦଶାର ଅପେକ୍ଷା ଅଳ୍ପ ଜାଣେ, ତା ନୁହେଁ; ବରଂ ସେ ଅଧିକ ନିଷ୍ଠାପର । ଅଧିକ ପରିଶ୍ରମ କରେ । ଅଳ୍ପ ମଦ ପିଏ । କିନ୍ତୁ ସେ ଯେତେ ଉପାୟ କଲା ସବୁ ହାରିଗଲା, କାହିଁରେ ଏ ଅମଙ୍ଗଳକୁ ହଟେଇ ପାରିଲା ନାହିଁ । ଦାଦ-ବୁଡ଼ା ପାଖେ ନାଚନାଚ ଧାଂଡ଼ୀମାନଙ୍କର ଗୋଡ଼ରୁ ଡମ ଛୁଡ଼ିଗଲା । କେତେ କୁକୁଡ଼ା ପାରା ଯେଉଁମାନେ ଆୟୁଷ ବଳରୁ ରୋଗ ଦାଉରୁ ବର୍ଞ୍ଚି ଯାଇଥିଲେ, ସେମାନେ ହଣା ହୋଇ ବଳିପଡ଼ି ଠାକୁର ଦେବତାଙ୍କୁ ତୁଷ୍ଟି କରିବାକୁ ଚେଷ୍ଟା କଲେ । ବହୁତ ମଦ ଢଳାହେଲା, ବହୁତ ପ୍ରକାରର ଫିକର ହେଲା, ସବୁ ବୃଥା ।

ଆଗେ ଖ୍ରୀଷ୍ଟାନ୍ ସାହିର ବୁଢିଆ ଲୋକମାନେ ମଜଲିସରେ କଥାଭାଷା ହେଲାବେଳେ ହିନ୍ଦୁ ଲୋକଙ୍କର ଏ ପୂଜାପଦ୍ଧତିକୁ ହସରେ ଉଡ଼େଇ ଦେଉଥିଲେ । ଏମେ ରୋଗ ତାଙ୍କର ଜନ୍ତୁମାନଙ୍କୁ ବି ପଦା କଲା, ସେମାନେ ମଣ୍ଡଳୀ ସଭା ଡାକଲେ । ପରମପିତା ପରମେଶ୍ୱରଙ୍କୁ ପ୍ରାର୍ଥନା ହେଇ ବାରମ୍ବାର ଜଣାଣ କଲେ । ଗୋରୁମାନଙ୍କ ପାଇଁ କୁକୁଡ଼ାମାନଙ୍କ ପାଇଁ ଅଶେଷ ବିନୟ ହୋଇ ଗୁହାରି କଲେ ।

କିଛି ଫଳ ହେଲା ନାହିଁ ।

ଦାଦ-ବୁଢ଼ାର ଗୋଡ଼ତଳ ଖାଲରେ ମଲା ଗୋରୁଙ୍କ ମାଉଁସ ଖାଇବାକୁ କାଉ ଶାଗୁଣା ବଲୁଆ କୁକୁର କଳଗୋଳ ଲଗେଇଲେ । ଖାଲ ଅଶୁଭ ବୋବାଳି । ଏମିତିଆ ଜହ୍ନରାତି ହୁଏ, ଜହ୍ନରୁ ଫାଳେ ପାହାଡ଼ ଉପରେ ଜଳି ଲଗିଥାଏ । ଅନ୍ଧାର ଭିତରେ କେଉଁଠି କେଉଁଠି ଅଗାଏ ଲେଖା ଜଳକା ଆଲୁଅ । ଗୋରୁ ଗାଈ ବାନ୍ଧିବା ବେଳ ଗଡ଼ିଯାଏ, ଦାଣ୍ଡରେ ନିଆଁ ପାଖେ ଆସି ଲୋକେ ବସ୍ଥର ପକେଇଥାନ୍ତି, ମୋର ଗୃହମୁଣ୍ଡି ମଲେ, ଏବର୍ଷ ଚାଷ କେମିତି କରିବ ? ମୋର ସାଙ୍ଗା ସମସ୍ତେ ମରିଗଲେ । ନିଆଁ ଅଙ୍ଗାଠିଏମାନ ଧରି ଗୁହାଳ ଘରେ ପଶି ଘରଣୀମାନେ ଏପାଖ ସେପାଖ ଅନେଇ ଚାହାନ୍ତି ବିକଳ ହୋଇ, ଖାଲି ଖୁଣ୍ଟି ଗୁଡ଼ାକ, କେଉଁ ଗୋଟାକ ଲଙ୍ଗଳା କେଉଁଥିରେ ପଘାଟା ଲଟକିଛି । କେଉଁ କଣରେ ଗୋଟିଏ ଦିଓଟି ଗୋରୁ ଶୋଇ ରହିଛନ୍ତି । ବାକି ସବୁ ଫାଙ୍କା ।

ସେମାନେ ବି ଘରର ଲୋକ, ଏଇ ଗୋରୁମାନେ ଆଉ କୁକୁଡ଼ାମାନେ—ମଣିଷର ସଂସ୍ପର୍ଶରେ ଆସି ବେଳ ଘେନି ଥାନ ଘେନି ତାଙ୍କର ବି ଗୋଟାଏ ଗୋଟାଏ ଇତିହାସ ଥିଲା । ମଣିଷର ସଙ୍ଗୀ ସେମାନେ । କଙ୍କର ମାଟିର ଦିଗବିଜୟୀ ବୀର । ଆଜି ସେମାନେ ଚାଲି ଯାଉଛନ୍ତି । ବିକଳ ଆଖିରେ ଭାଷା ଫୁଟି ଫୁଟି ବାହାରି ବାହାରୁ ନାହିଁ, ଚିରଦିନକୁ ଶେଷ ।

ରୁପ୍‌ଫାଜାନର ଇଲଇଜ୍ ଖଟୁନାହିଁ । କିନ୍ତୁ ତା'ର ଆଦର କମି ନାହିଁ । ଦଶାରି ହେବା ପୂର୍ବରୁ ସୁଦ୍ଧା ସେ ଜଡ଼ି ବୁଟି ଔଷଧ ମୋଷଦ କାରବାର ଭଲ ଜାଣିଥିଲା । ଏବେ ତା ସାଙ୍ଗେ ମିଶିଛି ଠାକୁରଙ୍କ ଆଶୀର୍ବାଦ, ଗୋଷ୍ଠୀର ପୌରୋହିତ୍ୟ । ସେ ଚାଷରୁ ଫେରି

ଝୁଲମୁଣି କାନ୍ଧରେ ପକେଇ ଗୋରୁଶାଳରୁ ଗୋରୁଶାଳ ବୁଲୁଥାଏ, କେଉଁଠି ଧୂପ ଦିଏ, କେଉଁଠି ଖାଲି ମନ୍ତ୍ର ବୋଲିବୋଲି ବେମାରିଆ ଗୋରୁମାନଙ୍କ ଗାଲରେ ଚଟକଣା ପିଟେ, କେଉଁଠି ଔଷଧ ଟିକିଏ ଦିଏ । ତା'ର ଚିକିତ୍ସାରେ ଗୋରୁ ମରନ୍ତି ତଥାପି ସେ ନ ଗଲେ ନ ଚଳେ ।

ଲୋକେ କହନ୍ତି—ଆଜି ଯଦି ପୁରୁଣା ଦିଶାରି ବଞ୍ଚିଥାନ୍ତା—ରୁପାଜାନ ପରିଶ୍ରମ କରେ ସିନା, ଜାଣେ କ, ନ ଜାଣେ କ—କରେ ଦିଶାରି, ଯେମିତି ପୂଜା ଦେଲୁ, କାହିଁ ବଞ୍ଚିଲେ ନାହିଁ ତ, ମୋର ତିନିମୁଣ୍ଡ ଯାକ ଗଲେ—

ରୁପାଜାନକୁ ଆଶ୍ଚର୍ଯ୍ୟ ଲାଗେ, ଭାବେ ଲୋକେ କେଡ଼େ ଅକୃତଜ୍ଞ । ହଁ ଦୁନିଆର ରୀତି ତ ଏହିପରି, କ'ଣ କରାଯାଏ ? ସେ ସମସ୍ତଙ୍କୁ ଖୁସି କରିବାକୁ ଚେଷ୍ଟା କରେ, ଏକୁଟିଆ ଜୀବନଟାକୁ ବିସର୍ଜନ ଦେଇ ବଣଭିତରେ ପଶି କେତେ ଅଚିହ୍ନା ଗଛ ଲଟା ଯୋଗାଡ଼କରି ଆଣେ । କେତେ ପ୍ରକାର ଜନ୍ତୁଙ୍କର ଶୁଖିଲା ପୁଅ, କେଉଁଠୁ ହାଡ଼ ଆଣେ, କେଉଁଠୁ ଗୋଡ଼ ଆଣେ, ଭୂଷ୍ଟିରୁ ଭୂଷ୍ଟିରୁ ହୋଇ ନାନାପ୍ରକାର ଅଙ୍ଗଭଙ୍ଗୀ କରି ଲୋକଙ୍କୁ ଦେଖାଇ ଦେଖାଇ ସେ ଔଷଧ ତିଆରି କରେ । ତଥାପି ତା କାନରେ ବାଜେ ଲୋକଙ୍କର ଟିପ୍ପଣୀ—ରୁପାଜାନ ପାରିବ ନାହିଁ, ନୂଆଲୋକ ଦେଖିବା—ଗୋଟେ କନ୍ଧ ଦିଶାରି ଦେଖିବା—ଗାଡ଼ାଖୋଲାରେ ବିଙ୍ଗୁ ସାଉଁତାର ଭାଇ ଚିକ୍ଣୁ କନ୍ଧ ଅଛି । ଲୋକେ ଗାଁ ନାଇକକୁ ବ୍ୟତିବ୍ୟସ୍ତ କରିପକାନ୍ତି, ବାରିକ ଗୁଁଡେର ଡମ୍ ସମସ୍ତଙ୍କ କଥାକୁ ହୁଁ ହାଁ କରି ଆଦ୍ଧର ବଢ଼େଇ କହେ । ନାଇକ ମୁଣ୍ଡ ଠୁଙ୍ଗାରେ,—ରୁପାଜାନ୍ ଦେଖେ ।

ଦିନେ ସକାଳେ ରୁପାଜାନ ଗାଁ ଲୋକଙ୍କୁ ଏକାଠି କଲା । ତା'ର ବାଳ ମୁକୁଳା ହୋଇଥିଲା, ଆଖି ନାଲନାଲ ଦିଶୁଥିଲା, ଆଖିପତା ବସି ଯାଇଥିଲା । ରୁପାଜାନ କହିଲା, କାଲି ରାତିରେ ଦାଦ୍ଦ-ବୁଢ଼ା ମତେ ସପନେଇଁ ଥିଲା, କଭୟାଂକାରିଆ ଦିଶୁଥିଲା ସେ, କହିଲା, ଗାଁରେ ଘୋର ଅନାଚାର ଚାଲିଯାଇଚ୍ଛି । ଗାଁ ନାଇକର ଝିଅ ପରଜା ଜାତି ହୋଇ ଡମୁଣୀ ମାଇକିନା ନେଇ ପଳେଇଗଲା । ନାଇକ ବି ଜାତି ହେଲା ନାହିଁ, ଭୋଜିଭାତ ଦେଲା ନାହିଁ, ସେମିତି ରହିଗଲା । ମୁଁ ଦାଦ୍ଦ-ବୁଢ଼ା, ସମସ୍ତିଙ୍କ ଉପରେ ମୋର ଅଧିକାର, ମତେ ଅମାନ୍ୟ କଲେ କେମିତି ସହିବି ମୁଁ କହ ତ । ଯାଆର ପ୍ରତିକାର କର, ନହେଲେ ସବୁ ନଶେଇ ଦେବି, ସବୁ ନଶେଇ ଦେବି, ଜାଣି ଥା । ଗାଁର ପାଞ୍ଚ ପଞ୍ଚାଏତ୍ ବସିଥିଲେ, ସବୁ ବଡ଼ସାନ । ନାଇକ ବେକ ଭାଙ୍ଗିଦେଲା, କହିଲା—ମୋର ସବୁ ସରିଗଲା, ଟୋକା ଗଲା, ପୋ ଗଲା, କେବେ ତ ମୁଁ ଦାଦ୍ଦ-ବୁଢ଼ାକୁ ଅମାନ୍ୟ କରି ନାହିଁ । କାହିଁକି ସେ ଏମିତି କହିଲା ? ରୂପାଜାନ କହିଲା, ମତେ ସପ୍ନ ହେଲା ମୁଁ କହିଲି । ଯାହା ଦେଖିଲି, ଯାହା କହିବାକୁ ମତେ ହୁକୁମ୍ ହେଲା ତା କହିଲି । ମୁଁ କ'ଣ ମନରୁ କିଛି ଲଗେଇ ଦେଉଚ୍ଛି ।? ସମସ୍ତେ ମୁଣ୍ଡ ଟୁଙ୍ଗାରି କହିଲେ, ସତ୍ କଥା, ସତ୍ କଥା ।

ଅତଏବ ରାମ ନାଇକ ପ୍ରାୟଶ୍ଚିତ୍ତ ଭୋଜି ଦେଲା ।

ସେତେବେଳକୁ ବହଳ ଶୀତ ଛାଡ଼ି ଗଲାଣି, ମଞ୍ଜି ଥରେଇ ଦେଉଚ୍ଛି, ଗାଁର ବାରପଣ ଗୋରୁଗାଈ, ଚଉଦପଣ କୁକୁଡ଼ା ମରି ସାରିଲେଣି, ଅନହୁତି ରୋଗ ଛାଡ଼ିଗଲା ।

ରୁପାଜାନ ଗର୍ବରେ ବେକ ଫୁଲେଇଦେଇ ଘରିଆଡ଼େ କହି ବୁଲିଲା— ଦେଖିଲ ତ, ମୁଁ କ'ଣ କହୁଥିଲି, ତା'ର ପ୍ରତିଷ୍ଠା

ବଢ଼ିଗଲା । ଗାର୍ଣ୍ଣାଖୋଲାର ଶକୁନ କନ୍ଧ ନାଁ ଆଉ କେହି ତୁଣ୍ଡରେ ଧରିଲେ ନାହିଁ, ତା'ର ପଞ୍ଚା ଚିରସ୍ଥାୟୀ ହେଲା ।

ଘରପାଖର ବର୍ଷାଧୁଆ ଚକଚକ ଗୋରୁ ହାଡ଼କୁ ଦେଖି ଦେଖି ଲୋକେ ଦୀର୍ଘ ନିଶ୍ୱାସ ପକେଇଲେ, କେହି କେହି କହିଲେ, ଆଗରୁ ଟିକିଏ କହିଲୁ ନାହିଁ ରୁପାଜାନି—।

ରୁପାଜାନି କହିଲା—ଆରେ, ମେଘ, ବାଘ, ଅଧିକାଂଶ ଆଉ ଦେବତା, ଯାଙ୍କର ମନର କଥା କାହାକୁ ଜଣା, ଏଁ—ଯେତେବେଳେ ଯୋଉଟା ମନ ହୁଏ ତାଙ୍କର, ମୁଁ କ'ଣ କରିବି—ଏଁ ?

କିନ୍ତୁ ଶେଷଯାକେ ରୁପାଜାନି ଆପଣାର ପ୍ରଭାବରେ ଅମଙ୍ଗଳକୁ ରୋକି ପାରିଲା ନାହିଁ । ଗୋରୁ ମଢ଼ିକ ନ ଯାଉଣୁ ସେ ଜ୍ୱର ଧରିଦେଲା, ଏକାବେଳକେ ଗାଁର ଅନେକ ଧାଂଡ଼ୀ ବିଭା ହୋଇଗଲେ;—ସ୍ୱାପରେ କୁଆଡ଼େ ବର୍ଷେ ବାହାଘର ବନ୍ଦ । ସାରିଆଦାନ୍ ଗଲା, ସାରିଆ ଫୁଲ୍—ଗଲା, ବୋଡ଼ି, ମୋତି, ରଙ୍ଗିଆ, ଯାଙ୍ଗି, ସମସ୍ତେ ଗଲେ, ଦିନାକେତେ ଭୋଜଭାତ ନିଶାପାଣି ନାଚରେ ଭଲ କଟିଲା । କିନ୍ତୁ ଠିକ୍ ମଗୁଶିର ଶେଷ ଆଡ଼କୁ ପାଖ ଜଙ୍ଗରୁ କାଠକଟାଳି ଲେଉଟିଆସି ଦିନେ କହିଲେ ଯେ ବଣଭିତରେ ବଡ଼ ବାଘର ପାହୁଲ ପଡ଼ିଛି କେତେଠି । ଆଉ ତହିଁର ପାଞ୍ଚ ଦିନ ପରେ, ସଞ୍ଜବୁଡ଼େ, ଠିକ୍ ଗାଁ ଦେଖନ୍ତ୍ରଠାରେ ଗୋଟାଏ ପୋଡ଼ୁ ହୋଇଥିବା ଚନ୍ଦା ପଦରରେ ଜିରୁ ପରଜାକୁ ବାଘ ଧରିଲା । ଲୋକେ ଭୟରେ ଥରିଲେ । ରୁପାଜାନି ପୂଜା ବିଧାନକରି ସେ ବଣଠାକୁ କିଳିଦେଲା । କେହି ସେଠିକି ଗଲେ ନାହିଁ । କାରଣ ଲୋକଙ୍କର ବିଶ୍ୱାସ, ଜିରୁ ପରଜାର ପ୍ରେତାତ୍ମା ବାଘଡ଼ୁମା ହୋଇ ବାଘକୁ ଅନ୍ୟାନ୍ୟ ଲୋକଙ୍କ ପାଖକୁ ନେଇଯିବ । ତିନିଦିନ ପରେ ଦି'କୋଶ ଦୂରରେ ଥିବା ଟେଣ୍ଡ୍ରୀଗୁଡ଼ା ଗାଁର କୋମନା ସାଓଁତା କନ୍ଧକୁ ଯେଉଁ

ଦିନ ବାଘ ଧରିଲା, ତୁଫାଜାନ ବାହାଚୋଟ ମାରି କହିବୁଲିଲା ଦେଖିଲ ତ, ବାଘକୁ କେମନ୍ତ ଭଗେଇ ଦେଲି—ଏବଣରୁ ସେ ବଣକୁ । ଠିକ୍ ସେଦିନ ଉପରଓଳି ଏଇ ଗାଁର ନାଡ଼ୁ ପରଜା ହଜିଲା ବଳଦ ଖୋଜିବାକୁ ଯାଇଥିଲା, ତାକୁ ବାଘ ଖାଇଲା । ତା ପରେ ପରେ ଦିନାକେତେ ଲଗାଏତ ଘରି କୁହୁଡ଼ିଆ ପାଗ ଘୋଟିଲା, ଲୋକେ କହିଲେ 'ବଘେଇ ପାଗ', କିନ୍ତୁ ତା ବୋଲି ସବୁବେଳେ ଘରେ ବସିରହିଲେ ତ ଚଳିବ ନାହିଁ । ହାଟକୁ, ବାଟକୁ, କ୍ଷେତକୁ, କାମ କମାଣିକୁ ଯିବାକୁ ପଡ଼ିବ, ପଞ୍ଝା ପଞ୍ଝା ହୋଇ ଲୋକେ ଅତି ହୁସିଆରରେ ବୁଲିଲେ । ତହିଁରେ ବି ରକ୍ଷା ନାହିଁ । ଘାଟିବାଟେ ଦଶଜଣ ପନ୍ଦରଜଣ ଲୋକ ଚାଲିଥାନ୍ତି । ବାପ୍ପା କୁକୁର ପରି ବାଘ ମାଡ଼ିଆସି ଘୋଷାରି ନେଇଯାଏ । ହେଲା ସେଦିନ, ଗାଁ ମାଇପେ ଗାଧୋଉଥିଲେ ମୁଗାନ୍ ନଈରେ । ତୁଠ ଉପରେ ଆସି ବାଘଟା ଶୋଇ ରହିଲା । ଜିଭ ଲହ ଲହ କରୁଥାଏ । ମାଇପେ ଲଙ୍ଗଳା ହୋଇ ଗାଧୋଉଥାନ୍ତି । ପିନ୍ଧା ଲୁଗାତକ ତୁଠ ପାଖ ଝୋଡ଼ଗଛରେ; ଭୟ ଲାଜକୁ ବି ପରାଭୂତ କଲା, ମାଇପେ ପାଟିକଲେ । ଗାଁ ଭିତରୁ ଚାଳିଶି ପଚାଶ ଲୋକ ଠେଙ୍ଗା ଭାଲା ଧରି ଓହ୍ଲାଇବାରୁ ବାଘଟା ପଳେଇଗଲା । ଦିନା ଦିପଦରେ ଗାଁ ଘରି-ପାଖେ ଡିପ ପଦର ଭୂଇଁରେ ସେ ଡିଆଁ ମାରେ । ବେଳେ ବେଳେ ଟିକଏ ଅନ୍ଧାରେ ପଡ଼ିଗଲେ ଜଳ ଜଳ ଦି'ଟା ତାରା ପରି ତା'ର ସାବ୍ଜା ଇଟାଳିଆ ଆଖିଦିଟା ଏଠି ସେଠି ଜଳି ଲାଗିଥାଏ । ତୁଫାଜାନ ଉଇଁରିଆ ଦେଲା । ହାତରେ ବେକରେ ଅଣ୍ଟାରେ ଲୋକେ ପୁଣି ଗାରିଡ଼ି ମନ୍ତ୍ରରେ ସିଝା କେତେ ଜିନିଷ ବୋଝେଇ ହୋଇଥାନ୍ତି, ତଥାପି ତାଙ୍କୁ ବାଘ ଧରେ । ଏକା ମାସକ ଭିତରେ ସ୍ତ୍ରୀ ପୁରୁଷ ହୋଇ କୋଡ଼ିଏ ଜଣକୁ ବାଘ ଖାଇଲା, ତଥାପି ବଘେଇ ବନ୍ଦ ହେଲା ନାହିଁ ।

ଗାଁ ନଷ୍ଟିଗଲା । ଏମିତି ବଘେଇ କେବେ ହେଲେ ଦେଖା ନ ଥିଲା । ଅନ୍ୟାନ୍ୟ ପାଖଆଖର ଗାଁରେ ବାଘ ଖାଏ, କିନ୍ତୁ ଏ ଗାଁଟା କେମିତି କପାଳ ଜୋରରେ ବଞ୍ଚିଯାଏ, ପାଞ୍ଚ ବର୍ଷରେ ଗୋଟାଏ ହେଲେ ବହୁତ ହେଲା ।

ଆଶଙ୍କାରେ ଛାତି ଦୁଲୁକିଲା । କ'ଣ ହବ ? ନାଇକ ମୁଣ୍ଡରେ ହାତଦେଇ ବସିପଡ଼ି ଭାବେ, ଶିସ୍ତୁ ଦଅାଯିବ କୋଉଠୁ, କାଲି ସକାଳେ ରଜାଘର ଶବନ ଆସି ମାଗି ପକେଇବ । ଭଇତ ଭାବ ଭାବ ହଇଗଣ । ଜଙ୍ଗଲ ଜାଗା ତ, କାଠଖଣ୍ଡେ ଆଣିବାକୁ ହେଲେ ବଣକୁ ଯିବାକୁ ପଡ଼ିବ । ଏ ଗାଁ ଛାଡ଼ି ସେ ଗାଁ ଗଲେ ବଣ । ଏତେ କଥା କାହିଁକି, କ୍ଷେତରେ ଚାଷ ବେଉସା କଲେ ସୁଦ୍ଧା ପାଖରେ ବଣ । ବଣ ଭିତରେ ବାଘ ଲୁଚିଥିବ, କୁଆଡ଼ୁ ଦୌଡ଼ି ଆସି ଧରି ପକେଇଯିବ !

ଦିନେ ବଡ଼ସକାଳେ ବୁଢ଼ା ଜମାଦାର ଜାନ ଗାଁ ମୁଣ୍ଡରେ ବରପଟିଆ ହୋଇ ଠାଏ ଝାଡ଼ାଫେରି ବସିଥାଏ । ସେଠି ଜଙ୍ଗଲ ନାହିଁ, ଖାଲି ଫିଶଘାସ ଛାତି ଉଞ୍ଚରେ ବଢ଼ିଥାଏ, ଭୁଲିଯାଇଥାଏ ମୁରାନ ନଈ କୂଳକୁ ବୋଲି । ହଠାତ୍ ବାଘ ଆସିଲା ତାକୁ ଧରି ଘେନିଗଲା, ଗାଁରେ ହାହାକାର ପଡ଼ିଗଲା ।

ଏତେ ଦୁଃଖରେ ସୁଦ୍ଧା ଲୋକେ ବାଧ୍ୟ ହୋଇ ପଦାକୁ ବାହାରନ୍ତି । ନୋହିଲେ କ୍ଷେତର ପାଚିଗଣ୍ଡିକ ତଳେ ଝଡ଼ିପଡ଼ିବ । ଖାଇ ବଞ୍ଚିବାକୁ ଆଉ କିଛି ନାହିଁ । ତଷା ବଳଦଗୁଡ଼ିକ ମରି ସାରିଛନ୍ତି । ଆର ବର୍ଷକୁ ଚାଷ ବେଉସା ହେବ କେମିତି ତା' ବି ଜଣାନାହିଁ । ଆଉ ଯଦି ଏ ବର୍ଷର କ୍ଷେତର ପାଚି ଘରକୁ ନ ଆସେ, ଲୋକେ ପାକୁ ପାକୁ ହୋଇ ମରିଯିବେ ।

ସବୁଲୋକ ଏକାଠି ହୋଇ ଠେଙ୍ଗା ବର୍ଚ୍ଛା ଟାଙ୍ଗିଆ ଧରି ଆଜି ଯା କ୍ଷେତରେ, କାଲି ତା କ୍ଷେତରେ, କଷ୍ଟାକଷ୍ଟି କାମ କରିଦିଅନ୍ତି। ବେଶୀ ଲୋକ ହୋ ହୋ ହେଉଥିଲେ ବାଘ ଆସିବ ନାହିଁ । କାମ ଧନ୍ଦା ସାରି ରାତି ହେଲେ ଥିରି ହୋଇ ଗାଁରେ ଥାଆନ୍ତି, କୁଆଡ଼କୁ ବାହାରନ୍ତି ନାହିଁ, ଝାଡ଼ା ଫେରନ୍ତି ଓଳିତଳେ, ଗାଁ ଅସନା ହୋଇଯାଏ । ଏହିପରି ସାତଦିନ କଟିଗଲା, କାହାରିକି ବାଘ ଖାଇଲା ନାହିଁ । ତା'ପରେ ଲୋକେ ଟିକିଏ ଢିଲା ହୋଇଗଲେ । ତିରିଶି ଗୁଳିଶି ପରିବର୍ତ୍ତେ ଦଶ ପାଞ୍ଚ ଏକାଠି ହୋଇ ବାହାରିଲେ । ପୁଣି ବାଘ ଖାଇଲା ।

ବାଘ ଯେପରି ଚରମ ନିଦାନ ମୃତ୍ୟୁ । ବାଘର କରାମତି ଦେଖି କେହି ଭୁଲ୍‌ରେ ସୁଦ୍ଧା ଦାନ୍ଦ-ବୁଢ଼ାର କରାମତିକୁ ଅବିଶ୍ୱାସ କଲେ ନାହିଁ । ଲୋକେ କହନ୍ତି, ଯାହାର କପାଳ ପୋଡ଼େ ତାକୁ ବାଘ ଖାଏ, ଆଉ କପାଳ ପୋଡ଼ିବ କି ବଢ଼ିବ ତା'ର ତଥ୍ୟ ଦାନ୍ଦ-ବୁଢ଼ାକୁ ଜଣା । ବାଘ ତାର ଦୂତ । ଏତେଦିନ ଦାନ୍ଦବୁଢ଼ା ହସୁଥିଲା, ସଂସାରରେ ସୁଖ ଥିଲା । ଆଜି କୌଣସି ଅଜଣା କାରଣରୁ ଦାନ୍ଦ-ବୁଢ଼ା କୋପ କରିଛି, ତେଣୁ ବୋହି ଲାଗିଛି ଧ୍ୱଂସର ତୋଫାନ, କେବେ ଯେ ଥମିବ କିଏ ଜାଣେ ।

କାହାରି ଜୀବନରେ ଥାଇତା ନାହିଁ, ଅକାଳ ଆସିଛି । ଗପ କଲେ ଲୋକେ ତର୍କ କରନ୍ତି, କିଏ ସମ୍ଭବତ୍‌ ଦାନ୍ଦବୁଢ଼ାକୁ ରଗେଇ ଦେଇଥାଇ ପାରେ । ଯାର ତା'ର ଦୋଷ ବାଛୁବସି ହୁଅନ୍ତି, କଜିଆ କରନ୍ତି । ଆଗ ଲୋକେ ଧରିଥିଲେ ନାଇକକୁ ଆଉ ଅଲେଇ ବରିଆକୁ । ନାଇକ ସେ ଦେଇଥିବା ଭୋଜି ମନେ ପକେଇଦେଲା, ଶାସ୍ତ୍ରପ୍ରକାରେ ଭୋଜି ଦିଆସରିଛି, ଆଉ କି ଦୋଷ ? ଲୋକେ ଘର-ଘରକୁ ଆଖିଏ ଆଖିଏ ରଖିଲେ, ଏ ତା'ର ସେ ଯାର ଦୋଷଖୋଜିବାକୁ ।

କାମିକା ଲୋକ ପଦାରୁ ବାଧା ପାଇ କୌଣସି ସମାଧାନ ନ ପାଇ ଦିନୁଁ ଦିନ ଚଢ଼ି ଉଠିଲେ । ଖାଲି ଅଶାନ୍ତି ବଢ଼ିଲା । ବାଘ ଖାଉ ଖାଉ ଦିନେ ରାତିରେ ଗାଁକୁ ଆସି କୁଡ଼ିଆଘରୁ ବୁଢ଼ା ପରଜାକୁ ଉଠେଇ ନେଇ ଚାଲିଗଲା । ବୁଢ଼ା ପରଜାର ସ୍ତ୍ରୀ ପାଟି-କରି କାନ୍ଦିଲା, ଲୋକେ ଆସିଲେ । ବୁଢ଼ା ପରଜା ଆଉ ଫେରିଲା ନାହିଁ । ଘଟଣା ଦେଖି ଭୟରେ ଲୋକେ ଥରିଲେ । ଏପରି ଏ ଗାଁରେ ହୋଇଛି, ଚାଷ ଜଗିବାକୁ ନଆଁ ଜାଳି ଲୋକେ ନଗୁଡ଼ିଆ କ୍ଷେତରେ କୁଡ଼ିଆକରି ସେଠି ଶୋଇଛନ୍ତି, ସେଠୁ ବାଘ ଉଠେଇ ନେଇ ଖାଇଚି । ଆଉ ଗାଁ ଭିତରୁ—କ'ଣ ହେଲା ଏ ବର୍ଷ— ?

ଏହିପରି ପାହାଡ଼ ଦେଶରେ କେତେ ଗାଁ ଉଜୁଡ଼ିଛି, ଆଜି ଆଉ ପତ୍ତା ନାହିଁ । ସେହି ଦଶା ଘୋଟିଗଲା ଏ ଗାଁକୁ ବି । ଘରେ ଘରେ ଉପାସ, ଚୂଲି ଜଳୁ ନାହିଁ । ହସ ଚାଲିଯାଇଛି, ଖାଲି ଶୁଖିଲା ସେମେଠା ମୁହଁ । ଗୋରୁ ଗାଈ ଯାହା ବା ବଞ୍ଚିଛନ୍ତି, ତାଙ୍କର ହାଡ଼ ଖଦାକାଠି ପରି ଗଣି ହେଉଛି । ପ୍ରାଣ ଯାଉଚି କି ଆଉଚି । ଘରୁ ଘରୁ କାନ୍ଦଣା ଉଠୁଚି, ବୁଝେଇବ କାହାକୁ କିଏ । ଆଉ ଲୋକେ ଭାଗ୍ୟ ସାଙ୍ଗେ ଛକାପଞ୍ଝା ଖେଳି ତରଂ ତରଂ ହୋଇ ଚାହିଁ ବସିଛନ୍ତି । କ'ଣ ହେବ କେତେବେଳେ, ଲୋକେ ଚାହିଁ ବସିଛନ୍ତି । ଅଶୁଭ ସୂଚନା କେତେ ହେଲା କି, କାଉ କେଉଁଦିଗରୁ କେତେ ଥର କୁଆଡ଼କୁ ଉଡ଼ିଲା । ପେଚା କେଉଁଠୁ ବୋବେଇଲା । ବିଲୁଆ କେଉଁବାଟେ ଦେଖାପଡ଼ିଲା । ପଦାକୁ ବାହାରିଲେ ବି କଅଁଳା ବାଛୁରୀଟାକୁ ଦେଖି ଡର, ବିଲୁଆକୁ ତ ସହଜେ । ସଞ୍ଜ ବୁଡ଼ିଲେ ଏଠିକା ସେଠିକା ଖୁଣ୍ଟା ଅୁଣ୍ଟା ବି ବାଘପରି ଦିଶନ୍ତି । ଲୋକେ ଭୁନ-ଭାନ କୁହାକୋହି ହୁଅନ୍ତି, କୁଦ ଉପରେ ଦାଦି-ବୁଢ଼ା ପାଖେ କୁଆଡ଼େ ବାଘଟା ରାତିରେ ଆସି ବସିଥାଏ, ଆହୁରି ଡରମାଡ଼େ ।

ବୁଦ୍ରା ପରଜାକୁ ନେବା ରାତିରେ ଶାମ ଗୁରୁମାଙ୍କ ମନେ ମନେ ଭାବହେଲା, କ'ଣ ଗୋଟାଏ ନୂଆ ସନ୍ଦେଶ ଯେପରି ତା ପେଟ ଭିତରୁ ତଣ୍ଟିଯାକେ ଉଠିଆସୁଛି । ଗାଁର କାଳସୀ ସେ, ଗୁରୁମାଙ୍କ, ଯେଉଁ ଠାକୁର ଗାଁ ଲୋକଙ୍କୁ କହୁଛି ଖବର ପଠେଇବେ ସେ ଶାମ ଗୁରୁମାଙ୍କୁ ନଚେଇ ନଚେଇ ତା ତୁଣ୍ଡରେ କୁହାଇବେ । ଶାମ ଗୁରୁମାଙ୍କ ଭାରି ଡରକୁଳା ଲୋକ । ଆଜ ତା'ର ମନେହେଲା କୌଣସି ଦେବତା ଯେପରି ତା ଦ୍ୱାରା କହୁଛି କୁହାଇବ କୁହାଇବ ହେଉଛି ।

ସକାଳ ହେଲା, ଶାମ ଗୁରୁମାଙ୍କର ଭାବନାର ଜୋର ଟିକଏ ମାନ୍ଦା ପଡ଼ିଗଲା । ସଞ୍ଜ ବୁଡ଼ିଲା, ପୁଣି ତା'ର ଭାବନା ବଢ଼ିଲା । ସେହି ରାତିରେ ମହାବଳ ବାଘ ଗାଁ ଶୁରିପାଖେ ଟଇନ୍ତରା ମାରି ଘୋର ଗର୍ଜନ କଲା । ଘରର ଚାଳ ଚଉଘେଟରେ ଥରିଯାଏ, ଲୋକେ ଭୟରେ କୁଣ୍ଢାକୁଣ୍ଢି ହୁଅନ୍ତି । ପିଲାଏ କାନ୍ଦିବାକୁ ଆରମ୍ଭ କରି ଥପ୍ କରି ବନ୍ଦ ହୋଇଯାଆନ୍ତି । ଶାମ ଗୁରୁମାଙ୍କ ଆପଣା ଘରେ ଭୟରେ ଥରୁଥାଏ । ଥରି ଥରି ସେ ଭାବୁଥାଏ, ସେ ଶାମ ଗୁରୁମାଙ୍କ ନୁହେଁ, ସେ ଯେପରି ଅନ୍ୟ ଜଣେ କିଏ । କେଉଁ ଦେବତା, ଯେ ଶାମ ଗୁରୁମାଙ୍କର ମନଟା ଦଖଲ କରି ନେଇଯାଇଛି । ପ୍ରତିଥର ବାଘ ରଡ଼ି ଛାଡ଼ିଲେ ସେଇ ଘଡ଼ଘଡ଼ିର ଉପଦ୍ରବରେ ତାଠିଁ ଆଶ୍ରା କରିଥିବା ଦେବତାର କଥା ତା'ର ତୁଣ୍ଡ ଛାଡ଼ି ପଦାକୁ ବାହାରିବାକୁ ଚେଷ୍ଟା କରେ । ଦେବତାର ବାହନ ହୋଇ ଶାମ ଗୁରୁମାଙ୍କ ବରଡ଼ାପତ୍ର ପରି ଥରେ । ତା'ର ଆଖି କସରା ପଡ଼ ନାହିଁ, ସକାଳ ପାହିଲା ତ ସେ ଯାଇ ଦିଶାରି ରୁପାଜାନକୁ ଧରିଲା, କେମିତି କେମିତି ତାକୁ ଲାଗୁଛି ସବୁ କଥା କହିଲା । ନୂଆ ଦିଶାରି ପୁରୁଣା ଗୁରୁମାଙ୍କ କଥାରେ ଅବିଶ୍ୱାସ କରିବାକୁ ଅଧିକାର ନାହିଁ । ସାଙ୍ଗେ ସାଙ୍ଗେ ରୁପାଜାନ ନାଇକ ପାଖକୁ ଗଲା, ମଣ୍ଡୁରିଆ ପାଖକୁ ଗଲା,

ବାଇଦ ମହୁରି କାନଅତଡ଼ା ପକେଇଲା । ବାସି ମୁହଁରେ ପାଣି ନ ଦଉଣୁ ଲୋକେ ଯାଇ ଗାଁ ଭେରମଣ (ମଝିଦାଣ୍ଡ)ରେ ଜମା ହେଲେ, ଯେଉଁଠି ତାଙ୍କର ପିତୃପୁରୁଷଙ୍କ ସ୍ମୃତି ସକାଶେ ଗୋଜଆ ପଥର ଆଉ ଚଟା ପଥର ରହିଛି । ଯେଉଁଠି ନାଟ ଠୁ ପଞ୍ଚାଭିଯାକେ ସବୁ ହୁଏ ।

ଲୋକେ ଧକାଧକ ଠେଲାଠେଲି ହୋଇ ରୁଣ୍ଡିଲେ, ଗାମ ଗୁରୁମାଈ ପାଗଳ ପରି ନାଚୁଥାଏ, ଦିଶାରି ମନ୍ତ୍ର ପଢ଼ୁଥାଏ, ମାଟିରେ କୁକୁଡ଼ା କାଟି ତା'ର ରକ୍ତ ଢାଳୁଥାଏ, ମଦ ଢାଳୁଥାଏ । ଗୁରୁମାଈ ନାଚ ନାଚ ଆହୁରି ପାଗଳ ହୋଇଗଲା । ଆଖିରେ ଅସ୍ୱାଭାବିକ ଜ୍ୟୋତି, ମୁହଁରେ ଅସ୍ୱାଭାବିକ କ୍ରୂରତା,—ନାଚେ, ଲୋଟେ, ଗଡ଼େ, ନାଚେ, ଦଳର କାହାକୁ କାହାକୁ ଗୋଡ଼ାଏ, ବାଜାଦାରଙ୍କୁ ପିଟେ । ବଡ଼ ବିକଟ ନାଚ ସେ, ତାଟଙ୍କା ହୋଇ ଲୋକେ ଦେଖୁଥାନ୍ତି, ଆଉ ଫୁସୁରୁ ଫୁସୁରୁ ହଉଥାନ୍ତି, ସକାଳୁ ଏ କି ଅମଙ୍ଗଳ ସୂଚନା !

ନାଚ ନାଚ ଥେ ହୋଇ ଗୁରୁମାଈ ଗୋଟାଏ ବିକଟାଳ ହସଟାଏ ହସି ଫାଟିପଡ଼ିଲା । ଲୋକେ କତିକୁକତି ଧୁଞ୍ଚିଗଲେ । ଗୁରୁମାଈ ହାଃ ହାଃ ହାଃ ହାଃ ହାଃ ହୋଇ ଆଖି ତରାଟି ଜିଭ ଲହ ଲହ କରି ଦାନ୍ତ ଦେଖେଇ କହିଲା, ଖାଇବି ଖାଇବି ଖାଇବି । ଗଣି ଗଣି ଖାଇଦେଲି ଦୁଇକୋଡ଼ି ତିନି, ଦୁଇକୋଡ଼ି ତିନି—ଖାଇଦେଲି ।

ମୁହଁ ନିରକ୍ତିଆ କରି ନିଶ୍ୱାସ ରୋକି ଲୋକେ ଶୁଣିଲେ, ସେ କହିଲା—ମୁଁ ସବୁଠୁ ବଡ଼ ଠାକୁର ଦାନ୍ଦ-ବୁଢ଼ା, ସବୁ ମୁଁ ଗଢ଼େଁ ସବୁ ମୁଁ ଭାଙ୍ଗେ, ଯେତେବେଳେ ଯୋଉଟା ହୁଏ ମୋର ମନ । ଯାହାକୁ ମୋର ମନ ହେଲା ଖାଇଦେଲି; ଯାହାକୁ ଇଚ୍ଛା ରଖିଲି, ମୋ ଇଚ୍ଛା, ମୋ ମନ, ମୁଁ ସବୁଠୁ ବଡ଼ଠାକୁର ଦାନ୍ଦ-ବୁଢ଼ା । କି ପାଇଁ କିସ୍ ମୁଁ କରେଁ ମତେ ପଚରି ନାହିଁ, ସେଟା ମତେ ଏକା

ଜଣା, ମୁଁ ସବୁଠୁ ବଡ଼, ଦାଦ୍ଦ-ବୁଢ଼ା, ମତେ ପରୁର ନାହିଁ, ମୁଁ କହିବ ନାହିଁ । ଖାଇବାର ଇଚ୍ଛା ହେଲା ଯାହାକୁ ତାକୁ ଖାଇଦେଲି, ରଖିବାର ଇଚ୍ଛା ଯାହାକୁ ହେଲା ତାକୁ ବଞ୍ଚେଇ ରଖିଛି ଏ ପର୍ଯ୍ୟନ୍ତ । ମାତ୍ର ଗୋଟେ କଥା କହିବ କହିବ ହଉଛି ତୁମମାନଙ୍କୁ । ଏ ଆଖପାଖରେ ବେଶୀ ବାଘ-ଢୁମା (ଯାହାକୁ ବାଘ ଖାଏ ତା'ର ପ୍ରେତାତ୍ମା) ମାନେ ଏବେ ରହିଗଲେ । ତୁମେ ସବୁ ଏ ଗାଁ ଭାଙ୍ଗିଦେଇ ଏଠୁ ଉଠି ଚାଲିଯାଅ । ନଇଲେ ତୁମର ଭଲ ହେବ ନାହିଁ । ତୁମକୁ ମୁଁ ସର୍ଜନ କରିଛି । ତୁମର ସୁଖ ହେଲେ ମୋର ସୁଖ, ସେଥିପାଇଁ ତୁମକୁ ଚେତେଇ ଦଉଚି, ଯାଅ ପିଲାମାନେ ଏ ଗାଁ ଛାଡ଼ିଦେଇ ଚାଲିଯାଅ । ବେଳ ଉଦବା ବାଟକୁ ଗାଡ଼ ପାର୍ କି ଡଙ୍ଗରତଳେ ବହୁତ ଜାଗା ପଡ଼ିଚି । ସେଠି ଯାଇ ଘର ଦୁଆର କର, ଏ ଜାଗା ଛାଡ଼ି ଚାଲିଯାଅ । ଏଠିକି ମୋର ସଙ୍ଗୀ ଦେବତାମାନେ ବୁଲିଚାଲି ହେବେ । ବାଘ ଢୁମାମାନେ ରହିବେ । ଏଠି ତୁମକୁ ଭଲ ନାହିଁ । ଯେତେ ଚଞ୍ଚଳ ପାର ବାହାରି ଚାଲିଯାଅ ତୁମେ, ସେଠି ଅଧିକ ଭଲ ହେବ । ତୁମେ ଯେଣେ ଯାଅ ତୁମ ସୁଖ ଦୁଃଖ ବୁଝିବାକୁ ସବୁବେଳେ ମୁଁ ଥିବ ତୁମ ପାଖେ ପାଖେ —ଯାଅ, ଯାଅ, ଯାଅ—

ଗାଁର ସବୁ ଲୋକେ ଲମ୍ବହୋଇ ଭୂଇଁରେ ଦଣ୍ଡବତ ହୋଇ କହିଲେ—ଦାଦ୍ଦ-ବୁଢ଼ା, ତୋର ଇଚ୍ଛା, ତୋର ଦୟା, ରଖିଲେ ତୁ ରଖ, ମାରିଲେ ତୁ ମାର; ମାତ୍ର ତୋ କଥା ଆମେ ମେଣ୍ଟିବୁ ନାହିଁ (ଅମାନ୍ୟ କରିବୁ ନାହିଁ), ତୁଇ କହିଲା ପ୍ରକାରେ ଆମେ ଯିବୁଁ ଏକା—ତୋର ଦୟା ପ୍ରଭୁ ।

ଶାମ ଗୁରୁମାଈ ବେହୋସ ହୋଇ ପଡ଼ିଗଲା, ତା'ର ଠାକୁରଇ ଛାଡ଼ି ଯାଇଥିଲା ।

ଗାଁରେ ଚହଳ ପଡ଼ିଗଲା, ଗାଁ ଭାଙ୍ଗିବାକୁ ପଡ଼ିବ, କେତେ କାଳର ପୁରୁଣା ଗାଁ ଛାଡ଼ି ଚାଲିଯିବାକୁ ପଡ଼ିବ, ପିତୃପୁରୁଷଙ୍କ ହାଡ଼ ପାଉଁଶ ପଛରେ ରହିଯିବ, ଆଉ ଗାଁ ଦାଣ୍ଡରେ ଯେତେ ଗୋଟା ପଥର ଚଟା ପଥର । ଗାନ୍ଧ ପାବ୍‌ଲ ଡଙ୍ଗର ଏଠୁ ଦୂର ନୁହେଁ, ମଝିରେ ଆଉଜୁକା କରୁଛି ପାଟେଡ଼ି ପର୍ବତ ଆଉ ଚାଲିବେଡ଼ା ଜଙ୍ଗଲ; ନୋହିଲେ ଦିଶନ୍ତା । ସେଠି ଗାଁ ବାନ୍ଧିବାକୁ କେଉଁଠି ଅଳି ଅଛି, କାହିଁ ଅଛି ବା ଚାଷ ଭୂମି, କିନ୍ତୁ ଦାଦି-ବୁଢ଼ାର ଆଦେଶ ଅମାନ୍ୟ କରି ହେବ ନାହିଁ, ଯିବାକୁ ହିଁ ହେବ ।

ଏଇ ଶୀତ ଗୋଟାକ ଗଲେ ବଣ ଶୁଖିଯିବ, ତାପରେ ବାଘ ଦାଉ ଊଣା ଅଧିକ କମିଯିବ । ସେତେବେଳେ ହୁଏତ ଏ ଗାଁର ଭୂମି ଚାଷ କରିବାକୁ ବାଧା ନ ଥିବ । କିନ୍ତୁ ନା, ଟାଳଦେବାକୁ ଛାଟି ନାହିଁ କାହାରି । ଦାଦି-ବୁଢ଼ା ଯାହା କହିଦେଲା ସେହି ନିଷ୍ପତ୍ତି ମୁଣ୍ଡ-ପାତି ନେବାକୁ ପଡ଼ିବ । ଯିବାକୁ ହିଁ ହେବ ।

ଏଲଓ ପ୍ରାଚୀନ୍ ନାଇକକୁ ଡାକି କହିଲା, ବାୟା ହେଲୁ ନାଇକ ? କି ଦାଦି-ବୁଢ଼ା, ପାଦି-ବୁଢ଼ା; ପିତୃପୁରୁଷ ବସିଥିଲା ଥାନ ଛାଡ଼ିଦେଇ କୁଆଡ଼େ ଯିବୁ ବାହାରିଛୁ ? ଏତେ ଯତ୍ନରେ ବନ୍ଧା ଘର ଦୁଆର, ଏତିକି ଭୂମି ବାଡ଼ି, ସେଠି କ'ଣ ଅଛି ଯିବୁ ?

ନାଇକ ଦୀର୍ଘ ନିଶ୍ୱାସ ପକେଇ ପକେଇ ଗାଁକୁ ଅନେଇଁ ଭୁକ ଛାନ ଠିଆ ହୋଇଥାଏ ।

କାହିଁକି ଚାଲିଯିବୁ ନାଇକ ? ମୁଁ ବୁଢ଼ାଲୋକ, ମୋ କଥା ମାନ୍, ଖରା ପଡ଼ିଲେ ଏ ବଣେଇ ଛାଡ଼ି ଯାଇଥିବ, କାହିଁକି ଛାଡ଼ୁ

ଦେଶରେ ଯାଇ ହରବର ହବା ? ମରବାଠା ଥିଲେ କଏ ସେ ଅଟକେଇବ, ସେ ସବୁ ବାପ୍ଥା କଥା ଗୁଡ଼ ।

ଗୋଠାଏ ପାଖେ ଗାଁ, ଆରପାଖେ କୁଦ ଉପରେ ବିରାଜମାନ ଦାନ୍ଦ-ବୁଢ଼ା, ତାଙ୍କୁ ମଝିରେ ରଖି ଗୁଡ଼ପାଖେ କ୍ଷେତ । ନାଇକ ମୁଣ୍ଡ ହଲେଇଲା । କହିଲା, ଦୁଇକୋଡ଼ି ତିନଜଣ ଲୋକଙ୍କୁ ବାଘ ଧରି ଧରି ଖାଇଦେଲା, ଗୋରୁ ଗାଈ ଯେତେ ଥିଲେ ସମସ୍ତେ ବେମାରରେ ପଡ଼ି ମଲେ, ଆଉ ଏଠି କି ପାଇଁ ? ତୁମ ଧର୍ମରେ ଦାନ୍ଦ-ବୁଢ଼ା ନାହିଁ, ଆମ ଧର୍ମରେ ଅଛି। ଦାନ୍ଦ-ବୁଢ଼ା କହିଦେଇଚି, ଏବେ ତୁମର ଇଚ୍ଛା; ଆମ୍ଭକୁ ଧରିବ, କି ତୁମ ଧର୍ମକୁ ଧରି ରହିବ ?

ଏଲଓ ପ୍ରାଚୀନ ଆହୁରି ବୁଝେଇବସିଲା । ନାଇକ ଏକା ଜିଦ ଧରିଥାଏ, ଆଉ ଏଠି କି ପାଇଁ ? ଏତିକି ଯେପରି ତା'ର ମନ-ଗହୀରର ନିଭୃତ ଅଭିଯୋଗ । କେଉଁ ଦିନୁଁ ତ ବାଜି ଉଠିଚି, ଦାନ୍ଦ ବୁଢ଼ା ଖାଲି ତା'ର ଉପଲକ୍ଷ ଥିଲା !

ତା'ର ଠେଙ୍ଗାଜାକି ଗୁଳି ଯାଇଛି, ବାହା ଭାଙ୍ଗିପଡ଼ିଛି, ଯେଉଁଠି ବସିଲେ ତା'ର ଏକା କଥା, ଏଠି ଆଉ ଅଧିକା ହୁଅନ୍ତା କଣ ? ଏଲଓ ପ୍ରାଚୀନ ସାହିକୁ ଯାଇ ଜାତିଭାଇଙ୍କୁ ଡାକି ବହୁତ ପ୍ରକାର ବୁଝେଇଲା, ଏ ପରଜା ଲୋକ ଭାରି ଡରୁଆ, ଆଉ ଏମିତି ମଣିଷ—ଯାହା ବୁଝିଲେ ସେଇଆ । ଏମାନେ ଯିବେ ଯାଉନ୍ତୁ, ଆମେ କାହିଁକି ଯିବୁଁ ? ଏଥର ତ ଗାଁ ଛାଡ଼ି ଗୁଳି ଯାଉଛନ୍ତି, ମାଗି ଦେଲେ ଜମି ବାଡ଼ି ଶସ୍ତାରେ ଆମ୍ଭକୁ ବିକିଦେବେ, ଆମେ ଏଠି ରହିବା, ଏମାନେ ଯାଉନ୍ତୁ । ମୋଟେ ଦଶଘର ବାରଘର ଡମ୍, ଏଲଓ ତାଙ୍କୁ ବୁଝେଇ ପାରିଲା ନାହିଁ । ସେମାନେ କହିଲେ, ଏ ବଣ ଭିତରେ ଏକୁଟିଆ ଆମେ ରହି କି ଫଳ ? ସେ ଯେଉଁ ବନସ୍ତ, ଛୁଞ୍ଚି ଫୁଟି ଫୁଟି ବାଡ଼ିଉର । ଢଲୁ ବାଛାଡିବାକୁ ହେବ ନାହିଁ, ବାହାର

ଜୀବନକୁ ଡର ନାହିଁ ଏଠି ଏକୁଟିଆଠା ପଡ଼ିଥିବ ? ସେମାନେ ସକାଳେ ଗାଁ ଦାଣ୍ଡରେ ଗୁରୁମାଈର ବକଟାଲ ନାଚ ଦେଖିଥିଲେ, ତାଁର କଥା ଶୁଣୁଥିଲେ । ମନଭିତର କେଉଁ ଆଦିମ ବିଶ୍ୱାସ ଭୂଇଁରେ ଦାନ୍ଧ-ବୁଢ଼ାର ଚେର ପଶିଥିଲା । ଏଲଓ ପ୍ରାଚୀନ ପାରିଲା ନାହିଁ ।

ବିଶାଖ ଯାଇ ନୂଆ ସ୍ଥଳୀରେ ଶୁଭ ଦେଲା । ନାଇକ ଓ ରଇତ ମାନେ ଯାଇ ସେଠି ଚଷ ପକେଇଲେ । ଏପାଖେ ଗାନ୍ଧ ପାର୍ବିଳି ପର୍ବତ ସେପାଖେ ପାଟେଙ୍ଗି ପର୍ବତ, ମଝିରେ ଖୁବ୍ ବଡ଼ ଉପତ୍ୟକା । ସେଠି ଏବେ ଜଙ୍ଗଲ ଭର୍ତ୍ତି, କ୍ରମେ କ୍ରମେ ଜଙ୍ଗଲ ଯାଇ ବିଛେଇ ହୋଇଯିବ ଧାନଜମି ମାଣ୍ଡିଆ ଜମି । ଗାନ୍ଧ ପାର୍ବୁଲର ଢାଲୁ ତଳେ ନୂଆ ଗାଁ, ସେଠି ମୁସ୍ତାନ୍ ନଈ ଓସାରିଆ ହୋଇଛି । ଦୁପାଖ ପର୍ବତରୁ ନଈ ଆଡ଼କୁ ବୋହି ଆସୁଛି କେତେ ମଠୁଆ ମଠୁଆ ଝୋଲା । ସେଇଆକୁ ନଗିଡ଼ା କରିଦେଇ ବନ୍ଧ ପକେଇଦେଲେ ଅନେକ ଧାନ ଜମି ବାହାରି ପଡ଼ିବ । ଏହି ବର୍ଷ ଖରାଦିନେ ଦୁପାଖ ପର୍ବତ ଢାଲୁରେ ଗଛ ହାଣିଦେଇ ନିଆଁ ଲଗେଇଦେଲେ ସବୁ ସଫା ହୋଇଯିବ । ତାପରେ ବାହାରିବ ମାଣ୍ଡିଆ ପଦର, ଶୁଆଁ ପଦର; ଅଳସି ପଦର, ହରଡ଼ ପାଇଁ, ଜଡ଼ା ପାଇଁ, କ୍ଷେତ । ଦାନ୍ଧ-ବୁଢ଼ା କହିଚ ଏଠି ଆହୁରି ଅଧିକ ଭଲ ହେବ ।

ଜମି ଚଷିବାକୁ ଦାନ୍ଧ-ବୁଢ଼ା ମନାକରି ନାହିଁ । ସେ ଗାଁର ଜମି ଏଗାଁର ଜମି, ଯେତେଦିନ ଚୁଲେଇ ହେବ ଦୁଇଗାଁର ଜମି । ପାଟେଙ୍ଗି ପର୍ବତ ଅଡ଼ୁକା କରିଛି ସିନା, ହେଇ ଏହାର ସେ ପାଖଟା ତ ।

ଗାଁର ସାହିସବୁ ଚିହ୍ନଟ ହେଲା, ପରଜା ସାହି, ଡମ୍ ସାହି, ମଝି ରାସ୍ତା, ପାଣି ଆଣିଯିବା ରାସ୍ତା, ଗାଧୁଆ ତୁଠସବୁ, ସେଠି ପୂଜା ଦିଆ ହେଲା, ସବୁ ପବିତ୍ର କରିଦେଲା । ଆଗ ସାନସାନ ଛାଳି

ପଥର କୁଢ଼ଆ । ତାପରେ ଘରଭିଆର ହେବ ଅଳ୍ପ ଅଳ୍ପ ହୋଇ । ଟିକଏ କଷ୍ଟ ପଡ଼ିବ, ପରେ ସବୁ ସୁଧୁରିଯିବ ।

ଦିନ ପାଞ୍ଚଟାରେ ସବୁ ଜିନିଷ ବୁହାହୋଇ ଗଲା । ପୁରୁଣା ଘରଭଙ୍ଗା ଭଲଭଲ କାଠବାଉଁଶ ସୁଦ୍ଧା ଘରର ଛାଟି, କବାଟ, ଚୌକାଠ, ପୁରୁଣା ଗାଁରୁ ନୂଆ ଗାଁକୁ ଧାର ଲାଗି ଲାଗି ଦିନେ ଧାର ବି ବନ୍ଦହେଲା ।

ପୁରୁଣା ଗାଁ ଭାଙ୍ଗିଗଲା, ନୂଆ ଗାଁ ଗଢ଼ା ଆରମ୍ଭ ହେଲା ।

ସେମାନେ ଚାଲିଗଲେ—

ଛାଡ଼ି ଦେଇଗଲେ ଖାଲି ମଝିଦାଣ୍ଡରେ ଗୁଡ଼ାଏ ଗୋଡ଼ଆ ପଥର, ଚଟା, ପଥର, ଫଟାଦଦରା ହାଣ୍ଡିଶାଳ ଗୁଡ଼ାଏ ଘର, ନଭଲା ଚୂଲିର କୁଢ଼ କୁଢ଼ ପାଉଁଶ ।

ସେମାନେ ଚାଲିଗଲେ ଗୋଟାଏ ତୋଫାନ ପରି, ଆଉ ଏବେ ସବୁ ଶୂନ୍‌ଶାନ । ଏଠି ଆଉ ଛାତଭିତରୁ ଧୂଆଁ ଉଠିବ ନାହିଁ, ଦାଣ୍ଡରେ ଗୋବର ଅଳଆ କୁଢ଼ ହେବ ନାହିଁ, ଘର ଦୁଆରେ ପିଲାଏ ଧୂଳି କରିବେ ନାହିଁ । ସଞ୍ଜବୁଢ଼େ ପାଖ ବଣରୁ ରାସ୍ତାଏ ରାସ୍ତାଏ ଗୋରୁ ମଣିଷଙ୍କ ଧାରଲାଗିଲା ନାହିଁ । ଜହ୍ନ ରାତିରେ ହୁଲସ୍ଥୁଲ୍ ହୋଇ ନାଚଲାଗିବ ନାହିଁ ।

କଳି ଗୋଳ ନାହିଁ, ହସ ଖୁସି ନାହିଁ, ଚାରିଦିନ ସବୁ ଭୁନଭାନ୍ ।

ଆଉ କୁଦ ଉପରେ ଖଜୁରି ଗଛର ଦାଦ-ବୁଢ଼ା, ଯାହାକୁ ମଣିଷ ଗଢ଼ିଥିଲା, ଯାହାକୁ ମଣିଷ ଛାଡ଼ିଦେଇ ଚାଲିଗଲେ ତା'ର ପିଣ୍ଡ ବି ଏ ପରିତ୍ୟକ୍ତ ଧ୍ୱଂସ ଭିତରେ ଗୋଟାଏ ଶବ । ତା'ର ଅମର ଆତ୍ମା ଜନ୍ମ ହେବ ଯାଇ ଆଉ କେଉଁ ଗାଁରେ । ସେଠି ପୁଣି ସେ ଧାଂଗ୍ଡ଼ୀ ନଚେଇବ । ମୂଥ ମୂଥ କରି ଛୁଆପିଲା ଅଣ୍ଡାଡ଼ ଦେବ ଆମ୍ବ-

କଷି ପର । ଭେଳକ ଲଗେଇଦ୍ଦ । ଅଜାଡ଼ି ଦେବ । ଧୋଇ ମରୁଡ଼ି ମଡ଼କ ଚରନ୍ତନ ସେ ।

ଧୀରେ ଧୀରେ ଗୁଳସବୁ ଭାଙ୍ଗିପଡ଼ିଲା, ଭିଇ ଧାର ଲାଗିଗଲେ, କାନ୍ଥ ଭାଙ୍ଗିଯାଇ ହେଲା ମାଟି କୁଢ଼, ଜଙ୍ଗଲ ଗୃପି ଆସିଲା, ମାଡ଼ି ଆସିଲା, କେଉଁଠା ଏଠି ଧାଂଡ଼ୀବସା ? ଧାଂଡ଼ୀବସା ଘର କେଉଁଠି ଠୋକାଏ ଠୋକାଏ ଗୃତ୍ତି ଗୃତ୍ତି ଅନନ୍ଦ୍ରା ହୋଇ ଗୀତରେ ଡୁଙ୍ଗୁଡୁଙ୍ଗାରେ ଭଲ ଖାଇବାର ପସରା ମେଲ ଦେଉଥିଲେ ? ଠେଙ୍ଗାଜାକ ସାରିଆଦାନ୍ ବାହା ହୋଇଥାନ୍ତେ, ଘର କରିଥାନ୍ତେ, କେଉଁଠା ଏଠି ସେ ଅଧା ଚୋଳାଘର, କାହିଁ ?

କୁଦ ଉପରେ ହୁଙ୍କାବୁଢ଼ା ଦାନ୍ଧି-ବୁଢ଼ାର ଉପରେ ମାଡ଼ି ବସିଲା ।

ଦୁଇ ବୁଢ଼ା ହେଲେ ଏକ ଅଦ୍ୱୈତ ।